ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075


# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ
ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004 | Vol. : 45/ Issue : 193 | Brahmapur | Monday 24 August 2026 | ବର୍ଷ: ୪୫/ ଅଙ୍କ: ୧୯୩ | ସୋମବାର ୨୪ ଅଗଷ୍ଟ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦


### ଗଡ଼କରୀଙ୍କୁ ଚିଠି ଲେଖିଲେ ସାଂସଦ ଧର୍ମେନ୍ଦ୍ର

## ଏନ୍ଏଚ୍-୫୫ ରାସ୍ତାର ତୁରନ୍ତ ମରାମତି ହେଉ

ସମ୍ବଲପୁର, ୨୩।୮ (ଆନିସ): ଓଡ଼ିଶାର ପ୍ରମୁଖ ପରିବହନ ଓ ଲଜିଷ୍ଟିକ୍ସ କରିଡର ଭାବେ ପରିଚିତ ୫୫ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ନେଇ ଚିନ୍ତାପ୍ରକଟ କରିଛନ୍ତି ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥର ତୁରନ୍ତ ରକ୍ଷଣାବେକ୍ଷଣ ବା ମରାମତି ସହ ଖାଲଢିପ ସମସ୍ୟାର ସମାଧାନ ପାଇଁ ସେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଏକ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି । ସାଂସଦ ଶ୍ରୀ ପ୍ରଧାନ ଚିଠିରେ ଦର୍ଶାଇଛନ୍ତି ଯେ, ସମ୍ବଲପୁର, ଅନୁଗୋଳ ଓ କଟକକୁ ଯୋଡ଼ୁଥିବା ଏନଏଚ୍- ୫୫ ହେଉଛି ରାଜ୍ୟର ଅନ୍ୟତମ ମୁଖ୍ୟ ଜୀବନରେଖା । ମାତ୍ର ଲଗାଣ ବର୍ଷା ଓ ଅତ୍ୟାଧିକ ଗାଡ଼ିର ଯାତାୟତ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ କିଛି ଜାଗାରେ ରାସ୍ତା ନଷ୍ଟ ହୋଇଯାଇଛି । ଏହାଫଳରେ ଯାତ୍ରୀ ଓ ପଣ୍ୟବାହୀ ଯାନବାହନ ଚଳାଚଳରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି । ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ଓ ନିୟମିତ ଯାତାୟାତ କରୁଥିବା ଲୋକେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଲଗାଣ ବର୍ଷା ଓ ଜଳବନ୍ଦୀ ଯୋଗୁଁ ରାସ୍ତାର ଅବସ୍ଥା ଆହୁରି ସଙ୍ଗୀନ ହୋଇପଡ଼ିଛି। ପାଣି ଜମି ରହିବା ଦ୍ୱାରା ଗଭୀର ଖାଲଗୁଡ଼ିକ ଚିହ୍ନଟ କରିବା କଷ୍ଟକର ହୋଇପଡ଼ୁଛି। ରାସ୍ତାର ଦୂରାବସ୍ଥା ଯୋଗୁଁ ସଡ଼କ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଇବା ସହ ଗମନାଗମନ ଓ ଯୋଗାଯୋଗ ବାଧାପ୍ରାପ୍ତ ହେଉଛି। ଓଡ଼ିଶାର ପଶ୍ଚିମ ଓ ଉପକୂଳ ଭାଗକୁ ଯୋଡ଼ିବା ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ପରିବହନ ପାଇଁ ଏହି ମୁଖ୍ୟ ସଡ଼କପଥର ଅତ୍ୟାବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ କାର୍ଯ୍ୟ କରାଯିବା ଆବଶ୍ୟକ।

ବ୍ୟକ୍ତିଗତ ସ୍ତରରେ ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ନେଇ ସମ୍ବଲପୁରରୁ କଟକ ମଧ୍ୟରେ ଥିବା ରାସ୍ତାର ତୁରନ୍ତ ମରାମତି ଏବଂ ଖାଲ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି । ଏହି ପଦକ୍ଷେପ ସାଧାରଣ ଜନତାଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ଯାତାୟାତ ସୁନିଶ୍ଚିତ ହୋଇପାରିବ ବୋଲି ସେ କହିଛନ୍ତି।

# ଲଗାଣ ବର୍ଷାରେ ବେହାଲ ନବରଙ୍ଗପୁର

ନବରଙ୍ଗପୁର, ୨୩।୮ :ନବରଙ୍ଗପୁରଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ସାରା ଜିଲ୍ଲାରେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ । କେଉଁଠି ରାସ୍ତା ଧୋଇଛି ତ କେଉଁଠି ଘରେ ପାଣି ପଶିବା ଭଳି ପରିସ୍ଥିତି ଯୋଗୁଁ ଲୋକେ ଅସୁବିଧାରେ ରହିଛନ୍ତି । ଝରିଗାଁ ଅଞ୍ଚଳରେ ଗତକାଲି ଠାରୁ ଲଗାଣ ବର୍ଷା ଲାଗି ରହିଛି। ଦୀର୍ଘ ଦିନର ବ୍ୟବଧାନ ପରେ ଝରିଗାଁ ବ୍ଲକରେ ଏଭଳି ବର୍ଷା ହୋଇଥିବା କୁହା ଯାଉଛି। କେଉଁଠି ବର୍ଷା ପାଣିରେ ରାସ୍ତା ଧୋଇଯାଇଛି ତ ଆଉ କେଉଁଠି ଆପ୍ରୋଜ ରାସ୍ତାକୁ ବ୍ୟାପକ କ୍ଷତି ପହଞ୍ଚାଇଛି। ସେହିଭଳି ଅନେକ ସ୍ଥାନରେ ରାସ୍ତା ଉପରେ ଆଣ୍ଠୁଏ ବର୍ଷା ପାଣି ପ୍ରବାହିତ ହେଉଥିବା ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ଘରେ ଘରେ ବର୍ଷା ପାଣି ପ୍ରବେଶ କରିଥିବାରୁ ସାଧାରଣ ଜନତା ନାହିଁ ନଥିବା ଯନ୍ତ୍ରଣା ଭୋଗୁଛନ୍ତି। ଲଗାଣ ବର୍ଷା ଯୋଗୁଁ ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ଅନ୍ତର୍ଗତ ଚିକିଲି ନଦୀର ସୁରକ୍ଷା ପାଚେରୀ ସହ ପ୍ରାୟ ୨୦ ଫୁଟ ରାସ୍ତା ଧୋଇ ଯାଇଛି। ନଦୀ ନିକଟରେ ଥିବା ଗଛ ଗୁଡିକ ମୂଳରୁ ଉପାଡି ହୋଇ ଯାଇଛି। କାର୍ଲ୍ଲାମାଲ ଠାରୁ କେବିଡ଼ି ଓ କେବିଡ଼ି ଠାରୁ ବରପାଣି ଗ୍ରାମ ଯିବା ରାସ୍ତାରେ ଥିବା ନାଳ ନିକଟରେ ମଧ୍ୟ ପ୍ରାୟ ୧୦ ଫୁଟର ରାସ୍ତା ବର୍ଷା ପାଣିରେ ଧୋଇ ଯାଇଛି। ଫଳରେ ରେଖାମାଲ ଗ୍ରାମ ସହ



ଢେଫଗୁଡ଼ା, କୁର୍ଲୁ ଭଟ୍ଟା, ଧୁମାମ, କେବିଡ଼ି, ଗଇଁଚଚରା, କରାଡଙ୍ଗରି, ବରପାଣି, କାଳିଆପାଣି ଗ୍ରାମର ଲୋକମାନଙ୍କ ପାଇଁ ଯାତାୟାତରେ ସମସ୍ୟା ଦେଖାଦେଇଛି। ସେହିଭଳି ଝରିଗାଁ-ଡ଼ାବୁଗାଁ ରାସ୍ତାର ରାମସା ଗ୍ରାମ ନିକଟରେ ଥିବା ନଦୀର ନିର୍ମାଣ କାମ ଚାଲିଥିବା ବେଳେ ଏପ୍ରୋଜ ରାସ୍ତା ବର୍ଷା ପାଣିରେ ଧୋଇ ହୋଇଛି। ଫଳରେ ଝରିଗାଁ-ଡ଼ାବୁଗାଁ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଫୁପୁଗାଁ ପୋଲ ଉପର ଦେଇ ବର୍ଷା ପାଣି ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି। ବଡନୀ ଗ୍ରାମ ଠାରୁ ରାମସା ଗ୍ରାମ ରାସ୍ତାରେ ଆଣ୍ଠୁଏ ଉପରେ ବର୍ଷା ପାଣି ବହୁଥିବା ଯୋଗୁଁ ଯାତାୟାତ ସମସ୍ୟା ଦେଖାଦେଇଥିଲା। ଚଟା ପଞ୍ଚାୟତର ଗବାଗୁଡା, ପାର୍ଲିଆଗୁଡ଼ା, ଦାବିରିମୁଣ୍ଡା, ଭେଜିଗୁଡ଼ା, ଛୁଇଁମାଟିଗୁଡ଼ା ଭଳି ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଗୁଡିକ ଉପରେ ବର୍ଷା ପାଣି ପ୍ରଭାବିତ ହେଉଥିବା ଯୋଗୁଁ ଯାତାୟତ ସମସ୍ୟା ହୋଇଥିଲା। ବଡ଼ଟେମେରା ପଞ୍ଚାୟତ ଟାଙ୍ଗିନୀ ଗ୍ରାମରେ ଏବଂ ବାଣୁଆଗୁଡ଼ା ପଞ୍ଚାୟତର କୁହୁରାକୋଟ ଗ୍ରାମରେ ବର୍ଷା ପାଣି ଏବଂ କଂଗ୍ରା ଗ୍ରାମରେ ଚିକଣା ନଦୀର ପାଣି ଘର ଘର ଭିତରେ ପ୍ରବେଶ କରି ଖାଦ୍ୟ ସାମଗ୍ର ସହ ଆବାସ ପତ୍ର ନଷ୍ଟ ହୋଇଥିବା ସୂଚନା ମିଳିଛି। ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ଝରିଗାଁ ବ୍ଲକର ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇ ପଡିଥିବା ବେଳେ ବିଭିନ୍ନ ନଦୀ ପାର୍ଶ୍ୱରେ ହୋଉଥିବା ଧାନ ଚାଷ ଗୁଡିକ ନଷ୍ଟ ହେବା ଚାଷୀ ଆଶଙ୍କା କରୁଛନ୍ତି। ବର୍ଷା ଯୋଗୁଁ କଂଗ୍ରା ଗ୍ରାମର ବିଦ୍ୟା ପୂଜାରୀ, ମନଦେବ ଦଳପତି ଏବଂ ଉର୍ମିଳା ମାଝୀ ପାଲିଆ ପଞ୍ଚାୟତ ଅନ୍ତର୍ଗତ ସିରମାଗୁଡ଼ା ଗ୍ରାମର ତୁଳାବତୀ ସାନ୍ତାଙ୍କ ଘର ଭାଙ୍ଗି ଯାଇଥିବା ସୂଚନା ମିଳିଛି।ଆଜି ଅପରାହ୍ଣ ପ୍ରାୟ ୧ ଘଣ୍ଟା ସମୟ ପରେ ଝରିଗାଁ ବ୍ଲକରେ ବର୍ଷା କମିବା ପରେ ବିଭିନ୍ନ ଗ୍ରାମକୁ ଯାତାୟତ ସ୍ୱବାବିକ ହୋଇଥିଲା।

## ସିମ୍ ପାଇଁ ବାୟୋମେଟ୍ରିକ୍ ପ୍ରମାଣୀକରଣ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୨୩।୮: ନୂଆ ମୋବାଇଲ୍ ସିମ୍ ଲାଗି ବାୟୋମେଟ୍ରିକ ପ୍ରମାଣୀକରଣକୁ ବାଧ୍ୟତାମୂଳକ କରାଯାଇଛି। ପୁରୁଣା ସିମ୍ ବଦଳାଇବା ଓ ନୂଆ ସିମ୍ ନେବାକୁ ହେଲେ ଏହି ନିୟମ ମାନିବାକୁ ପଡ଼ିବ। ଆଧାର ନମ୍ବର ଜରିଆରେ ଗ୍ରାହକଙ୍କ ଇ-କେଓ୍ୱାଇସି କରାଯିବ। ଯେଉଁମାନଙ୍କର ଆଧାର ନାହିଁ ସେମାନେ ଡି-କେଓ୍ୱାଇସି ପ୍ରକ୍ରିୟା ଦେଇ ଗତି କରିବେ। ତେବେ ଦିବ୍ୟାଙ୍ଗ କିମ୍ବା ଅନ୍ୟ କୌଣସି କାରଣରୁ ଯେଉଁମାନଙ୍କର ଇ-କେଓ୍ୱାଇସି ସମ୍ଭବ ହେବନାହିଁ, ସେମାନେ ମଧ୍ୟ ଡି-କେଓ୍ୱାଇସି କରିପାରିବେ। ଇ-କେଓ୍ୱାଇସି ପ୍ରକ୍ରିୟାରେ ଆବେଦନକାରୀ ଗ୍ରାହକଙ୍କ ଚେହେରାର ଛବିକୁ ସିଧାସଳଖ ସଂଗ୍ରହ କରାଯିବ ଓ ତାହା ସେ ଦେଇଥିବା ଫଟୋ ସହ ମିଶୁଛି ନା ନାହିଁ ତାହା ଯାଞ୍ଚ କରାଯିବ। ସେହିପରି ତାଙ୍କର ଠିକଣା ଓ ପରିଚୟ ସମ୍ପର୍କିତ କାଗଜପତ୍ରର ନକଲକୁ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ସିଧାସଳଖ ଗ୍ରହଣ କରାଯିବ। ଦରକାର ପଡ଼ିଲେ ଗ୍ରାହକଙ୍କ ପରିଚୟ ଯାଞ୍ଚ ପାଇଁ ଟେଲିକମ୍ ସେବା ପ୍ରଦାନକାରୀମାନେ ସିଧାସଳଖ ଗ୍ରାହକଙ୍କ ଘରକୁ ଯିବେ କିମ୍ବା ପୁଲିସ ନେଇ ପହଞ୍ଚିପାରିବେ। ପୁରୁଣା ସିମ୍‌କୁ ବଦଳାଇବା, ସିମ୍ ସହ ଜଡ଼ିତ ଥିବା ନାମ, ଲିଙ୍ଗ କିମ୍ବା ଜନ୍ମ ତାରିଖରେ ପରିବର୍ତ୍ତନ କରିବାକୁ ହେଲେ ମଧ୍ୟ ବାୟୋମେଟ୍ରିକ୍ ପ୍ରମାଣୀକରଣ କରିବାକୁ ହେବ। ସେହିପରି କୌଣସି ଟେଲିକମ୍ ସଂଯୋଗକୁ କେବଳ ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ପରିବର୍ତ୍ତନ କରାଯାଇପାରିବ। ତେବେ ସେଥିପାଇଁ ନୂଆ ଗ୍ରାହକଙ୍କୁ ପୁରୁଣା ଗ୍ରାହକଙ୍କ ମୃତ୍ୟୁ ପ୍ରମାଣପତ୍ର ଓ ବାୟୋମେଟ୍ରିକ୍ ଆଇଡି ଦେବାକୁ ପଡ଼ିବ। ବ୍ୟବସାୟିକ ସଂସ୍ଥା ନେଇଥିବା ମୋବାଇଲ୍ ସଂଯୋଗର ବ୍ୟବହାରକାରୀ ବଦଳିଲେ, ନୂଆ ବ୍ୟବହାରକାରୀଙ୍କ ଯାଞ୍ଚ ପ୍ରକ୍ରିୟା ପୂରଣ କରିବାକୁ ପଡ଼ିବ।

### ଲୋକସଭା ଅଧିବେଶନ ସରିବାର ୧୦ ଦିନ ପରେ ବି ହେଲାନି ଅବସାନ

## ସୀମା ନିର୍ଦ୍ଧାରଣ ବିଲ୍ ପାଇଁ ସଂଖ୍ୟା ଯୋଗାଡ଼ ଚାଲିଛି : ଜୟରାମ ରମେଶ


ନୂଆଦିଲ୍ଲୀ, ୨୩।୮: ଲୋକସଭାର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ମୁଲତବୀ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଧିବେଶନର ଔପଚାରିକ ଅବସାନ ହୋଇନାହିଁ । ଏହି ବିଳମ୍ବକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଘେରିଛି । ସାଧାରଣତଃ ଅଧିବେଶନ ଅନିର୍ଦ୍ଦିଷ୍ଟ ସମୟ ପାଇଁ ମୁଲତବୀ ହେବାର ଦୁଇରୁ ଚାରି ଦିନ ମଧ୍ୟରେ ଏହାର ଔପଚାରିକ ଅବସାନ ହୋଇଥାଏ । କିନ୍ତୁ ଏଥର ୧୦ ଦିନ ବିତିଯାଇଥିଲେ ମଧ୍ୟ ଏହା ହୋଇନଥିବାରୁ ପ୍ରଶ୍ନ ଉଠିଛି ।

କଂଗ୍ରେସ ମହାସଚିବ ତଥା ଯୋଗାଯୋଗ ବିଭାଗ ଦାୟିତ୍ୱରେ ଥିବା ଜୟରାମ ରମେଶ ଏହି ବିଳମ୍ବକୁ 'ଅସ୍ୱାଭାବିକ' ବୋଲି କହିଛନ୍ତି । ସେ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଉଠାଇଛନ୍ତି ଯେ, ସରକାର କୌଣସି ବିଶେଷ ରାଜନୈତିକ ଗଣିତ ପ୍ରସ୍ତୁତ କରୁଛନ୍ତି କି ଜୟରାମ ରମେଶଙ୍କ ମୁଖ୍ୟ ପ୍ରଶ୍ନ ହେଉଛି, ସୀମା ନିର୍ଦ୍ଧାରଣ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ସରକାର ଆବଶ୍ୟକ ସମର୍ଥନ ଯୋଗାଡ଼ କରୁଛନ୍ତି କି ତାଙ୍କ ମତରେ, ଯଦି ସେଭଳି କୌଣସି ପ୍ରୟାସ ଚାଲିଛି, ତେବେ ଲୋକସଭାର ଅଧିବେଶନ ଅବସାନରେ ବିଳମ୍ବ ତାହା ସହ ଜଡ଼ିତ ହୋଇପାରେ । ସାଧାରଣ ସଂସଦୀୟ ପ୍ରକ୍ରିୟାକୁ ଉଲ୍ଲେଖ କରି ରମେଶ କହିଛନ୍ତି ଯେ, ଲୋକସଭା ଅନିର୍ଦ୍ଦିଷ୍ଟ ସମୟ ପାଇଁ ମୁଲତବୀ ହେବା ଏବଂ ଔପଚାରିକ ଭାବେ ଅଧିବେଶନ ଅବସାନ ମଧ୍ୟରେ ସାଧାରଣତଃ ଦୁଇରୁ ଚାରି ଦିନର ବ୍ୟବଧାନ ରହିଥାଏ । କେତେକ ସମୟରେ ମୁଲତବୀ ଓ ଅବସାନ ଏକେ ଦିନରେ ମଧ୍ୟ ହୋଇଥିବା ଉଦାହରଣ ରହିଛି । ତେଣୁ ଅଗଷ୍ଟ ୧୩ରେ ଅଧିବେଶନ ମୁଲତବୀ ହେବା ପରେ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଏହାର ଔପଚାରିକ ଅବସାନ ନହେବାକୁ ନେଇ କଂଗ୍ରେସ ସରକାରଙ୍କ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଛି । ଏହି ବିଳମ୍ବ ପଛରେ କ'ଣ ରହସ୍ୟ ରହିଛି ଏବଂ ସରକାର କୌଣସି ବଡ଼ ବିଲ୍ ପାଇଁ ରାଜନୈତିକ ସମର୍ଥନ ଯୋଗାଡ଼ କରୁଛନ୍ତି କି ନାହିଁ, ତାହା ସ୍ପଷ୍ଟ କରିବାକୁ କଂଗ୍ରେସ ଚାହୁଁଛି ।

ସୀମା ନିର୍ଦ୍ଧାରଣ ପ୍ରସଙ୍ଗ ଭାରତୀୟ ରାଜନୀତିରେ ଏକ ସମ୍ବେଦନଶୀଳ ବିଷୟ । ଏହା ସହ ଲୋକସଭା ଆସନର ପୁନଃବଣ୍ଟନ ଏବଂ ବିଭିନ୍ନ ରାଜ୍ୟର ରାଜନୈତିକ ପ୍ରତିନିଧିତ୍ୱ ଭଳି ପ୍ରସଙ୍ଗ ଜଡ଼ିତ ରହିଛି । ତେଣୁ ଏ ସମ୍ପର୍କିତ କୌଣସି ସମ୍ବିଧାନ ସଂଶୋଧନ ବିଲ୍ ଆସିଲେ ଏହାକୁ ନେଇ ଜାତୀୟ ସ୍ତରରେ ବଡ଼ ରାଜନୈତିକ ଚର୍ଚ୍ଚା ହେବା ସମ୍ଭାବନା ରହିଛି । ଏବେ ପ୍ରଶ୍ନ ହେଉଛି, ଲୋକସଭା ଅଧିବେଶନ ଅବସାନରେ ଏହି ଅସାଧାରଣ ବିଳମ୍ବ କେବଳ ପ୍ରଶାସନିକ ପ୍ରକ୍ରିୟାର ଅଂଶ ନା ଏହା ପଛରେ କୌଣସି ବଡ଼ ରାଜନୈତିକ ଗଣିତ ରହିଛି । କଂଗ୍ରେସର ଅଭିଯୋଗ ପରେ ଏହି ପ୍ରସଙ୍ଗ ଏବେ ଜାତୀୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି ।

## ଭାରତର ରକେଟ୍ ଉତ୍କ୍ଷେପଣ ଖର୍ଚ୍ଚ ସବୁଠୁ ଅଧିକ

ନୂଆଦିଲ୍ଲୀ, ୨୩।୮: ଭାରତର ମହାକାଶ କାର୍ଯ୍ୟକ୍ରମକୁ କମ୍ ଖର୍ଚ୍ଚରେ ବଡ଼ ସଫଳତା ହାସଲ କରିବାର ଉଦାହରଣ ଭାବେ ସାରା ବିଶ୍ୱରେ ଦେଖାଯାଏ । କିନ୍ତୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଓ ଇଟାଲୀର ପଲିଟେକ୍ନିକୋ ଡି ଟୋରିନୋର ଗବେଷକଙ୍କ ନୂଆ ଅଧ୍ୟୟନ ଏହି ଧାରଣା ଉପରେ ପ୍ରଶ୍ନ ଉଠାଇଛି । ଅଧ୍ୟୟନ ଅନୁସାରେ, ପ୍ରମୁଖ ମହାକାଶ ଶକ୍ତିଙ୍କ ମଧ୍ୟରେ ଭାରତର ରକେଟ୍ ଉତକ୍ଷେପଣ ଖର୍ଚ୍ଚ ପ୍ରତି କିଲୋଗ୍ରାମ ପିଛା ସବୁଠୁ ଅଧିକ । ଗବେଷକ ଆଲେସିଓ ଟେର୍ଜି ଓ ଫ୍ରାନ୍ସେସ୍କୋ ନିକୋଲି ୧୯୬୦ରୁ ୨୦୨୫ ପର୍ଯ୍ୟନ୍ତ ୬,୭୪୦ରୁ ଅଧିକ ରକେଟ୍ ଉତକ୍ଷେପଣର ତଥ୍ୟ ବିଶ୍ଳେଷଣ କରିଛନ୍ତି । ଅଧ୍ୟୟନ ଅନୁସାରେ, ୨୦୨୫ରେ ଭାରତରେ ନିମ୍ନ ପୃଥିବୀ କକ୍ଷପଥକୁ ଏକ କିଲୋଗ୍ରାମ ଓଜନର ଉପଗ୍ରହ ପଠାଇବାର ହାରାହାରି ଖର୍ଚ୍ଚ ୧୩,୩୦୨ ଡଲାର ରହିଥିଲା । ଅନ୍ୟପକ୍ଷରେ ଆମେରିକାରେ ଏହି ଖର୍ଚ୍ଚ ୩,୨୨୫ ଡଲାର, ଜାପାନରେ ୫,୨୮୭



ଡଲାର, ଚୀନରେ ୫,୮୦୯ ଡଲାର, ରୁଷିଆରେ ୬,୬୮୨ ଡଲାର ଏବଂ ୟୁରୋପରେ ୯,୮୯୭ ଡଲାର ରହିଛି । ବିଶ୍ୱର ହାରାହାରି ଉତକ୍ଷେପଣ ଖର୍ଚ୍ଚ ପ୍ରତି କିଲୋଗ୍ରାମ ପିଛା ୩,୮୬୮ ଡଲାର ଥିଲା । ଅର୍ଥାତ୍ ଆମେରିକା ତୁଳନାରେ ଭାରତର ଏହି ଖର୍ଚ୍ଚ ପ୍ରାୟ ୪ ଗୁଣ ଅଧିକ ।ତେବେ ଭାରତର ଖର୍ଚ୍ଚ ଅଧିକ ଦେଖାଯିବା ପଛରେ ରକେଟ୍‌ର ଆକାର ଓ ବହନ କ୍ଷମତା ଏକ ବଡ଼ କାରଣ ବୋଲି ଗବେଷକମାନେ କହିଛନ୍ତି । ଭାରତୀୟ ରକେଟ୍‌ଗୁଡ଼ିକ ସାଧାରଣତଃ ତୁଳନାମୂଳକ କମ୍ ଓଜନର ଉପଗ୍ରହ ବହନ କରୁଥିବାରୁ ରକେଟ୍ ପ୍ରସ୍ତୁତି ଓ ଉତକ୍ଷେପଣର ସ୍ଥିର ଖର୍ଚ୍ଚ କମ୍ ଓଜନ ଉପରେ ବଣ୍ଟିତ ହୁଏ । ଫଳରେ ପ୍ରତିକିଲୋଗ୍ରାମ ଖର୍ଚ୍ଚ ଅଧିକ ଦେଖାଯାଏ । ଅଧ୍ୟୟନରେ ରକେଟ୍ ଉତକ୍ଷେପଣର ସଂଖ୍ୟା ଓ ଅଭିଜ୍ଞତାର ପ୍ରଭାବ ମଧ୍ୟ ବିଶ୍ଳେଷଣ କରାଯାଇଛି । ଅଧିକ ସଂଖ୍ୟାରେ ରକେଟ୍ ଉତକ୍ଷେପଣ କରୁଥିବା ଦେଶଗୁଡ଼ିକ ପ୍ରଯୁକ୍ତି, ଉତ୍ପାଦନ ଓ ପରିଚାଳନାରେ ଅଧିକ ଅଭିଜ୍ଞତା ହାସଲ କରିଥାନ୍ତି । ଏହାଦ୍ୱାରା ଧୀରେ ଧୀରେ ଉତକ୍ଷେପଣ ଖର୍ଚ୍ଚ କମିଥାଏ । ଆମେରିକା ଏ କ୍ଷେତ୍ରରେ ବିଶେଷ ଲାଭ ପାଇଛି । ବାରମ୍ବାର ରକେଟ୍ ଉତକ୍ଷେପଣ ସହ ପୁନଃବ୍ୟବହାରଯୋଗ୍ୟ ରକେଟ୍ ପ୍ରଯୁକ୍ତି ଆମେରିକାର ଖର୍ଚ୍ଚ କମାଇବାରେ ବଡ଼ ଭୂମିକା ନେଇଛି । ଭାରତ, ଚୀନ, ରୁଷିଆ ଓ ଜାପାନରେ ଏଭଳି ଖର୍ଚ୍ଚ ହ୍ରାସର ପ୍ରଭାବ ସେତେଟା ସ୍ପଷ୍ଟ ଦେଖାଯାଇନାହିଁ । ଏହି ଅଧ୍ୟୟନ ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ ଭାରତ ମହାକାଶ କ୍ଷେତ୍ରରେ ଘରୋଇ ସଂସ୍ଥାଗୁଡ଼ିକର ଭାଗୀଦାରି ବଢ଼ାଇବା ସହ ବିଶ୍ୱ ବଜାରରେ ଉତକ୍ଷେପଣ ସେବାର ବଡ଼ କେନ୍ଦ୍ର ହେବାକୁ ଲକ୍ଷ୍ୟ ରଖିଛି । ତେଣୁ ଉତକ୍ଷେପଣ ଖର୍ଚ୍ଚ କମାଇବା ଭାରତୀୟ ମହାକାଶ କ୍ଷେତ୍ର ପାଇଁ ଆଗାମୀ ଦିନରେ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ ।

### ଜାହାଜ ବୁଡ଼ି ଘଟଣା, ଦୁର୍ଭାଗ୍ୟଜନକ କହିଲେ କେନ୍ଦ୍ରମନ୍ତ୍ରୀ

ଜଗତସିଂହପୁର, ୨୩/୦୮ : ପାନାମା ଜାହାଜ ଓସେନ ଓ୍ୱିନର ବୁଡି ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ । ଏହାକୁ ସେ ଦୁର୍ଭାଗ୍ୟଜନକ କହିବା ସହ ଉଦ୍ଧାରକାର୍ଯ୍ୟ ଜାରି ରହିଥିବା ପ୍ରକାଶ କରିଛନ୍ତି । ସେ ଟ୍ୱିଟ୍ ଯୋଗେ କହିଛନ୍ତି ଯେ, ଘଟଣାକୁ ନେଇ ସେ ଚିନ୍ତିତ ଅଛନ୍ତି । ଏହା ଏକ ଦୁର୍ଭାଗ୍ୟଜନକ ଘଟଣା । ଉଦ୍ଧାରକାର୍ଯ୍ୟ ଚାଲିଛି । ଏବେସୁଦ୍ଧା ଜାହାଜର ଦୁଇ ଜଣ ସଦସ୍ୟଙ୍କୁ ଉଦ୍ଧାର କରାଯାଇଥିବା ସେ ପ୍ରକାଶ କରିଛନ୍ତି । ସେମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି । ସୂଚନାଯୋଗ୍ୟ,ଓଡ଼ିଶା ଉପକୂଳରେ ପାନାମା ମାଲବାହୀ ଜାହାଜ ବୁଡ଼ି ଯାଇଥିବା ବେଳେ ସମୁଦ୍ରରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

### ଖଣି ସମ୍ପଦକୁ ନେଇ ମୁହାଁମୁହିଁ

## ବିଜେଡିର ଆନ୍ଦୋଳନ ଡାକ, କଂଗ୍ରେସ ମାଗିଲା ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର, ୨୩।୮: ସଂଶୋଧିତ ବିଲ୍‌କୁ ନେଇ ଓଡ଼ିଶାରେ ରାଜନୈତିକ ବିବାଦ ଏବେ ତୀବ୍ର ହୋଇଛି । ବିଲ୍‌କୁ ବିରୋଧ କରି ବିଜେଡି ଆନ୍ଦୋଳନ ଚେତାବନୀ ଦେଇଥିବା ବେଳେ କଂଗ୍ରେସ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡାକିବାକୁ ଦାବି କରିଛି । ଅନ୍ୟପଟେ ରାଜ୍ୟ ସରକାର ଏହି ପ୍ରସଙ୍ଗରେ ବିରୋଧୀଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ବିଜେଡି ଅଭିଯୋଗ କରିଛି ଯେ ସଂଶୋଧିତ ବିଲ୍ ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବ । ଦଳର ନେତାମାନେ କହିଛନ୍ତି, ଓଡ଼ିଶାରେ ଖଣିଜ ସମ୍ପଦ ଥିବା ବେଳେ ଏହାର ପ୍ରଦୂଷଣ ଓ ଅନ୍ୟାନ୍ୟ ପ୍ରଭାବ ରାଜ୍ୟବାସୀ ସହିବେ । କିନ୍ତୁ ରାଜ୍ୟକୁ ମିଳିବାକୁ ଥିବା ଆର୍ଥିକ ଲାଭ କମିଗଲେ ଓଡ଼ିଶାର ସ୍ୱାର୍ଥ କ୍ଷତିଗ୍ରସ୍ତ ହେବ । ବିଜେଡିର ଅଭିଯୋଗ ଅନୁସାରେ, ୨୦୨୪ରେ ସୁପ୍ରିମକୋର୍ଟଙ୍କ ରାୟ ପରେ ରାଜ୍ୟଗୁଡ଼ିକୁ ଖଣିଜ ସମ୍ପଦରୁ ବକେୟା ଅର୍ଥ ପାଇବାର ଅଧିକାର ମିଳିଥିଲା । ଦଳ ଦାବି କରିଛି ଯେ ଏହାଦ୍ୱାରା ଓଡ଼ିଶା ବଡ଼ ଆର୍ଥିକ ଲାଭ ପାଇପାରିଥାନ୍ତା । କିନ୍ତୁ ନୂଆ ବ୍ୟବସ୍ଥା ଯୋଗୁଁ ରାଜ୍ୟର ଏହି ଆୟ ଉପରେ ପ୍ରଭାବ ପଡ଼ିବ ବୋଲି ବିଜେଡି ଆଶଙ୍କା ପ୍ରକାଶ କରିଛି । ଏହି ପ୍ରସଙ୍ଗରେ ବିଜେଡି ବିଜେପିକୁ ମଧ୍ୟ ଟାର୍ଗେଟ କରିଛି । ଦଳୀୟ ନେତାଙ୍କ କହିବା ଅନୁସାରେ, ଓଡ଼ିଶାର ବିଜେପି ସାଂସଦମାନେ ଏହି ବିଲ୍ ପାରିତ ହେବା ସମୟରେ ରାଜ୍ୟର ସ୍ୱାର୍ଥ ପାଇଁ ଆବଶ୍ୟକ ପ୍ରତିବାଦ କରିନାହାନ୍ତି । ଏହାକୁ ନେଇ ବିଜେଡି ନେତାମାନେ ବିଜେପିକୁ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି । ବିଜେଡି ଆହୁରି କହିଛି ଯେ ଆବଶ୍ୟକ ପଡ଼ିଲେ ଏହି ପ୍ରସଙ୍ଗରେ ଦଳ ଅର୍ଥନୈତିକ ଅବରୋଧ ଭଳି ବଡ଼ ଆନ୍ଦୋଳନକୁ ଓହ୍ଲାଇବ । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ସେପଟେ କଂଗ୍ରେସ ମଧ୍ୟ ପ୍ରସଙ୍ଗରେ ସରକାରଙ୍କୁ ଘେରିଛି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଛନ୍ତି ଯେ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଏଭଳି ଏକ ବଡ଼ ପ୍ରସଙ୍ଗରେ ବିଧାନସଭାରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ । ତେଣୁ ଏଥିପାଇଁ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସ ଦାବି କରିଛି । କଂଗ୍ରେସର ଅଭିଯୋଗ ହେଉଛି, ସୁପ୍ରିମକୋର୍ଟଙ୍କ ନିୟମ ଅନୁସାରେ ରାଜ୍ୟଗୁଡ଼ିକ ଖଣିଜ ସମ୍ପଦ ସମ୍ପର୍କିତ ବକେୟା ଅର୍ଥ ପାଇପାରିବେ । ଝାଡ଼ଖଣ୍ଡ ଏହି ବକେୟା ଅର୍ଥ ଆଦାୟ କରିଥିବା ବେଳେ ଓଡ଼ିଶା ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେଇନଥିବା କଂଗ୍ରେସ ଅଭିଯୋଗ କରିଛି । କଂଗ୍ରେସ ନେତାମାନେ କହିଛନ୍ତି, ଏହି ପ୍ରସଙ୍ଗରେ ସରକାର ସ୍ପଷ୍ଟ ଆଭିମୁଖ୍ୟ ନନେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ । ଏପରିକି ଖଣି ଅଞ୍ଚଳରେ ବଡ଼ ଜନଆନ୍ଦୋଳନ କରିବାକୁ ଦଳ ଚେତାବନୀ ଦେଇଛି । ଏହି ରାଜନୈତିକ ତାତି ମଧ୍ୟରେ ସରକାରଙ୍କ ପକ୍ଷରୁ ପ୍ରତିକ୍ରିୟା ରଖିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ବିରୋଧୀଙ୍କ ସ୍ୱତନ୍ତ୍ର ଅଧିବେଶନ ଦାବି ପ୍ରସଙ୍ଗରେ ସେ କହିଛନ୍ତି ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ଆଗାମୀ ଅଧିବେଶନ ସମ୍ପର୍କରେ ନିୟମ ଅନୁସାରେ ନୋଟିଫିକେସନ ଆସିବ ବୋଲି ସେ କହିଛନ୍ତି । ଫଳରେ ବିଲ୍‌କୁ ନେଇ ରାଜ୍ୟର ରାଜନୀତି ଆହୁରି ଗରମ ହୋଇଛି । ବିଜେଡି ଓ କଂଗ୍ରେସ ଉଭୟ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେଉଥିବା ବେଳେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସ୍ପଷ୍ଟ କରିଛନ୍ତି । ଆଗାମୀ ବିଧାନସଭା ଅଧିବେଶନରେ ଏହି ପ୍ରସଙ୍ଗ ରାଜ୍ୟ ରାଜନୀତିର ଏକ ବଡ଼ ମୁଦ୍ଦା ହେବା ସମ୍ଭାବନା ରହିଛି ।

## ଜାତୀୟ ମହାକାଶ ଦିବସରେ ଜେନ୍-ଜିଙ୍କୁ ମୋଦିଙ୍କ ପ୍ରାଧାନ୍ୟତା

ନୂଆଦିଲ୍ଲୀ, ୨୩/୮: କାହାରି ହାତରେ ଥିଲା କାଗଜର ଏରୋପ୍ଲେନ୍, କାହାରି ଆଖିରେ ଥିଲା ଆକାଶ ଛୁଇଁବାର ସ୍ୱପ୍ନ। ସେହି ଛୋଟ ଛୋଟ ସ୍ୱପ୍ନ ଆଜି ଭାରତର ମହାକାଶ ଅଭିଯାନକୁ ନୂଆ ଉଚ୍ଚତା ଦେଉଛି। ଦେଶର ଯୁବପିଢ଼ିଙ୍କ ପ୍ରତିଭା ଓ ସୃଜନଶୀଳତାକୁ ନେଇ ଜାତୀୟ ମହାକାଶ ଦିବସ ଅବସରରେ ଏଭଳି ଉତ୍ସାହଭରା ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ଜାତୀୟ ମହାକାଶ ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଯୁବପିଢ଼ିଙ୍କୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆହ୍ୱାନ ଦେଇଛନ୍ତି। ଅଧିକ ନୂଆ ଜିନିଷ ଉଦ୍ଭାବନ କରିବା ସହ ନୂଆ ସୀମା ଅତିକ୍ରମ କରିବାକୁ ସେ ଯୁବପିଢ଼ିଙ୍କୁ କହିଛନ୍ତି। ତାଙ୍କ ମତରେ, ଭାରତର ମହାକାଶ କ୍ଷେତ୍ରର ଆଗାମୀ ଯାତ୍ରାରେ ଯୁବପିଢ଼ିଙ୍କ ଭୂମିକା ସବୁଠାରୁ ବଡ଼ ହେବ। ମୋଦୀ କହିଛନ୍ତି, ଭାରତ ପାଖରେ ତ୍ରିରଙ୍ଗା ଅଛି, ଭାରତ ପାଖରେ ମହାକାଶ ଅଛି ଏବଂ ୧୪୦ କୋଟି ଦେଶବାସୀଙ୍କ ସ୍ୱପ୍ନ ରହିଛି। ଏହି ସ୍ୱପ୍ନକୁ ନେଇ ଭାରତ ଆଗକୁ ବଢ଼ିବା ସହ ବିଶ୍ୱରେ ନିଜର ସ୍ଥାନକୁ ଆହୁରି ବିସ୍ତାର କରୁଛି। ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସଂକଳ୍ପରେ ମହାକାଶ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଦେଶର ଜେନ୍-ଜି ଇଞ୍ଜିନିୟର, ଡିଜାଇନର, କୋଡର ଓ ବୈଜ୍ଞାନିକମାନେ ଆଜି ନୂଆ ନୂଆ ପ୍ରଯୁକ୍ତି ବିକଶିତ କରୁଥିବା କହିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରୋପଲସନ୍ ସିଷ୍ଟମ୍‌ଠାରୁ କମ୍ପୋଜିଟ୍ ସାମଗ୍ରୀ, ରକେଟ୍ ପର୍ଯ୍ୟାୟଠାରୁ ସାଟେଲାଇଟ୍ ପ୍ଲାଟଫର୍ମ ପର୍ଯ୍ୟନ୍ତ ବିଭିନ୍ନ ଜଟିଳ କ୍ଷେତ୍ରରେ ଯୁବ ପ୍ରତିଭାମାନେ କାମ କରୁଛନ୍ତି। କିଛି ବର୍ଷ ପୂର୍ବରୁ ଯାହା କଳ୍ପନା କରିବା ମଧ୍ୟ କଷ୍ଟକର ଥିଲା, ଆଜି ଭାରତର ଯୁବପିଢ଼ି ସେହି କ୍ଷେତ୍ରରେ ନୂଆ ଉଦ୍ଭାବନ କରୁଛି।

ମହାକାଶ କ୍ଷେତ୍ରରେ ଭାରତୀୟ ଯୁବପିଢ଼ିର ଏହି ପ୍ରତିଭା ଦେଶର ସୀମା ମଧ୍ୟରେ ସୀମିତ ନାହିଁ। ଭାରତର ମହାକାଶ ପ୍ରତିଭା ବିଶ୍ୱସ୍ତରରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ତିଆରି କରୁଛି। ଭାରତର ମହାକାଶ କ୍ଷେତ୍ର ମଧ୍ୟ ବିଶ୍ୱ ନିବେଶକଙ୍କ ପାଇଁ ଆକର୍ଷଣୀୟ କ୍ଷେତ୍ରରେ ପରିଣତ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ମହାକାଶ ଅଭିଯାନ କେବଳ ବୈଜ୍ଞାନିକ ଓ ଇଞ୍ଜିନିୟରଙ୍କ ମଧ୍ୟରେ ସୀମିତ ରହିନାହିଁ। ଇସ୍ରୋର ସଫଳତା ଦେଶର ଲକ୍ଷ ଲକ୍ଷ ପିଲାଙ୍କ ମନରେ ବୈଜ୍ଞାନିକ ହେବାର ସ୍ୱପ୍ନ ଜନ୍ମ ଦେଉଛି। ରକେଟ୍‌ର କାଉଣ୍ଟଡାଉନ୍ ଟିଭି କିମ୍ବା ମୋବାଇଲ୍‌ରେ ଦେଖୁଥିବା ପିଲାମାନେ ଆଜି ନିଜ ଭବିଷ୍ୟତକୁ ମହାକାଶ ସହ ଯୋଡ଼ିବାକୁ ଚାହୁଁଛନ୍ତି।

ଘର ଅଗଣାରେ କାଗଜର ଏରୋପ୍ଲେନ୍ ଉଡ଼ାଉଥିବା ଛୋଟ ପିଲା ଆଜି ବଡ଼ ହୋଇ ଏରୋନଟିକାଲ୍ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖୁଛି। କେହି ବୈଜ୍ଞାନିକ ହେବାକୁ ଚାହୁଁଛି, ଆଉ କେହି ରକେଟ୍ ତିଆରି କରିବାର ସ୍ୱପ୍ନ ଦେଖୁଛି। ଏହି ପରିବର୍ତ୍ତନ ଭାରତର ମହାକାଶ ଅଭିଯାନର ସବୁଠାରୁ ବଡ଼ ସଫଳତା ମଧ୍ୟରୁ ଗୋଟିଏ ବୋଲି କୁହାଯାଇପାରେ। ଭାରତର ମହାକାଶ ଯାତ୍ରାରେ ଚନ୍ଦ୍ରଯାନ-୩ ଏକ ଐତିହାସିକ ମାଇଲଖୁଣ୍ଟ। ୨୦୨୩ ଅଗଷ୍ଟ ୨୩ରେ ଚନ୍ଦ୍ରଯାନ-୩ର ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ କରିଥିଲା। ଏହି ସଫଳତା ପରେ ଅଗଷ୍ଟ ୨୩କୁ ଜାତୀୟ ମହାକାଶ ଦିବସ ଭାବେ ପାଳନ କରାଯାଉଛି।

ଚନ୍ଦ୍ରଯାନ-୩ର ସଫଳ ଅବତରଣ ଭାରତର ବୈଜ୍ଞାନିକ ଓ ପ୍ରଯୁକ୍ତିଗତ କ୍ଷମତାକୁ ସାରା ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିଥିଲା। ଏହି ମିଶନର ସଫଳତା ପରେ ଦେଶର ମହାକାଶ କାର୍ଯ୍ୟକ୍ରମକୁ ନେଇ ନୂଆ ଆଶା ଓ ଆତ୍ମବିଶ୍ୱାସ ସୃଷ୍ଟି ହୋଇଥିଲା। ଏହି ଐତିହାସିକ ସଫଳତାକୁ ଆଧାର କରି ଭାରତ ଏବେ ମହାକାଶ କ୍ଷେତ୍ରରେ ଆହୁରି ବଡ଼ ଲକ୍ଷ୍ୟ ଆଡ଼କୁ ଆଗେଇ ଚାଲିଛି। ଏଥିରେ ଦେଶର ଯୁବପିଢ଼ି ହେବେ ସବୁଠାରୁ ବଡ଼ ଶକ୍ତି। ତେଣୁ ଜାତୀୟ ମହାକାଶ ଦିବସରେ ମୋଦୀଙ୍କ 'ବଡ଼ ସ୍ୱପ୍ନ ଦେଖ' ଆହ୍ୱାନ କେବଳ ଏକ ବାର୍ତ୍ତା ନୁହେଁ, ବରଂ ଆଗାମୀ ଭାରତର ମହାକାଶ ଯାତ୍ରା ପାଇଁ ଯୁବପିଢ଼ିଙ୍କୁ ଏକ ବଡ଼ ଦାୟିତ୍ୱର ସଙ୍କେତ ମଧ୍ୟ ଦେଉଛି।

## ଓଡ଼ଗାଁ ଶ୍ରୀରଘୁନାଥଜିଉଙ୍କ ମନ୍ଦିରରେ ଝୁଲଣପର୍ବ ଆରମ୍ଭ



ଓଡ଼ଗାଁ,୨୩/୦୮(ଆନିସ): ଶ୍ରାବଣ ଶୁକ୍ଲ ପୁତ୍ରଦା ଏକାଦଶୀ ତିଥି ରବିବାର ଠାରୁ ଓଡ଼ଗାଁ ବିଜେ ଶ୍ରୀ ରଘୁନାଥ ଜିଉଙ୍କ ଝୁଲଣଯାତ୍ରା ଆରମ୍ଭ ହୋଇଥିବା ବେଳେ ଓଡ଼ଗାଁ ଅଞ୍ଚଳର ଅନ୍ୟାନ୍ୟ ବିଷ୍ଣୁ ମନ୍ଦିର ଓ ମଠ ମାନଙ୍କରେ ଆରମ୍ଭହୋଇଥିବା ବେଳେ ୪ ଦିନଁ ପରେ ପୂର୍ଣ୍ଣମୀ ତିଥିରେ ଉଦଯାପିତ ହେବା।ଏହି ଯାତ୍ରା ପାଇଁ ମନ୍ଦିରର ଦକ୍ଷିଣ ଦ୍ୱାରରେ ଥିବା ଝୁଲଣ ମଣ୍ଡପରେ ସ୍ୱତନ୍ତ୍ର ଭାବରେ ଏକ ଚଉଦୋଳ (ବିମାନ)କୁ ଜରି ଜମ୍ଫୁରା ଓ ପାଟକନାରେ ଆଚ୍ଛାଦିତ କରି ଝୁଲାଇ ରଖା ଯାଇଥିଲା।ଶ୍ରୀଜିଉଙ୍କ ଏକାଦଶୀ ନୀତି ଓ ବେଢ଼ା ପରିକ୍ରମା ପରେ ଶ୍ରୀ ରଘୁନାଥ ଜିଉ ଓ ମାତା ସୀତାଙ୍କ ବିଜେ ପ୍ରତିମାଙ୍କୁ ଘଣ୍ଟି, ଘଣ୍ଟା, ମୃଦଙ୍ଗ, କାହାଳୀ, ଛତୀ, ତ୍ରାସ ଓ ଚାମର, ମଶାଲ ଧରି ଝୁଲଣ ମଣ୍ଡପକୁ ବିଜେ ହୋଇଥିଲେ।ଚଳିତ ବର୍ଷ ପ୍ରଭୁଙ୍କର ଏହି ପର୍ବ ଦର୍ଶନ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥି ସହିତ ନିକସ୍ଥ ରାଧାକାନ୍ତ ମଠରେ ଶ୍ରୀ ରାଧାକୃଷ୍ଣଙ୍କୁ ସଜ୍ଜିତ କରି ପଟୁଆରରେ ଝୁଲଣ ବେଦୀକୁ ବିଜେ କରାଯାଇଥିବା ବେଳେ ଗୀତ ଗୋବିନ୍ଦ ଓ ଭଜନ କିର୍ତ୍ତନ କରାଯାଇଥିଲା।ଏହା ସହିତ ଓଡ଼ଗାଁ ବ୍ଲକ ମନ୍ଦିର ମାଳିନି କୁରାଳ ଗ୍ରାମରେ ଅବସ୍ଥିତ ଶ୍ରୀ ଦଧିବାମନ ଜିଉ, ରଘୁନାଥ ଜିଉ, ଭାଗବତ ଜିଉ, ସତ୍ୟନାରାୟଣ ଜିଉ, ଗୋପିନାଥ ଜିଉ ଓ ରାଧାକାନ୍ତ ମଠରେ ଝୁଲଣଯାତ୍ରା ମହା ସମାରୋହରେ ପାଳିତ ହେଉଥିବା ବେଳେ ପ୍ରତ୍ୟହ ସନ୍ଧ୍ୟାରେ ଭଜନ କୀର୍ତ୍ତନ ପାଲା ଦାଶକାଠିଆ ଆଦି ଆଧାତ୍ମିକ ଧର୍ମୀ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପାଇଁ ଆୟୋଜନ ହୋଇଥିବା ଜଣାପଡିଛି ।

### ଇଣ୍ଟରନେଟରେ ସମସ୍ୟା ସାଙ୍ଗକୁ ସର୍ଭର ଡାଉନ୍

## ସମବାୟ ସମିତିରେ ଚାଷୀଙ୍କ ନାମ ପଞ୍ଜିକରଣ ବାଧାପ୍ରାପ୍ତ

**ଜିଲ୍ଲାରେ ୪୮% ଚାଷୀଙ୍କ ନାମ ପଞ୍ଜିକୃତ ହୋଇନାହିଁ**

ଓଡ଼ଗାଁ ୨୩/୦୮(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସମସ୍ତ ସମବାୟ ସମିତି ମାନଙ୍କରେ ଚାଷୀଙ୍କ ନାମ ପଞ୍ଜିକରଣ କାର୍ଯ୍ୟ ଚଳିତ ଅଗଷ୍ଟ ମାସ ୦୬ ତାରିଖରୁ ଆରମ୍ଭ ହୋଇଥିବା ବେଳେ ବାରମ୍ବାର ଇଣ୍ଟରନେଟରେ ସମସ୍ୟା ଏବଂ ସର୍ଭର ଡାଉନ୍ କାରଣରୁ ଚାଷୀମାନଙ୍କ ନାମ ପଞ୍ଜିକରଣ କରିବାରେ ବାଧା ସୃଷ୍ଟି ହୋଇଛି। ଜିଲ୍ଲାରେ ୪୮ ପ୍ରତଶତ ଚାଷୀଙ୍କ ନାମ ପଞ୍ଜିକୃତ ହୋଇନଥିବା ବେଳେ ଅଗଷ୍ଟ ୨୩ ତାରିଖ ସୁଦ୍ଧା ଓଡ଼ଗାଁ ବ୍ଲକ ଅଞ୍ଚଳର ୬୦ ରୁ ୭୦ ପ୍ରତିଶତ ଚାଷୀ ସେମାନଙ୍କ ନାମ ପଞ୍ଜିକରଣ କରିଛନ୍ତି। ଇଣ୍ଟରନେଟରେ ସମସ୍ୟା, ସର୍ଭର ଡାଉନ୍ ଏବଂ ଶ୍ଲୋ କାରଣରୁ ଗତ ଶୁକ୍ରବାର ଠାରୁ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ନାମ ପଞ୍ଜିକରଣ ହୋଇପାରୁନାହିଁ ଫଳରେ କାମ ଧନ୍ଦା ଛାଡ଼ି ଚାଷୀମାନେ ସକାଳୁ ଆସି ପଞ୍ଜିକରଣ ନକରି ସନ୍ଧ୍ୟାରେ ଘରକୁ ଫେରୁଛନ୍ତି। ପରେ ଚାଷ କାର୍ଯ୍ୟରେ ବ୍ୟସ୍ତ ରହୁଥିବା କାରଣରୁ ଆସି ପାରୁନାହାନ୍ତି। କେତେକ ସମବାୟ ସମିତିର ଡାଟା ଏଣ୍ଟ୍ରି ଅପରେଟର ଚାଷୀ ମାନଙ୍କୁ ରାତିରେ ଡାକି ନାମ ପଞ୍ଜିକରଣ କରୁଛନ୍ତି। ତେବେ ଚାଷୀର ମୋବାଇଲକୁ ଓଟିପି ଯାଉଛି କିନ୍ତୁ ମୋବାଇଲରେ ନମ୍ବର ଦେଖାଯାଉ ନାହିଁ।ଫଳରେ ଚାଷୀଙ୍କ ପଞ୍ଜିକରଣ ଆବେଦନ ଅନଲାଇନ ମାଧ୍ୟମରେ ସମିଟ୍ ହୋଇପାରୁ ନାହିଁ।ତେଣୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଥିବା ଧାର୍ଯ୍ୟ ସମୟ ସୀମାକୁ ବଢ଼ାଇବା ନିମନ୍ତେ ଚାଷୀ ମାନଙ୍କ ତରଫରୁ ଦାବି ହେଉଛି।ନୟାଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ରବିବାର ମଧ ଚାଷୀଙ୍କ ପଞ୍ଜିକରଣ କାର୍ଯ୍ୟ ଚାଲିଛି।ଅପରାହ୍ନ ସୁଦ୍ଧା ପ୍ରାୟ ୨ ହଜାର ଚାଷୀ ସେମାନଙ୍କ ନାମ ପଞ୍ଜିକରଣ କରିଛନ୍ତି। ଏବଂ ଆଗାମୀ ୩୧ ତାରିଖ ମଧ୍ୟରେ ପ୍ରତିଦିନ କାର୍ଯ୍ୟାଳୟ ଖୋଲା ରହିବ।କୌଣସିକର୍ମଚାରୀ ଛୁଟିରେ ରହିବେ ନାହିଁବୋଲି ସବୁସମବାୟ ସମିତିକୁସୂଚନା ପ୍ରଦାନ କରାଯାଇଛି ବୋଲି ନୟାଗଡ଼ ଜିଲ୍ଲା ଉପନିବନ୍ଧକ ସମିତି ସମୂହ ଅନନ୍ତ କୁମାର ନାୟକ କହିଛନ୍ତି।

## ବନ୍ୟା ପ୍ରଭାବିତ ଘାଗରାଡ଼ିଆ ଗ୍ରାମରେ ସ୍ୱାସ୍ଥ୍ୟ କ୍ୟାମ୍ପ ଡଙ୍ଗା ଯୋଗେ ଘରଦ୍ୱାରେ ସ୍ୱାସ୍ଥ୍ୟସେବା

କେନ୍ଦ୍ରାପଡ଼ା, ୨୩।୮(ଆନିସ): ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ପ୍ରବେଶ ଯୋଗୁଁ ଘାଗରା ଗ୍ରାମ ପଞ୍ଚାୟତର ଘାଗରାଡ଼ିଆ ୱାର୍ଡ ନଂ-୧, ଅପର ଘାଗରା ୱାର୍ଡ ନଂ-୨ ଓ ୪, କୁଦ ହରିଜନ ସାହି ଏବଂ ଘାଗରା ୱାର୍ଡ ନଂ-୩ ଆଦି ଅଞ୍ଚଳ ପ୍ରଭାବିତ ହୋଇଛି। ଗତ ଜୁଲାଇ ମାସରେ ମଧ ଏହି ଅଞ୍ଚଳଗୁଡ଼ିକ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ଚଳିତ ଅଗଷ୍ଟ ମାସରେ ପୁନର୍ବାର ଏହି ଗ୍ରାମଗୁଡ଼ିକ ପାଣି ଘେରରେ ରହିଛି।

ବନ୍ୟା ପରିସ୍ଥିତିରେ ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଇନ୍-ଚାର୍ଜ ଡାକ୍ତର ଶ୍ରୀକାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଘାଗରା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି।

ଓଡ୍ରାଫ୍ ଟିମ୍ ଦ୍ୱାରା ପରିଚାଳିତ ଡଙ୍ଗା ସହାୟତାରେ ସ୍ୱାସ୍ଥ୍ୟକର୍ମୀମାନେ ବନ୍ୟାଜଳ ଅତିକ୍ରମ କରି ଘାଗରାଡ଼ିଆ ଗ୍ରାମରେ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। କ୍ୟାମ୍ପରେ ଓଆରଏସ୍, ହାଲୋଜେନ୍ ଟାବଲେଟ୍, ଡାଇରିଆ ପ୍ରତିରୋଧକ ଔଷଧ, ଥଣ୍ଡା ଓ ଜ୍ୱର ଔଷଧ ଆଦି ବଣ୍ଟନ କରାଯାଉଛି। ଏଥିସହିତ ରକ୍ତଚାପ, ମଧୁମେହ ଆଦିର ମଧ ପରୀକ୍ଷା କରାଯାଉଛି। ଏହି ସ୍ୱାସ୍ଥ୍ୟ କ୍ୟାମ୍ପରେ ଘାଗରା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରୀତି ପୁଷ୍ପା ଜେନା, ମହିଳା ସ୍ୱାସ୍ଥ୍ୟ କର୍ମୀ ଏକାମ୍ର ବାସିନୀ ପରିଡ଼ା, ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଭରତ ଚନ୍ଦ୍ର ମାରାଣ୍ଡି, ଆଶା ଶକୁନ୍ତଳା ମଳିକ, ଅଙ୍ଗନୱାଡ଼ି କର୍ମୀ ପୁଷ୍ପଲତା ମଳିକ ଓ ତରଙ୍ଗବାଳା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସେବା ପ୍ରଦାନ କରୁଛନ୍ତି। ଜିଲ୍ଲା ସ୍ତରରୁ ଘାଗରାଡ଼ିଆ ଗ୍ରାମ ସ୍ୱାସ୍ଥ୍ୟ କ୍ୟାମ୍ପ ପରିଦର୍ଶନ କରି ଡାକ୍ତର ସୁକାନ୍ତ କୁମାର ପ୍ରଧାନ, ଡେପୁଟୀ ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଏବଂ ପରାମର୍ଶଦାତା ପ୍ରକାଶ କୁମାର ମଥାନ ଉପସ୍ଥିତ ମାଆ, କିଶୋରୀ ବାଳିକା ଓ ଶିଶୁମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ ପରାମର୍ଶ ପ୍ରଦାନ କରିଥିଲେ। ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲକ୍ ପ୍ରୋଗ୍ରାମ ପରିଚାଳିକା ମଞ୍ଜୁଶ୍ରୀ ବିଶ୍ୱାଳ, ବ୍ଲକ୍ ଡାଟା ମ୍ୟାନେଜର ଶୁଭଶ୍ରୀ ଅର୍ପିତା ଜେନା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଇନ୍-ଚାର୍ଜ ସୁଶୀଲ କୁମାର ବେହେରା ପ୍ରମୁଖ କ୍ୟାମ୍ପ ପରିଚାଳନାରେ ସହଯୋଗ କରିଥିଲେ।

ଘାଗରା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରିୟଦର୍ଶିନୀ ବିଶ୍ୱାଳ ଏବଂ ତାଙ୍କ ସ୍ୱାମୀ ଅଜିତ ପରିଡ଼ା ମଧ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମରେ ସହଯୋଗ କରିଆସୁଛନ୍ତି। ବନ୍ୟା ଭଳି ଦୁର୍ଗମ ପରିସ୍ଥିତିରେ ମଧ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ନିଷ୍ଠାର ସହ ଲୋକଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟସେବା, ଔଷଧ ଓ ଆବଶ୍ୟକ ପରାମର୍ଶ ପ୍ରଦାନ କରୁଥିବାରୁ ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ସୃଷ୍ଟି ହୋଇଛି।

### ବାଲିଗୁଡା ନିର୍ବାଚନ ମଣ୍ଡଳୀର ବିକାଶକୁ ଗୁରୁତ୍ୱ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ବିଧାୟକ ଓ ସମାଜସେବୀ



ବାଲିଗୁଡା, ୨୩/୮ (ଆନିସ) ବାଲିଗୁଡା ନିର୍ବାଚନ ମଣ୍ଡଳୀର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଓ ବରିଷ୍ଠ ସମାଜସେବୀ ତଥା ବିଧାୟକ ପ୍ରତିନିଧି ଟୁନା ଦାସ ସାକ୍ଷାତ କରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଅଞ୍ଚଳବାସୀଙ୍କ ଉନ୍ନତି ଲାଗି ଯେଉଁ ସବୁ କାର୍ଯ୍ୟ ଜାରି ରହିଛି, ତାହାକୁ ସମ୍ପୂର୍ଣ୍ଣ କରିବା ସହ ଆହୁରି ବହୁ ଉନ୍ନତି ମୂଳକ ପ୍ରକଳ୍ପ ଗୁଡିକ ମଞ୍ଜୁର କରିବା ଲାଗି ଆଲୋଚନା ହୋଇଥିବା ଜଣାଯାଇଛି ।ସେଥି ମଧ୍ୟରୁ ବାଲିଗୁଡା ବାଇପାସ ରାସ୍ତାର ଉନ୍ନତି, ବାଲିଗୁଡାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଓ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଆଦି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଟୁନା ଦାସ ଅବଗତ କରିବା ସହ ଯଥା ସମ୍ଭବ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

ଦୀର୍ଘ ଦିନ ଧରି ସହରବାସୀ ଟ୍ରାଫିକ ସମସ୍ୟା ଭୋଗୁଥିବା କାରଣରୁ ବାଇପାସ ରାସ୍ତାର ଉନ୍ନତିକରଣ ଏବେ ନିତାନ୍ତ ଜରୁରୀ ହୋଇପଡିଛି । ସେହିପର ଆଜି ବି ବିଭିନ୍ନ ୱାର୍ଡରେ ଭୂମିହୀନ ଭାବେ ଶତାଧିକ ଗରିବ ଲୋକେ ବସବାସ କରି ଆସୁଥିଲେ ମଧ ତାଙ୍କୁ ଆଜି ଯାଏ ତହସିଲ କାର୍ଯ୍ୟାଳୟ ତରଫରୁ ପଟ୍ଟା ଖଣ୍ଡିଏ ମିଳିପାରିନାହିଁ । ଯେଉଁଥି ପାଇଁ ଭୂମିହୀନ ଲୋକେ ବେସାହାରା ଭାବେ ଜୀବନ ଜିଇଁବା ସହ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି । ତୁରନ୍ତ ଭୂମିହୀନଙ୍କୁ ଚିହ୍ନଟ କରି ଜମି ଯୋଗାଇ ଦେବା ଏବେ ଗୁରୁତ୍ୱପୂର୍ଣ୍ଣ ହୋଇ ପଡିଛି ।

ସେହିଭଳି ଦୀର୍ଘ ଦିନ ଧରି ଅଞ୍ଚଳବାସୀ ବାଲିଗୁଡା ଠାରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଲାଗି ବିଭିନ୍ନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାବି କରି ଆସୁଥିଲେ ମଧ ତାହା ଆଜି ଯାଏ ପୂରଣ ହୋଇନାହିଁ । କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେଲେ ଅଞ୍ଚଳର ବହୁ ଗରିବ ଓ ମେଧାବୀ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ଗ୍ରହଣ କରି ଦେଶର ବିକାଶରେ ନିଜକୁ ସାମିଲ କରି ବିକଶିତ ଭାରତ ଗଠନ ଦିଗରେ ସହାୟକ ହୋଇପାରିବେ ।

ଅଞ୍ଚଳବାସୀଙ୍କ ଏହି ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ସହିତ ସକାରାତ୍ମକ ଆଲୋଚନା ହୋଇଛି ବୋଲି ଶ୍ରୀଯୁକ୍ତ ଟୁନା ଦାସ ସୂଚନା ଦେଇଛନ୍ତି । ଆଗାମୀ ଦିନରେ ବାଲିଗୁଡା ର୍ନିାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଲାଗି କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ ଚକ୍ରମଣି କଂହରଙ୍କ ସମେତ ଆମେ ମୋହନ ମାଝୀଙ୍କ ସରକାରଙ୍କୁ ସହଯୋଗ କରି ଲୋକଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଦାବି ଜଣାଇବୁ ବୋଲି ସେ କହିଛନ୍ତି ।

ବାଲିଗୁଡା, କ.ନୂଆଗାଁ, ତୁମୁଡିବନ୍ଧ ଓ କୋଟଗଡ଼ ବ୍ଲକ ଏବଂ ବାଲିଗୁଡା ଏନଏସିର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ଲାଗି ଆବଶ୍ୟକୀୟ ଅନୁଦାନ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତକାର ସମୟରେ କନ୍ଧମାଳ ସାଂସଦ ପ୍ରତିନିଧି ଦୁର୍ଗା ଆଚାର୍ଯ୍ୟ, ପୂର୍ବତନ ଏନଏସି ଉପାଧକ୍ଷ ଲୋକନାଥ ପାଢ଼ୀ , ଯୁବ ନେତା ତଥା ଏନଏସି ବିଧାୟକ ପ୍ରତିନିଧି ଅବନିକାନ୍ତ ନାୟକ ଓ ନିତ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଭଦ୍ରକରେ ବନ୍ୟା ଓ ସ୍ୱାସ୍ଥ୍ୟସେବା ସ୍ଥିତି ସମୀକ୍ଷା କଲେ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ

ଭଦ୍ରକ, ୨୩/୦୮(ଆନିସ):ଓଡ଼ିଶାର ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍କ ଆଜି ଭଦ୍ରକରେ ଆୟୋଜିତ ଉଚ୍ଚସ୍ତରୀୟ ବନ୍ୟା ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଜିଲ୍ଲାରେ ଜାରି ରହିଥିବା ବନ୍ୟା




ପରିସ୍ଥିତି ସହିତ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି, ତତ୍ପରତା ଓ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ା. ରବୀନ୍ଦ୍ର ନାଥ ମିଶ୍ରଙ୍କ ସମେତ ବୈଠକରେ ବିଭାଗୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗ୍ରହଣ କରାଯାଇଥିବା ବିସ୍ତୃତ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। ଏଥିମଧରେ ଜିଲ୍ଲା ନିୟନ୍ତ୍ରଣ କକ୍ଷ ନମ୍ବର ୯୪୩୯୯୯୪୪୫୯, ଜିଲ୍ଲା ମନିଟରିଂ ଟିମ୍ ଗଠନ, ସର୍ବାଧିକ ପ୍ରଭାବିତ ଧାମନଗର, ଭଣ୍ଡାରିପୋଖରୀ, ଚାନ୍ଦବାଲି ଓ ତିହିଡ଼ି ବ୍ଲକରେ ୧୬ଟି ମେଡିକାଲ ରିଲିଫ୍ ସେଣ୍ଟର ଖୋଲାଯିବା, ୮ଟି ରାପିଡ୍ ରେସ୍ପନ୍ସ ଟିମ୍ ଓ ୧୦ଟି ମୋବାଇଲ୍ ହେଲ୍ଥ ୟୁନିଟ୍ ନିୟୋଜନ ଏବଂ ନିରନ୍ତର ଘରକୁ ଘର ସ୍ୱାସ୍ଥ୍ୟ ସର୍ଭେଲାନ୍ସ ଅନ୍ତର୍ଭୁକ୍ତ ରହିଛି।ଆଜି ସୁଦ୍ଧା ଭଦ୍ରକ ଜିଲ୍ଲାର ୫ଟି ବ୍ଲକ୍,ବରପଦା, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଧାମନଗର ଓ ତିହିଡ଼ିର ୬୬ଟି ଗ୍ରାମପଞ୍ଚାୟତ ଅଧୀନ ୨୪୪ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏଥିରେ ପ୍ରାୟ ୨,୯୯,୭୮୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଜିଲ୍ଲା ଓ ବ୍ଲକ୍ ସ୍ତରରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟି-ସ୍ନେକ୍ ଭେନମ୍ , ବ୍ଲିଚିଂ ପାଉଡର, ହାଲାଜୋନ୍ ଟାବଲେଟ୍ ଓ ମହଜୁଦ ରଖି ଆବଶ୍ୟକ ସ୍ଥଳେ ଯୋଗାଇବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

.ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ମୋଟ ୧୬ଟି ସାପ କାମୁଡ଼ା ଘଟଣା ରିପୋର୍ଟ ହୋଇଥିବା ବେଳେ ସାପ କାମୁଡ଼ା ନିରୋଧକ ଔଷଧ ଦିଆଯାଇଛି ୧୦୭ଟି ଝାଡ଼ାବାନ୍ତି ମାମଲା ଚିହ୍ନଟ ହୋଇଥିବାବେଳେ ୧୨,୭୮୬ ଜଣଙ୍କୁ ସାମାନ୍ୟ ରୋଗର ଚିକିତ୍ସା ପ୍ରଦାନ କରାଯାଇଛି। ଏଥିସହ ୫୫ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ

## ଉଠିଲା ପିଚୁ ଖାଲଖମାରେ ପାଣି ଭର୍ତ୍ତି, ଯାତାୟାତରେ ବାଧାପ୍ରାପ୍ତ

ଖପ୍ରାଖୋଲ ୨୩।୦୮ (ଆନିସ) : ପିଚୁ ରାସ୍ତା ହେବାର ପାଖାପାଖି ପାଞ୍ଚ ବର୍ଷ ଭିତରେ ଗଲାଣି । ପିଚୁ ଉଠି ଖାଲ ଖମାରେ ପାଣି ଭର୍ତ୍ତି ଯାତାୟାତ ପାଇଁ ଲୋକଙ୍କୁ ବାଧା ସୃଷ୍ଟି ହେଉଛି । ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି । ପାଖାପାଖି ପାଞ୍ଚ ବର୍ଷ ଭିତରେ ହୋଇଥିଲେ ସୁଦ୍ଧା ଗ୍ରାମ୍ୟ ଯନ୍ନୟନ ବିଭାଗ ତରଫରୁ ରାସ୍ତା ମରାମତି ହେଉନି । ଠିକାଦାର ପାଞ୍ଚ ବର୍ଷ ଯାଏ ରକ୍ଷଣା ବେକ୍ଷଣା କରିବାର ପ୍ରାବଧାନ ଥିଲେ ମଧ ଉପାନ୍ତ ଇଲାକାରେ ଆରଡ଼ି ବିଭାଗ ଏବଂ ଠିକାଦାର ନଜର ଦେଉ ନାହାନ୍ତି । କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ବସ



ସେବା ମଧ ବନ୍ଦ ହୋଇ ଯାଇଥିବା ଜଣା ପଡିଛି । ଲୋକ ମାନଙ୍କର ଅଭିଯୋଗ ଅନୁଯାଇ ରାସ୍ତାରେ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ବଲାଙ୍ଗୀର ଜିଲ୍ଲାର ବେଲପଡା ବ୍ଲକ ରୁ ଲାଠୋର ରେଲୱେ ଷ୍ଟେସନ କୁ ସଂଯୋଗ ହୋଇଛି । ଏହି ରାସ୍ତା ଦେଇ ସ୍କୁଲ, କଲେଜ, ଡାକ୍ତରଖାନା, ସରକାରୀ ଅଫିସକୁ ଦୈନନ୍ଦିନ ସହ ସହ ଲୋକ ଯିବା ଆସିବା କରନ୍ତି । ଏହି ରାସ୍ତାକୁ ସରକାର ଯଥା ଶୀଘ୍ର ନଜର ଦେଇ ମରାମତି କରିବାକୁ ଅଞ୍ଚଳର ଲୋକ ମାନେ ଅଭିଯୋଗ କରିଛନ୍ତି ।

## କ.ନୂଆଗାଁ ଥାନା ପକ୍ଷରୁ ଲେଟିଙ୍ଗିଆ ହାଇସ୍କୁଲରେ ନିଶା ନିବାରଣ ସଚେତନତା

କ.ନୂଆଗାଁ - କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ଲେଟିଙ୍ଗିଆରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ କ.ନୂଆଗାଁ ଥାନା ପକ୍ଷରୁ ଆମ ପୋଲିସ ଆମ ସାଥି ତଥା ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି।ଏଥିରେ ପୋସ୍କୋ ଆଇନ,ସାଇବର



ଅପରାଧ,ନିଶା ନିବାରଣ ସଚେତନତା କରାଯାଇଛି। ଏହାକୁ ଥାନା ଅଧିକାରୀ କେଲୁ ଚରଣ ଜେନା ପରିଚାଳନା କରି ଛାତ୍ର ଛାତ୍ରୀଙ୍କୁ ମୋବାଇଲ ଫୋନ୍ ବ୍ୟବହାର ଓ ବିଭିନ୍ନ ନୀୟମ ଉପରେ ପରାମର୍ଶ ଦେଇ କହିଛନ୍ତି ନିଶା ଦ୍ରବ୍ୟ ସେବନ ଦ୍ୱାରା ନିଜର ସ୍ୱାସ୍ଥ୍ୟ ହାନୀ ହେବା ସହିତ ପରିବାର ଏବଂ ସମାଜରେ ବିଶୃଙ୍ଖଳା ଦେଖା ଦେଉଛି। ଏଣୁ ବିଭିନ୍ନ ନିଶା ଠାରୁ ଛୋଟ ପିଲା ଦିନରୁ ହିଁ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ।ଏଥିରେ ସହକାରୀ ଶିକ୍ଷକ ରବି ଚନ୍ଦ୍ର ମଲ୍ଲିକ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାମଦେବ ପ୍ରଧାନ,ଶିକ୍ଷକ ପବିତ୍ର କୁମାର ସାହୁ, ଶିକ୍ଷୟିତ୍ରୀ ଶିବାନୀ ଭୋଇ, ମନ ସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଶା ନିବାରଣ ଉପରେ ସଚେତନ କରିବା ସହିତ ଶପଥ ପାଠ କରାଇ ଏ ଦେଶ ଓ ରାଜ୍ୟ ତୁମମାନଙ୍କୁ ନେଇ ବହୁ ସ୍ୱପ୍ନ ଦେଖୁ ଥିବାରୁ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ।ଏହା ସହ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଥାନାର ସେକେଣ୍ଡ ଅଫିସର ଅଶୋକ କୁମାର ତ୍ରିପାଠୀ, ଏଏସଆଇ ବାସୁଦେବ ପଣ୍ଡା ଓ ସୁରେନ୍ଦ୍ର ରାଜହଂସ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ବ୍ରହ୍ମାକୁମାରୀ ଖୋର୍ଦ୍ଧା ସେବାକେନ୍ଦ୍ରରେ ରକ୍ତଦାନ ଶିବିର

ଖୋର୍ଦ୍ଧ, ୨୩।୮ (ଆନିସ): ଖୋର୍ଦ୍ଧା ସହର ର ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଗୋଡ଼ିପୋଖରୀ ପରିସରରେ ଏହି ସଂସ୍ଥା ର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦୀ ପ୍ରକାଶମଣୀ ଙ୍କର ପୁଣ୍ୟ ତିଥି ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମା କୁମାରୀ ଅନୁରାଧା ଭଉଣୀଙ୍କର ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ସକାଳ ୯ ଘଟିକା ସମୟରେ ପତଞ୍ଜଳି ଯୋଗ ସମିତି ଖୋର୍ଦ୍ଧା ଜିଲ୍ଲା ର ସଭାପତି ଶ୍ରୀ ସୀତାକାନ୍ତ ପଣ୍ଡା ,ଖୋର୍ଦ୍ଧା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୌରଭ ସୁନ୍ଦର ରାୟ,ଲାବରଟୋରୀ ଟେକ୍ନିସିଆନ ଅରୁଣ କୁମାର ସାହୁ,ନର୍ସିଂ ଅଫିସର ଝାନସୀରାଣୀ ପାତ୍ର,ଝୁନୁଲତା ସାହୁ ,ଲକ୍ଷ୍ମୀପ୍ରୀୟା ପ୍ରଧାନ ,ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶୁଭ ଉଦ୍ଘାଟନ କରିଥିଲେ ।ବ୍ରହ୍ମାକୁମାରୀ ପୂଜା ଓ ରାକ୍ଷୀ ଭଉଣୀ ସମସ୍ତଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ ।ଏହି ରକ୍ତଦାନ ଶିବିର ରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଖୋର୍ଦ୍ଧା ରକ୍ତ ଭଣ୍ଡାର କୁ ପ୍ରଦାନ କରାଯାଇ ଥିଲା ।ରକ୍ତଦାନ ଏକ ସମାଜ ସେବା ଓ ମହତ ଦାନ ବୋଲି ସମସ୍ତେ ମତଦାନ କରିଥିଲେ ।

## ଉତ୍କଳ ସମାଜ ଫାଉଣ୍ଡେସନ ତରଫରୁ ରିଲିଫ ବଣ୍ଟନ

ବିଂଝାରପୁର, ୨୩/୮(ଆନିସ )ଅଗ୍ରଣୀ ସ୍ୱଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ସମାଜ ଫାଉଣ୍ଡେସନ ତରଫରୁ ଦୁଇଦିନ ଧରି ଶୁଖିଲା ଖାଦ୍ୟ ସହିତ କପଡା ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଦଣ୍ଡହରୀ ମାଝିଙ୍କ ତତ୍ତ୍ୱାବଧାନରେ ଓଡିଶା ଶାଖାର ଯାଜପୁର ଜିଲ୍ଲାର ସର୍ବାଧିକ ପାଣି ଘେରରେ ରହିଥିବା ଦଶରଥପୁର ଓ ବିଂଝାରପୁର ଅଞ୍ଚଳରେ ଶୁଖିଲା ଖାଦ୍ୟ ସହିତ କପଡା ବଣ୍ଟନ କରିଥିଲେ। ବନ୍ୟା ପାଣି ପଶିବା ଦ୍ୱାରା ଘରୁ ପଦାକୁ ବାହାରି



ପାରୁନଥିବା ଲୋକଙ୍କ ପାଖରେ ପହଞ୍ଚିଥିଲେ। ଚୁଡା, ଗୁଡ, ମୁଢି,ବିସ୍କୁଟ, ମହମବତୀ, ଦିଆସିଲି, ମଶାଧୂପ, ପାଣି ବୋତଲ, ଶାଢି, ଲୁଙ୍ଗି, ଟାଉଲ, ସମେତ ଔଷଧ ବିତରଣ କରାଯାଇଥିଲା। ବନ୍ୟା ସମୟରେ ବିଷଧର ସାପ, କୁମ୍ଭୀର ଭୟକୁ ଲକ୍ଷ ରଖି ରମାକାନ୍ତ ସାହୁ ଓ ପ୍ରଫୁଲ୍ଲ ସେଠୀ ଙ୍କୁ ନିମନ୍ତ୍ରୀତ କରାଯାଇଥିଲା। ସର୍ବ କନିଷ୍ଠ ତୃତୀୟ ଶ୍ରେଣୀ ଛାତ୍ରୀ ସୁପ୍ରିୟା ବେହେରା ରିଲିଫ ବଣ୍ଟନ କରୁଥିଲେ। ଆଜିର କାର୍ଯ୍ୟକ୍ରମକୁ ,ସତ୍ୟରଞ୍ଜନ ସାମଲ, ସ୍ନେହାଶିଷ ସାମଲ, ରମାକାନ୍ତ ସାହୁ,ଜଗନ୍ନାଥ ମଲିକ,ରମେଶ ଯେନା ,ସୂରଜ କୁମାର ସାହୁ, ଶେଖର ମଲିକ, କାର୍ତ୍ତିକ ଚନ୍ଦ୍ର ମଲିକ, ପ୍ରକାଶ ମଲିକ, ସ୍ମୃତି ରଞ୍ଜନ ରାଉତ,କରୁଣା କର ବେହେରା, ସଞ୍ଜୟ ସିଂ, ବିଦ୍ୟାସାଗର ବେହେରା, ବିଶ୍ୱପ୍ରକାଶ ଦାଶ, ଅରୁଣ କୁମାର ମଲ୍ଲିକ, ହେମଲତା ବେହେରା, ସୋମ୍ୟା ବେହେରା ସମେତ ଉତ୍କଳ ସମାଜ ଫାଉଣ୍ଡେସନ ତରଫରୁ ସମସ୍ତ ସଦସ୍ୟ ଓ ସଦସ୍ୟା ସହଯୋଗ କରିଥିଲେ।

## ବ୍ରାଉନ ସୁଗର୍ ମାଫିଆ ଗିରଫ, ଗଞ୍ଜେଇ ଜବତ

ଫୁଲବାଣୀ ୨୩।୮ (ଆନିସ): ନିଶା କାରବାର ବିରୋଧ ରେ କନ୍ଧମାଳ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଛି କୌଣସି ସୂତ୍ରରୁ ଖବର ପାଇ ବାଲିଗୁଡ଼ାପୋଲିସ ଥାନା ଅଧିକାରୀ ସମୀର କୁମାର ବେହେରା ଙ୍କ ନେତୃତ୍ୱରେ ପୋଲିସ ର ଏକ ସ୍ୱତନ୍ତ୍ର ଟିମ୍ ଗୋଇବନ୍ଧ ବ୍ରିଜ ନିକଟରେ ଚଢାଉ କରି କଟରୀ ସାହୀ ର ରାଧେଶ୍ୟାମ କାରଜି କୁ ଗିରଫ କରିଛି ତା ନିକଟ ରୁ ତିନି ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନ ଶୁଗାର, ୨୧କିଲୋଗ୍ରାମ ଗଞ୍ଜେଇ, ନଗଦ ଟଙ୍କା, ମୋବାଇଲ ଫୋନ୍ ଜବତ ହୋଇଥବା ପୋଲିସ କହିଛି ଏହି ନିଶା କାରବାର ର ଚେର ଫୁଲବାଣୀ ସମେତ ନୟାଗଡ଼ ଓ ଗଞ୍ଜାମ ଜିଲ୍ଲା କୁ ଲମ୍ବିଥିବା ପୋଲିସ୍ ସନ୍ଦେହ କରୁଛି ବାଲିଗୁଡ଼ା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ଏହି ମାମଲାରେଅନ୍ୟ ତିନି ଜଣ ସଂପୃକ୍ତ ଅଭିଯୁକ୍ତ ଙ୍କୁ ଅତି ଶିଘ୍ର ଗିରଫ କରାଯିବ ବୋଲି ପୋଲିସ୍ କହିଛି ବାଲିଗୁଡ଼ା ଏସ ଡିପିଓ ଶୁଭମ୍ ଭୋସଲେ ଙ୍କ ନିଷ୍ଠା ପର ଉଦ୍ୟମ ଆନ୍ତରିକତା ଓ କାର୍ଯ୍ୟ ଦକ୍ଷତା ଯୋଗୁଁ ଏହା ସମ୍ଭବ ହୋଇଥିବା କୁହାଯାଉଛି ଆଗକୁ ମଧ ନିଶା କାରବାର ରେ ସଂପୃକ୍ତ ଥିବା ଅନ୍ୟ ମାନଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଏସ ଏସ ଡି ପି ଓ ।

# ତିନିଦିନିଆ ମଲ୍ଟିମିଡିଆ ପ୍ରଦର୍ଶନୀ ଉଦଯାପିତ

- ଭାବିନୀପୁରରେ ୪୦୬ ଲକ୍ଷପତି ଦିଦି ମହିଳା ଉଦ୍ୟୋଗିତାରେ ନୂଆ ପରିଚୟ
- ସ୍ଥାନୀୟ ଦକ୍ଷତାକୁ ଜୀବିକାରେ ପରିଣତ କରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରୁଛନ୍ତି ମହିଳା



ବ୍ରହ୍ମପୁର,୨୩।୮(ଆନିସ): ଭାବିନୀପୁରରେ ଏବେ ୪୦୬ ଜଣ ମହିଳା ଲକ୍ଷପତି ଦିଦି ହୋଇଥିବାବେଳେ ଏହି ସଂଖ୍ୟା ନିରନ୍ତର ବଢ଼ୁଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମିକ୍ସଚର, ପାପଡ଼, ଆଚାର, କାଗଜ ଥାଳି ତିଆରି ଓ ଖାଦ୍ୟ ଯୋଗାଣ ଭଳି ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ନିଜ ଦକ୍ଷତାକୁ ଆୟର ଉତ୍ସରେ ପରିଣତ କରୁଛନ୍ତି।

କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଭାବିନୀପୁରରେ ଆୟୋଜିତ ତିନିଦିନିଆ ମଲ୍ଟିମିଡିଆ ପ୍ରଦର୍ଶନୀର ଉଦଯାପନୀ ସମାରୋହରେ ମହିଳାଙ୍କ ଏହି ସଫଳତା ଓ ସ୍ଥାନୀୟ ବିକାଶ ଉପରେ ଆଲୋଚନା କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ. ଜୟନ୍ତ କୁମାର ପଣ୍ଡା କହିଥିଲେ ଯେ, ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଆବଶ୍ୟକ ଏବଂ ବିକଶିତ ଓଡ଼ିଶା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ବିକାଶ ଜରୁରୀ। ଏଥିପାଇଁ ସମସ୍ତ ବର୍ଗର ଲୋକଙ୍କ ସହଭାଗିତା ଆବଶ୍ୟକ ବୋଲି ସେ କହିଥିଲେ।

ଗଞ୍ଜାମ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ଗଣେଶ ସାହୁ ବିକାଶମୂଳକ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ସହିତ ଏଥିରେ ସ୍ଥାନୀୟ ଲୋକଙ୍କ ସକ୍ରିୟ ଭାଗିଦାରିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। 'ୟୁଥ୍ ଫର୍ ସୋସିଆଲ୍ ଡେଭଲପମେଣ୍ଟ'ର ସିଇଓ ଶ୍ରୀ ବିଷ୍ଣୁ ପ୍ରସାଦ ସାହୁ ସ୍ଥାନୀୟ ସ୍ତରରେ ନୂଆ ସୁଯୋଗ ସୃଷ୍ଟି ଓ ବିକାଶ କାର୍ଯ୍ୟରେ ଯୁବବର୍ଗ ଏବଂ ସାମାଜିକ ସଂଗଠନଗୁଡ଼ିକର ଭୂମିକା ବିଷୟରେ କହିଥିଲେ।

ଭାବିନୀପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଇଞ୍ଜିନିୟର ରଣଜିତ କୁମାର ସାହୁ ସମାଜର ସମସ୍ତ ବର୍ଗର ଲୋକଙ୍କୁ ସାମିଲ କରି ଗ୍ରାମ ପଞ୍ଚାୟତର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତଙ୍କ ସହଭାଗିତା ମାଧ୍ୟମରେ ଏକ ସମୃଦ୍ଧ ଭାବିନୀପୁର ଗଢ଼ି ତୋଳିବାର ଆବଶ୍ୟକତା ସେ ଉଲ୍ଲେଖ କରିଥିଲେ।

ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘର ସମ୍ପାଦିକା ଶ୍ରୀମତୀ ଗାୟତ୍ରୀ ଶତପଥୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କ ଜୀବିକା ଓ ଉଦ୍ୟୋଗିତା କ୍ଷେତ୍ରରେ ବଢ଼ୁଥିବା ଭାଗିଦାରି ବିଷୟରେ କହିଥିଲେ।

ଉଦଯାପନୀ ସମାରୋହରେ ୨୧ ଓ ୨୨ ଅଗଷ୍ଟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପୁରସ୍କୃତ କରାଯାଇଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶୁମୁଖା ନୃତ୍ୟ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା। କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଭୁବନେଶ୍ୱରର କଳାକାରମାନେ ବିକାଶ ଓ ସାମାଜିକ ସଚେତନତା ଆଧାରିତ ବିଭିନ୍ନ ବିଷୟଭିତ୍ତିକ ସାଂସ୍କୃତିକ ପ୍ରସ୍ତୁତି ପରିବେଷଣ କରିଥିଲେ।

ତିନିଦିନିଆ ଏହି ପ୍ରଦର୍ଶନୀରେ ମଲ୍ଟିମିଡିଆ ପ୍ରଦର୍ଶନୀ, ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ଓ ସାଂସ୍କୃତିକ ପ୍ରସ୍ତୁତି ମାଧ୍ୟମରେ ସରକାରୀ ଯୋଜନା, ବିକାଶମୂଳକ ପଦକ୍ଷେପ ଓ ଜନକଲ୍ୟାଣକାରୀ ସୂଚନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଯାଇଥିଲା।

କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ବ୍ରହ୍ମପୁରର କ୍ଷେତ୍ର ପ୍ରଚାର ସହାୟକ ଶ୍ରୀ ଜୀବନ କୁମାର ସାମନ୍ତସିଂହାର ସ୍ୱାଗତ ଭାଷଣ ଦେଇଥିଲେ। ବୈଷୟିକ ସହାୟକ ଶ୍ରୀ ଜେ.ଆର ପଟ୍ଟନାୟକ କାର୍ଯ୍ୟକ୍ରମର ସମନ୍ୱୟ କରିଥିବାବେଳେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଭୁବନେଶ୍ୱରର କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂଦାନ କର୍ମୀ ଲକ୍ଷ୍ମଣ ପାତ୍ରଙ୍କ ୩୭ତମ ବାର୍ଷିକୀ ପାଇଁ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୨୩।୮(ଆନିସ): ଭୂଦାନ ଆନ୍ଦୋଳନର ଅନ୍ୟତମ କର୍ମୀ, ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀବାଦୀ ସମାଜସେବୀ ସ୍ୱର୍ଗତ ଲକ୍ଷ୍ମଣ ପାତ୍ରଙ୍କ ୩୭ତମ ବାର୍ଷିକୀ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ରହ୍ମପୁର ଗାନ୍ଧୀନଗରଠାରେ ଅନୁଷ୍ଠିତ ହୋଇଛି। ଆଜି ସନ୍ଧ୍ୟା ୬ଟାରେ ପ୍ରଫେସର ବାମଦେବ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଶିକ୍ଷାବିତ୍ ଡକ୍ଟର ବାୟମନ ଚର୍ଚ୍ଚୀ, ଅବସରପ୍ରାପ୍ତ କୃଷି ଅଧିକାରୀ ତଥା 'ସୂର୍ଯ୍ୟାଲୋକ' ପତ୍ରିକାର ପ୍ରତିଷ୍ଠାତା ମୀନାକେତନ ଜେନା, ସିଟି କଲେଜର ଅବସରପ୍ରାପ୍ତ ପ୍ରିନ୍ସିପାଲ ଡକ୍ଟର ଦିଲୀପ କୁମାର ପାତ୍ର, ଖଣ୍ଡାୟତ କ୍ଷେତ୍ରୀୟ ସମାଜର ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପାତ୍ର, ହୋମିଓପାଥିକ ଚିକିତ୍ସକ ତଥା ସମାଜସେବୀ ଗୁରୁଚରଣ ପାତ୍ର, ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ ସହାୟକ ଦୁର୍ଯ୍ୟୋଧନ ପାତ୍ର, ବରିଷ୍ଠ ନାଗରିକ ବଦ୍ରିଚରଣ ପାତ୍ର, ଶ୍ରୀକାନ୍ତ ସାମଲ, ରବୀନ୍ଦ୍ର ମାଝୀ ଏବଂ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ପ୍ରତିନିଧି ସଞ୍ଜୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ।

ଆସନ୍ତା ସେପ୍ଟେମ୍ବର ୧୨ ତାରିଖରେ ସ୍ୱର୍ଗତ ଲକ୍ଷ୍ମଣ ପାତ୍ରଙ୍କ ୩୭ତମ ବାର୍ଷିକୀ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଉତ୍ସବର ରୂପରେଖା, ଅତିଥି ଚୟନ, କାର୍ଯ୍ୟକ୍ରମ ପରିଚାଳନା ଏବଂ ବିଭିନ୍ନ ଦାୟିତ୍ୱ ବଣ୍ଟନ ନେଇ ବୈଠକରେ ମତବିନିମୟ ହୋଇଥିଲା।

ବୈଠକରେ ଲକ୍ଷ୍ମଣ ପାତ୍ରଙ୍କ ଜୀବନ ଓ ଆଦର୍ଶ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଭୂଦାନ ଆନ୍ଦୋଳନରେ ତାଙ୍କର ସକ୍ରିୟ ଭୂମିକା, ଆଦିବାସୀ ଅଞ୍ଚଳରେ ରହି ଲୋକଙ୍କ ସେବା, ଗାନ୍ଧୀବାଦୀ ଚିନ୍ତାଧାରାର ପ୍ରଚାର ଏବଂ ଗଜପତି ଓ ଅବିଭକ୍ତ ଗଞ୍ଜାମ ଅଞ୍ଚଳର ସାମାଜିକ ଓ ବିକାଶମୂଳକ କାର୍ଯ୍ୟରେ ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା।

ଡକ୍ଟର ବାୟମନ ଚର୍ଚ୍ଚୀଙ୍କ ଦ୍ୱାରା ପ୍ରସ୍ତୁତ ଲକ୍ଷ୍ମଣ ପାତ୍ରଙ୍କ ଜୀବନୀ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ତାଙ୍କର ତ୍ୟାଗ, ସଂଘର୍ଷ ଓ ଆଦର୍ଶକୁ ଯୁବପିଢ଼ି ନିକଟରେ ପହଞ୍ଚାଇବା ସହ ତାଙ୍କ ଜୀବନରୁ ନୂତନ ପିଢ଼ି ପ୍ରେରଣା ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଶେଷରେ ସମାଜସେବୀ ଗୁରୁଚରଣ ପାତ୍ର ଧନ୍ୟବାଦ ଅର୍ପଣ କରିବା ପରେ ବୈଠକର ସମାପନ ହୋଇଥିଲା।

## ନାଟକର ବିକାଶ ପାଇଁ ଏକତ୍ରୀତ ହେଲେ ଚିତ୍ରାଳୟ, ସଙ୍ଗୀତ ଓ ନିର୍ଦ୍ଦେଶକ ମହାସଂଘ



ବ୍ରହ୍ମପୁର, ୨୩।୮(ଆନିସ): ସମସ୍ତଙ୍କୁ ଏକକ ସୂତ୍ରରେ ବାନ୍ଧି, ନିର୍ଦ୍ଧାରିତ ନୀତି ନିୟମ ମଧ୍ୟମରେ ରଖି ନାଟକର ବିକାଶ ଉଦ୍ଦେଶ୍ୟରେ, କଳାକାରଙ୍କ ପେଟପାଟଣାକୁ ଆଖି ଆଗରେ ରଖି ରବିବାର ଏକତ୍ରୀତ ହୋଇଛନ୍ତି ଚିତ୍ରାଳୟ, ସଙ୍ଗୀତ ଓ ନିର୍ଦ୍ଦେଶକ ମହାସଂଘ । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସର୍କିଟ ହାଉସ ପରିସରରେ ତିନୋଟି ଯାକ ସଂଗଠନର ସ୍ୱତନ୍ତ୍ର ୧୫ ଜଣିଆ କମିଟିକୁ ନେଇ ଓଡିଶା ନାଟ୍ୟ ନିର୍ଦ୍ଦେଶକ ସଂଘ ଗଂଜାମ ଶାଖାର ସଭାପତି ରାଜଗୋପାଳ ପାଢ଼ୀଙ୍କ ଆବହାନରେ ଆୟୋଜିତ ଏହି ତ୍ରିକୋଣୀୟ ନୀତି ନିର୍ଦ୍ଧାରଣ ସମନ୍ୱୟ ବୈଠକରେ ତିନୋଟି ସଂଗଠନ ଏକତ୍ରୀତ ଭାବେ ସଂଘୀୟ ବ୍ୟବସ୍ଥାରେ କାର୍ଯ୍ୟ କରିବା ନେଇ ନିଷ୍ପତି ନେଇଥିଲେ । ଏକ ନାଟକ ପାଇଁ ଚିତ୍ରାଳୟ, ସଙ୍ଗୀତ ଭଳି ଜଣେ ନିର୍ଦ୍ଦେଶକଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେହି ଦୃଷ୍ଟିରୁ ସମସ୍ତେ ମିଳିମିଶି କାର୍ଯ୍ୟ କଲେ ସମସ୍ତଙ୍କ ସ୍ୱାର୍ଥ ହାସଲ ହୋଇପାରିବ ବୋଲି ସମସ୍ତେ ମତପୋଷଣ କରିଥିଲେ ।ଆୟୋଜିତ ସମନ୍ୱୟ ବୈଠକରେ ଚିତ୍ରାଳୟ ମହାସଂଘର ରାଜ୍ୟ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ କାର୍ଯ୍ୟକ୍ରମର ସଞ୍ଚାଳନ କରି ସମସ୍ତଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିବା ବେଳେ ଆୟୋଜିତ ବୈଠକରେ ଚିତ୍ରାଳୟ ଓ ସଙ୍ଗୀତ ଅନୁଷ୍ଠାନର ଉପଦେଷ୍ଟା ବିଜୟ କୁମାର ସାହୁ, ସଙ୍ଗୀତ ସଂଘର ରାଜ୍ୟ ସଭାପତି ସନ୍ତୋଷ ଖାଡଙ୍ଗା,ସମ୍ପାଦକ ଅଭିଜିତ ବିଶ୍ୱାଳ,ଜିଲ୍ଲା ସଭାପତି ସନ୍ତୋଷ ବେହେରା, ନିର୍ଦ୍ଦେଶକ ସଂଘର ରାଜ୍ୟ ଉପଦେଷ୍ଟା ମଦନ ମିଶ୍ର, ଉପସଭାପତି ଟୁଟୁ ପାଢ଼ୀ,ସହ-ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା,ଜିଲ୍ଲା ସମ୍ପାଦକ ଭାସ୍କର ସେନାପତି, କୋଷାଧ୍ୟକ୍ଷ ଗୌତମ ବାଡ଼ତ୍ୟା , ଚିତ୍ରାଳୟ ସଂଘ ଜିଲ୍ଲା ସଭାପତି ଦିଲ୍ଲୀପ ସାମନ୍ତରା,ତ୍ରିଲୋଚନ ମହାରଣା,ସୀମା ମହାନ୍ତି,ଅନନ୍ତ ଦାସ,ଧ୍ରୁବ ବିଷୋୟୀ,ବିଷ୍ଣୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ନୀତି ନିୟମ ନିର୍ଦ୍ଧାରଣ କରିଥିଲେ ।

## ଚୋରା ଦେଶୀମଦ କାରବାର ଉପରେ ଚଢ଼ଉ ବେଳେ
# ଦେଶୀ ବନ୍ଧୁକ ଜବତ ଘଟଣାରେ ଜଣେ ଗିରଫ



ପାତ୍ରପୁର,୨୩।୮(ଆନିସ): ସୀମାନ୍ତ ଅଞ୍ଚଳରେ ଅବୈଧ ଦେଶୀମଦ ପ୍ରସ୍ତୁତି ଓ ଚୋରା କାରବାର ବିରୋଧରେ ଜରଡ଼ା ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ ସମୟରେ ଏକ ଦେଶୀ ବନ୍ଧୁକ ଜବତ ହୋଇଛି। ଏହି ଘଟଣାରେ ବେଆଇନ ଭାବେ ବନ୍ଧୁକ ରଖିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଜରଡ଼ା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଅଗଷ୍ଟ ୨୧ ତାରିଖରେ ଜରଡ଼ା ପୋଲିସ ଓ ଅବକାରୀ ବିଭାଗର ପକ୍ଷରୁ ରାମଚନ୍ଦ୍ରପୁର, ଗଙ୍ଗାପୁର ଓ ଗୁରୁଡ଼ା ଗ୍ରାମ ଅଞ୍ଚଳରେ ମିଳିତ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ବିପୁଳ ପରିମାଣର ପୋଚ ଓ ଚୋରା ଦେଶୀମଦ ନଷ୍ଟ କରାଯାଇଥିବା ବେଳେ ଏକ ଦେଶୀ ବନ୍ଧୁକ ଘଟଣା ସ୍ଥଳରୁ ଜବତ ହୋଇଥିଲା। ପୋଲିସ ସୂଚନା ଅନୁଯାୟୀ, ମଦ ପ୍ରସ୍ତୁତି ସ୍ଥଳଠାରୁ ପ୍ରାୟ ୧୦୦ ମିଟର ଦୂରରୁ ବନ୍ଧୁକଟି ଜବତ ହୋଇଛି। ବନ୍ଧୁକ ଜବତ ପରେ ପୋଲିସ ଏହାର ମାଲିକାନା ଓ ଘଟଣା ସହ ସମ୍ପୃକ୍ତି ନେଇ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଜରଡ଼ା ଥାନା ଅନ୍ତର୍ଗତ ବୁରାତାଲ ଗ୍ରାମର ଗଙ୍ଗା ମାଲ ବିଷୋୟୀ (୫୬)ଙ୍କୁ ପୋଲିସ ଗିରଫ କରିଛି। ସେ ବୁରାତାଲ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ବର୍ତ୍ତମାନ ଗୁରୁଡ଼ା ଅଞ୍ଚଳର କୁମ୍ଭାରଡିହରେ ରହୁଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ ବେଆଇନ ବନ୍ଧୁକ ରଖିବା ସମ୍ପର୍କିତ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଜବତ ବନ୍ଧୁକର ଉତ୍ସ ଏବଂ ଏହା କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା, ସେନେଇ ପୋଲିସ ତନାଘନା ଜାରି ରଖିଛି। ସୀମାନ୍ତ ଅଞ୍ଚଳରେ ଅବୈଧ ମଦ ପ୍ରସ୍ତୁତି ଓ ଚୋରା କାରବାର ସହ ଜଡ଼ିତ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଜଣାପଡ଼ିଛି।

## ଘରେ ଥିବା ସ୍କୁଟି ନାମରେ ଚାଲାଣ! ତଦନ୍ତ ଦାବି କଲେ ମାଲିକ

ହିଞ୍ଜିଳିକାଟୁ,୨୩।୮(ଆନିସ): ଘର ଭିତରେ ତିନି ଦିନ ଧରି ରହିଥିବା ସ୍କୁଟି ନାମରେ ଚାଲାଣ କଟିବା ଘଟଣାକୁ ନେଇ ପ୍ରଶ୍ନ ଉଠିଛି। ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ କଣ୍ଟାଇକୋଳି ଗ୍ରାମରୁ ଏଭଳି ଅଭିଯୋଗ ଆସିଛି। ସୂଚନା ଅନୁଯାୟୀ, କଣ୍ଟାଇକୋଳି ଗ୍ରାମର ନାର୍ଶୁ ସାହୁଙ୍କ ସ୍କୁଟି (ନମ୍ବର-୦୭୮୨୬୨) ଗତ ତିନି ଦିନ ଧରି ଘର ଭିତରେ ରହିଥିଲା। ଚାଷ କାମରେ ବ୍ୟସ୍ତ ଥିବାରୁ ସେ ସ୍କୁଟିକୁ ଘରୁ ବାହାର କରିନଥିବା କହିଛନ୍ତି। ତେବେ ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ୫୫ ମିନିଟ୍ ସମୟରେ ତାଙ୍କ ମୋବାଇଲକୁ ଆରଟିଓ ପକ୍ଷରୁ ଚାଲାଣ ସମ୍ପର୍କିତ ଏକ ମେସେଜ୍ ଆସିଥିଲା। ମେସେଜ୍‌ରେ ଥିବା ଲିଙ୍କ ଖୋଲିବା ପରେ ଚାଲାଣ ସମ୍ପର୍କିତ ବିବରଣୀ ଦେଖାଯାଇଥିବା ନାର୍ଶୁ କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଚାଲାଣ କେଉଁ ସ୍ଥାନରେ, କେଉଁ କ୍ୟାମେରାରେ କିମ୍ବା କେଉଁ ଛବି ଆଧାରରେ କଟିଛି, ସେନେଇ ସ୍ପଷ୍ଟ ତଥ୍ୟ ମିଳୁନାହିଁ। ଚାଲାଣରେ ହେଲମେଟ୍ ନ ପିନ୍ଧିବା ଏବଂ ଡ୍ରାଇଭିଂ ଲାଇସେନ୍ସର ବୈଧତା ସମାପ୍ତ ଭଳି ଅଭିଯୋଗରେ ଦୁଇଟି ଦଫା ଲାଗିଥିବା ଜଣାପଡ଼ିଛି। ଏଥିରେ ମୋଟର ଯାନ ଆଇନର ସମ୍ପୃକ୍ତ ଧାରା ଲାଗୁ ହୋଇଥିବା ନାର୍ଶୁ କହିଛନ୍ତି। ସ୍କୁଟି ଘରୁ ବାହାରିନଥିବା ସତ୍ତ୍ୱେ ଚାଲାଣ କିପରି କଟିଲା, ତାହାକୁ ନେଇ ନାର୍ଶୁ ପ୍ରଶ୍ନ ଉଠାଇଛନ୍ତି। ଏହା ଆରଟିଓ ପକ୍ଷରୁ କୌଣସି ତ୍ରୁଟି ନା ଅନ୍ୟ କେହି ତାଙ୍କ ଗାଡ଼ିର ନମ୍ବର ବ୍ୟବହାର କରୁଛି, ତାହାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ତଦନ୍ତ ନହେବା ପର୍ଯ୍ୟନ୍ତ ଚାଲାଣ ଦେବେ ନାହିଁ ବୋଲି ଗାଡ଼ି ମାଲିକ କହିବା ସହ, ଯାଞ୍ଚ ପରେ ଯଦି ଚାଲାଣ ଭୁଲ୍ ବୋଲି ପ୍ରମାଣିତ ହୁଏ, ତେବେ ଗାଡ଼ି ଉପରୁ ଏହାକୁ ହଟାଇବାକୁ ନିବେଦନ କରିଛନ୍ତି। ଘଟଣାର ପ୍ରକୃତ କାରଣ କ'ଣ ଏବଂ କେଉଁ ଆଧାରରେ ଚାଲାଣ କଟିଛି, ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

## ନାବାଳିକାଙ୍କୁ ପ୍ରଲୋଭିତ କରିବା ଅଭିଯୋଗରେ ଯୁବକ ଗିରଫ
### ୧୮ ଭରି ସୁନାଗହଣା ନେଇଥିବା ଅଭିଯୋଗ ପକ୍ସୋ ଆଇନରେ ମାମଲା

ପାତ୍ରପୁର,୨୩।୮(ଆନିସ): ପାତ୍ରପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରଲୋଭିତ କରି ସମ୍ପର୍କ ସ୍ଥାପନ କରିବା ସହ ତାଙ୍କ ପରିବାରଠାରୁ ପ୍ରାୟ ୧୮ ଭରି ସୁନାଗହଣା ନେଇଥିବା ଅଭିଯୋଗରେ ଜରଡ଼ା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ଲବ ବାଡ଼ତ୍ୟା (୩୦) ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ପ୍ରାୟ ୭ ମାସ ଧରି ଅଭିଯୁକ୍ତ ଯୁବକ ନାବାଳିକାଙ୍କ ସହ ସମ୍ପର୍କରେ ଥିଲେ। ପରବର୍ତ୍ତୀ ସମୟରେ ନିଜର ଚିକିତ୍ସା ପାଇଁ ଟଙ୍କା ଆବଶ୍ୟକ ଥିବା ଦର୍ଶାଇ ବିଭିନ୍ନ ସମୟରେ ନାବାଳିକାଙ୍କ ପରିବାରଠାରୁ ପ୍ରାୟ ୧୮ ଭରି ସୁନାଗହଣା ନେଇଥିବା ନାବାଳିକାଙ୍କ ମା ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ନାବାଳିକାଙ୍କ ମାଁ ଜରଡ଼ା ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାର କିଛି ଘଣ୍ଟା ମଧ୍ୟରେ ପୋଲିସ ଅଭିଯୁକ୍ତ ଲବ ବାଡ଼ତ୍ୟାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପୋଲିସ ପକ୍ଷରୁ ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ଘଟଣାରେ ପକ୍ସୋ ଆଇନ ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ଅଭିଯୋଗରେ ଥିବା ସୁନାଗହଣା ସମ୍ପର୍କରେ ମଧ୍ୟ ପୋଲିସ ତଦନ୍ତ ଜାରି ରଖିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଜରଡ଼ା ଥାନା ଅଧିକାରୀ ମୀନାକ୍ଷୀ ଦଳବେହେରା ସୂଚନା ଦେଇଛନ୍ତି। ତେବେ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଆସିକା ଇଣ୍ଡୋର ଷ୍ଟାଡିୟମରେ ବ୍ଲକ୍ ସ୍ତରୀୟ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା




ଆସିକା,୨୩।୮(ଆନିସ): ଆସିକାସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଓଡ଼ିଶା ବ୍ୟାଡମିଣ୍ଟନ୍ ଆସୋସିଏସନ୍ ପକ୍ଷରୁ ଦୁଇଦିନିଆ ଲେଭଲ୍-୩ ବ୍ଲକ୍ ସ୍ତରୀୟ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଅଗଷ୍ଟ ୨୨ ଓ ୨୩ ତାରିଖରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳି ଅଂଶଗ୍ରହଣ କରିଛନ୍ତି।

ପ୍ରତିଯୋଗିତାରେ ୯, ୧୧, ୧୩, ୧୫ ଓ ୧୭ ବର୍ଷରୁ କମ୍ ବୟସ ବର୍ଗରେ ଉଭୟ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରି ନିଜ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଶେଷକରି ରାଜ୍ୟସ୍ତରୀୟ ଆଇଡି ନଥିବା ଖେଳାଳିଙ୍କୁ ମଧ୍ୟ ଏହି ପ୍ରତିଯୋଗିତାରେ ଖେଳିବାର ସୁଯୋଗ ମିଳିଥିବାରୁ ଅନେକ ନୂଆ ପ୍ରତିଭାଙ୍କୁ ନିଜ ଦକ୍ଷତା ପ୍ରଦର୍ଶନ ପାଇଁ ମଞ୍ଚ ମିଳିଛି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବନ୍ଦନା ସାବତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଆସିକା ବ୍ୟାଡମିଣ୍ଟନ୍ କ୍ଲବର ସଭାପତି ସାଗର ସାବତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଇଣ୍ଡୋର ଷ୍ଟାଡିୟମର ଇନ୍‌ଚାର୍ଜ ବାବୁ ଗୌଡ଼ ଓ ପ୍ରଶିକ୍ଷକ ଚନ୍ଦନ ବେହେରାଙ୍କ ସମେତ ପ୍ରଶାନ୍ତ କୁମାର ମୁନୀ, ମନୋଜ ପାତ୍ର, ସନ୍ତୋଷ ବେହେରା, ପତନ ଜେନା ଓ ରଞ୍ଜିତା ପାତ୍ର ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

ଯୁବ ଖେଳାଳିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି ଆୟୋଜକମାନେ କହିଛନ୍ତି। ଏଭଳି ପ୍ରତିଯୋଗିତା ଆସିକା ଅଞ୍ଚଳରୁ ନୂଆ କ୍ରୀଡ଼ା ପ୍ରତିଭାଙ୍କୁ ଆଗକୁ ଆଣିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି।

## ବଂଶଧରା ନଦୀ ପାର୍ଶ୍ୱ ବର୍ତ୍ତୀ ଗ୍ରାମ ଲୋକେ ଭୟଭୀତ : ତୁହାକୁ ତୁହା ବର୍ଷା



କାଶୀନଗର,୨୩।୮(ଆନିସ): ଗଜପତି ଜିଲ୍ଲା ଅନ୍ତର୍ଗତ କାଶୀନଗର ବ୍ଲକ ରେ ପ୍ରବାହିତ ବଂଶଧରା ନଦୀ ପାର୍ଶ୍ୱ ବର୍ତ୍ତୀ ଗ୍ରାମ ଗୁଡିକ ର ଲୋକେ ଲଗାଣ ବର୍ଷା ଯୋଗୁଁ ଭୟଭୀତ ହୋଇ ରହିଛନ୍ତି ।

ଗତ ଦୁଇଦିନ ହେଲା ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ରେ ଉଠିଥିବା ଲଘୁଚାପ ଯୋଗୁଁ କାଶୀନଗର ବ୍ଲକ ତଥା ଉପର ମୁଣ୍ଡ ରାୟଗଡା ଜିଲ୍ଲା ରେ ଦୁଇଦିନ ହେଲା ବର୍ଷା ପଡୁଥିବାରୁ ବଂଶଧରା ନଦୀ ରେ ଜଳ ସ୍ତର ବୃଦ୍ଧି ପାଇଛି । କେତେକ ଯାଗାରେ ବନ୍ୟା ଆନିକଟ ନିର୍ମାଣ ହୋଇଥିବାରୁ ବନ୍ୟା ଜଳ ଗ୍ରାମ ଭିତର କୁ ନ ପଶି ପାରେ କିନ୍ତୁ ପରିବା ଓ ଖାଲ ଜମି ଗୁଡିକ ରେ ପାଣି ଲହରୀ ଭାଙ୍ଗୁଛି । ଆକାଶ ମେଘାଛନ ହୋଇ ରହିଛି. ଆସନ୍ତା ଦୁଇଦିନ ପାଇଁ ମଧ୍ୟ ପାଣିପାଗ ବିଭାଗ ସତର୍କତା ସୂଚନା ଦେଇଛନ୍ତି । ଏଣୁ ବର୍ଷ ର ଏହା ପ୍ରଥମ ବନ୍ୟା ଆସିପାରେ. ଚାଷ କାର୍ଯ୍ୟ ବ୍ୟାହତ ହେଉଥିବା ବେଳେ ବର୍ଷାକୁ ଡରି ମୁଲିଆ ଖଟିବାକୁ ଆସୁନି । କେତେ ଯାଗାରେ ଏବେ ମଧ୍ୟ ରୁଆ ବେଉସା ହୋଇନି ।

ଏ ଯାଏଁ ବର୍ଷା ର ଅଭାବ ଯୋଗୁଁ ରୁଆ ହୋଇନଥିବା ବେଳେ ହଠାତ ଦୁଇଦିନ ହେଲା ବର୍ଷା ବୃଦ୍ଧି ପାଇଛି. ଯାହା ଫଳ ରେ ଚଷୁ ଆତଙ୍କିତ ହୋଇ ରହିଛନ୍ତି । ପ୍ରଶାସନ ପୂର୍ବରୁ ସଜାଗ ହୋ ଇ ରହିଛି, ଏପର୍ଯ୍ୟନ୍ତ କୌଣସି କ୍ଷୟ କ୍ଷତି ହୋଇନି ।

## ଡକାୟତି ଅଭିଯୋଗରେ ପାଞ୍ଚ ଗିରଫ, ଜଣେ ଫେରାର



କୁକୁଡାଖଣ୍ଡି,୨୩।୮(ଆନିସ): ଡକାୟତି ଅଭିଯୋଗ ରେ ସଦର ଥାନା ପୋଲିସ ପାଞ୍ଚ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟକ୍ତି ମାନେ ହେଲେ ଦିଗପହଣ୍ଡି ଥାନା ବନ୍ଧପଲ୍ଲୀ ର ଭିକାରୀ ଦାସ(୨୧), ସଦର ଥାନା ବଉଲଝୋଳି ର ମୁକେଶ ବିଷୋୟୀ(୨୬), ସଂଗ୍ରାମ ବିଷୋୟୀ(୨୧),କାହ୍ନା ବିଷୋୟୀ(୨୪),ପପୁ ବିଷୋୟୀ(୨୧)। ସୂଚନା ଅନୁସାରେ ଅଗଷ୍ଟ ୨୨ ତାରିଖ ଦିନ ସମୟରେ କୁକୁଡାଖଣ୍ଡି ର ଭୈରବ ସାହୁ ନିଜ ଗାଡ଼ି ରେ ଦୁଇ ଟି ଷଣ୍ଢ କୁ ନେଇ କଞ୍ଚୁରୁ ରୁ ଡେଙ୍ଗାପଦର ଗ୍ରାମକୁ ନେବା ସମୟରେ ରେ ବଉଲଝୋଳି କେନାଲ ନିକଟରେ ଛଅ ଜଣ ଅଜଣା ଯୁବକ ଉକ୍ତ ଗାଡି କୁ ଅଟକାଇ ଟଙ୍କା ମାଗି ଥିଲେ,ଭୈରବ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତ ମାନେ ତାଙ୍କୁ ଗାଳିଗୁଲଜ ସହ ମାଡ଼ ମାରି ତାଙ୍କ ଠାରୁ ନଗଦ ୧୫୦୦ ଟଙ୍କା ଓ ଫୋନ୍ ପେ ରୁ ମଧ୍ୟ ୨୨ ହଜାର ୫୦୦ ଟଙ୍କା ନେଇଥିଲେ ଦୁର୍ବୃର୍ତ୍ତ ମାନେ। ଏନେଇ ଭୈରବ ସ୍ଥାନୀୟ ସଦର ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଥାନା ରେ ୫୪୪/୨୬ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରି ପାଞ୍ଚ ଅଭିଯୁକ୍ତ ଙ୍କୁ ଗିରଫ କରିଛି।ଭିକାରୀ ଦାସ ଠାରୁ ପୁଲିସ ଗୋଟିଏ ମୋବାଇଲ ସହ ଗୋଟିଏ ଧାରୁଆ ଅସ୍ତ୍ର ଜବତ କରିଛି। ତାହା ସହ ମୁକେଶ ନିକଟ ରୁ ପୁଲିସ ହୋଣ୍ଡା ସାଇନ୍ ବାଇକ୍, ମୋବାଇଲ ସହ ୫୦୦ ଟଙ୍କା ଜବତ, ସେହିପରି ପପୁ ନିକଟରୁ ପୋଲିସ ଗୋଟିଏ ଧାରୁଆ ଅସ୍ତ୍ର, ଫୋନ୍ ପେ ରୁ ୨୨ ହଜାର ଟଙ୍କା,ଅନ୍ୟ ଦୁଇ ଅଭିଯୁକ୍ତ ଙ୍କ ଠାରୁ ପୁଲିସ ମୋବାଇଲ ଫୋନ୍ ଜବତ କରିଛି। ଅନ୍ୟ ଅଭିଯୁକ୍ତ ନନ୍ଦନ ବେହେରା ଫେରାର ଥିବା ପୁଲିସ କହିଛି ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ସୂଚନା ଦେଇଛନ୍ତି।

## ଗଞ୍ଜାମ ଜିଲ୍ଲା ବିଜୁପଟନାୟକ ସିନିଅର ସିଟିଜେନ୍ସ ଫୋରମର ମାସିକ ସାଧାରଣ ପରିଷଦ ବୈଠକ



ବ୍ରହ୍ମପୁର,୨୩।୮(ଆନିସ): ସ୍ଥାନୀୟ ବିଜିପୁର ସନ୍ତୋଷୀ ମା କଲ୍ୟାଣ ମଣ୍ଡପ ଠାରେ ଗଞ୍ଜାମ ଜିଲ୍ଲା ବିଜୁପଟନାୟକ ସିନିଅର ସିଟିଜେନ୍ସ ଫୋରମ ର ମାସିକ ସାଧାରଣ ପରିଷଦ ବୈଠକ କାର୍ଯ୍ୟକାରୀ ସଭାପତି ଡାକ୍ତର ଇନ୍ଦୁ ଭୂଷଣ ପଟନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ସାଧାରଣ ସମ୍ପାଦକ ଶ୍ରୀ ସିମାଞ୍ଚଳ ପ୍ରସାଦ ବିଷୋୟୀ ଗତ ମାସ ବୈଠକ ବିବରଣୀ ପ୍ରଦାନ କରିଥିଲେ । ଆଜିର ବୈଠକ ରେ କୋଷାଧକ୍ଷ ଶ୍ରୀ ମନମୋହନ ପରିଛା ନୂତନ କୋଷାଧକ୍ଷ ଶ୍ରୀ ଶରତ କୁମାର ପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ନୂତନ କୋଷାଧକ୍ଷ ଶ୍ରୀ ଶରତ କୁମାର ପାତ୍ର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ । ସଭାପତିତ୍ୱ କରୁଥିବା କାର୍ଯ୍ୟକାରୀ ସଭାପତି ଡାକ୍ତର ଇନ୍ଦୁ ଭୂଷଣ ପଟନାୟକ ଆଜିର ବୈଠକ ର ଅଭିମୁଖ୍ୟ ତଥା ଫୋରମର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ ।

ସାଧାରଣ ସମ୍ପାଦକ ଶ୍ରୀ ସିମାଞ୍ଚଳ ପ୍ରସାଦ ବିଷୋୟୀ ଫୋରମ ର ରାଜ୍ୟସରକାରଙ୍କ ନବୀକରଣ ଉପରେ ଆଲୋକପାତ କରିଥିଲେ । ଆସନ୍ତା ନଭେମ୍ବର ଶେଷ ସପ୍ତାହ ରେ ଫୋରମ ର ତ୍ରୟ ବାର୍ଷିକ ସମୀଳନୀ ଅନୁଷ୍ଠିତ ହେବା ଉପରେ ଆଲୋଚନା ହୋଇଥିଲା । ସର୍ବସମ୍ମତି କ୍ରମେ ଆସନ୍ତା ନଭେମ୍ବର ଶେଷ ସପ୍ତାହ ରେ ଫୋରମ ର ତ୍ରୟ ବାର୍ଷିକ ସମିଳନୀ ସ୍ଥାନୀୟ ହିଲପାଟଣାସ୍ଥିତ ବିଜୁପଟନାୟକ ସଂସ୍କୃତି ଭବନ ଠାରେ କରିବା ପାଇଁ ନିଷ୍ପତ୍ତି କରାଗଲା ।

ଆୟୋଜନ ନିମନ୍ତେ ସମ୍ଭାବ୍ୟ ବଜେଟ ଓ ଆୟୋଜକ କମିଟି ଓ କାର୍ଯ୍ୟକ୍ରମ ର ରୂପରେଖ ଉପରେ ସାଧାରଣ ସମ୍ପାଦକ ଶ୍ରୀ ସିମାଞ୍ଚଳ ପ୍ରସାଦ ବିଷୋୟୀ ସୂଚନା ପ୍ରଦାନ କରିଥିଲେ ଓ ସମ୍ମିଳନୀର ସଫଳତା ନିମନ୍ତେ ସମସ୍ତ ଙ୍କ ର ସହଯୋଗ କାମନା କରିଥିଲେ ।

ଆଜିର ଏହି ବୈଠକ ରେ ନୂତନ ସଦସ୍ୟ ଭାବରେ ଡ଼ । ଶଙ୍କର ପ୍ରସାଦ ମାଝୀ ଓ କିଶୋର କପୁର ଯୋଗଦାନ କରି ନିଜନିଜର ପରିଚୟ ପ୍ରଦାନ କରିଥିଲେ । ଉପସ୍ଥିତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ମାନେ କରତାଳି ଦେଇ ସ୍ୱାଗତ କରିଥିଲେ । ।

ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଏସ । ମହେଶ୍ୱର ପୃଷ୍ଟି, ସମ୍ପାଦକ ଶ୍ରୀ ଭୀଷ୍ମଚାର୍ଯ୍ୟ ଚୌଧୁରୀ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ପ୍ରଶାନ୍ତ କୁମାର ମହାପାତ୍ର,ମନମୋହନ ପରିଛା, ସମୀକ୍ଷକ ଶ୍ରୀ ସୁରେନ୍ଦ୍ର ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ରାଧା କୃଷ୍ଣ ମହାରଣା, ରବୀନ୍ଦ୍ର ମୋହନ ପଟନାୟକ, କୃଷ୍ଣବ ମହାରଣା, ରାଜେନ୍ଦ୍ର ଚାରଲେସ, ରବି ମହାରଣା,ଏମ ଏସ ଏ ମଲ୍ଲିକ,ଅଶୋକ କୁମାର ଦାସ, ସନାତନ ବେହେରା, ଦେବାନନ୍ଦ ବିଶ୍ୱାସ, ଭଗବାନ ପାତ୍ର, କେ । ସୁନ୍ଦର ରାଓ, ଭଗବାନ ସାବତ, ସୁବାସ ଚନ୍ଦ୍ର ପଣ୍ଡା, ନୀଳମାଧବ ପାତ୍ର, ଡାକ୍ତର ପ୍ରଫୁଲ୍ଲ କୁମାର ଦଳାଇ ପ୍ରମୁଖ ବହୁ ସଦସ୍ୟ ଯୋଗ ଦାନ କରି ଆଲୋଚନା ରେ ଭାଗ ନେଇଥିଲେ । ଶେଷ ରେ ଉପସଭାପତି ଶ୍ରୀ ଏସ । ମହେଶ୍ୱର ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ଏକୋ ବ୍ରହ୍ମ ଦ୍ୱିତୀୟୋ ନାସ୍ତି

ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ଯେତେ ଗୁଡ଼ିଏ ଜଡ ଓ ଚେତନ ପଦାର୍ଥ ରହିଛି ସେ ସମସ୍ତ ପରମାତ୍ମାଙ୍କ ସ୍ୱରୂପ । ଅଜ୍ଞାନ ବଶତଃ ମନୁଷ୍ୟ ଏହାକୁ ଭିନ୍ନ ଭିନ୍ନ ବୋଲି ମତବ୍ୟକ୍ତ କରିଥାଏ। ପରନ୍ତୁ ତାହା ଭିନ୍ନ ନୁହେଁ ତାହା ଏକ ଓ ଅଭିନ୍ନ । ଏହାକୁ ଦୃଢ଼ କରିବାକୁ ଯାଇ ଶାସ୍ତ୍ର ପ୍ରତିପାଦିତ କରିଛି ଯେ, ଏକୋ ବ୍ରହ୍ମ ଦ୍ୱିତୀୟୋ ନାସ୍ତି ଅର୍ଥାତ୍ ବ୍ରହ୍ମ ବା ପରମାତ୍ମା ସତ୍ତା ହିଁ ଏକ ତତ୍ ବ୍ୟତିରିକ୍ତ ଦ୍ୱିତୀୟ ସତ୍ତା ବୋଲି କିଛି ନାହିଁ। ସେ ହିଁ ସମଗ୍ର ସୃଷ୍ଟିର ଉପାଦାନ କାରଣ ଓ ନିମିତ୍ତ କାରଣ ମଧ୍ୟ। ଏପରି ସିଦ୍ଧାନ୍ତ ଅଦ୍ୱୈତ ବେଦାନ୍ତ ମତ ପୋଷଣ କରେ। ଉପାଦାନ କାରଣ ଓ ନିମିତ୍ତ କାରଣ କେବେ ମଧ୍ୟ ଜଣଙ୍କ ପକ୍ଷରେ ଅସମ୍ଭବ ବୋଲି ପ୍ରତିପକ୍ଷ ଦାର୍ଶନିକମାନେ ଦୃଷ୍ଟାନ୍ତ ଦେଇ କହିଛନ୍ତି ଯେ ,ଗୋଟିଏ ଘଟ ନିର୍ମାଣ ପାଇଁ ମୃତ୍ତିକା ଓ କୁମ୍ଭକାର ର ଆବଶ୍ୟକତା ରହିଛି। ଉଭୟଙ୍କ ମଧ୍ୟରୁ ଗୋଟିଏର ଅଭାବ ଘଟିଲେ କେବେବି ଘଟ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ଏପରି ଯୁକ୍ତିକୁ ଖଣ୍ଡନ କରିବାକୁ ଯାଇ ଅଦ୍ୱୈତ ବେଦାନ୍ତ ଊର୍ଣନାଭ (ବୁଢ଼ୀ ବୁଢ଼ିଆଣୀ ) ର ଦୃଷ୍ଟାନ୍ତ ରଖିଛନ୍ତି । ଅଦ୍ୱୈତ ବେଦାନ୍ତି କହିଛନ୍ତି ଯେ, ଏକ ଊର୍ଣନାଭ ଏକା ହିଁ ନିଜେ ଜାଲ ସୃଷ୍ଟି କରେ ଏବଂ ନିର୍ମାଣ ମଧ୍ୟ

କରିଥାଏ । ଅତଃ ବ୍ରହ୍ମ ସମଗ୍ର ସୃଷ୍ଟିର ଉପାଦାନ କାରଣ ଓ ନିମିତ୍ତ କାରଣ ଅଟନ୍ତି। ସେପରି ଈଶାବାସ୍ୟ ଉପନିଷଦର ପ୍ରଥମ ମନ୍ତ୍ରରେ କୁହାଯାଇଛି ଯେ – ଈଶା ବାସ୍ୟମିଦଂ ର୍ସଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ ଏହାର ଅର୍ଥ ଜଗତରେ ଯାହାସବୁ ଆମକୁ ଦୃଷ୍ଟି ଗୋଚର ହେଉଛି ସେ ସମସ୍ତ ପରମାତ୍ମାଙ୍କ ବିଶେଷ ଅଟେ। କାରଣ ସେ ର୍ସ ଶକ୍ତିମାନ ଅଟନ୍ତି। ପରନ୍ତୁ ଅଜ୍ଞଜନ ଅଜ୍ଞାନ ଜନିତ ଭ୍ରମ ହେତୁ ଭେଦ ଦର୍ଶନ କରେ। ଯାହା ଫଳରେ ତାର ଦ୍ୱୈତ ଭାବ ସୃଷ୍ଟି ହୁଏ। ଏଥି ଯୋଗୁଁ ସେ ଭେଦ ଦର୍ଶନ କରେ। ଏପରି ଭେଦ ଦର୍ଶନକାରୀକୁ ମାଣ୍ଡୁକ୍ୟ ଉପନିଷଦରେ ଭେଦଦର୍ଷୀ କୃପଣ ବୋଲି କୁହାଯାଉଛି।

ଅଭେଦ ଭାବକୁ ପ୍ରତିଷ୍ଠିତ କରିବାକୁଯାଇ ଆଦିଗୁରୁ ଶ୍ରୀଶଙ୍କରାଚାର୍ଯ୍ୟ କହିଛନ୍ତି ଯେ – ଶ୍ଳୋକସ୍ୟାର୍ଦ୍ଧେନ ପ୍ରବକ୍ଷ୍ୟାମି ଯଦୁକ୍ତମ୍ ଗ୍ରନ୍ଥକୋଟିଭିଃ। ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ। ଅର୍ଥାତ୍ କୋଟି କୋଟି ଗ୍ରନ୍ଥରେ ଯେଉଁ ବ୍ରହ୍ମ ତତ୍ତ୍ୱକୁ ଅଭିନ୍ନ ଓ ଏକ ବୋଲି ପ୍ରତିପାଦନ କରାଯାଇଛି , ମୁଁ ସେହି ତତ୍ତ୍ୱକୁ ଅର୍ଦ୍ଧେକ ଶ୍ଳୋକରେ କହୁଛି ଯେ , ଜୀବ ଓ ବ୍ରହ୍ମ ମଧ୍ୟରେ କିଛି ବି ପ୍ରଭେଦ ନାହିଁ। ସେ ( ବ୍ରହ୍ମ) ଏକ , ଅଭିନ୍ନ ଓ ସତ୍ୟ ପଦାର୍ଥ ଅଟନ୍ତି। ସେପରି ଛାନ୍ଦୋଗ୍ୟ ଉପନିଷଦରେ ଦେଖିବାକୁ ମିଳେ ସଦେବ ସୋମ୍ୟେଦମଗ୍ର ଆସୀତ୍ । ଅର୍ଥାତ୍ ଏଠାରେ ପିତା ଶ୍ୱେତକେତୁକୁ କହୁଛନ୍ତି ହେ ସୋମ୍ୟ ( ପୁତ୍ର ) ! ଯେ ସତ୍ୟ ସେ ହିଁ ନିତ୍ୟ ଏବଂ ସେ ହିଁ ଅନନ୍ତ, ଅବିକାରୀ ଓ ର୍ସ ନିୟନ୍ତା ପୂର୍ଣ୍ଣବ୍ରହ୍ମ। ସେ ହିଁ ଏ ସୃଷ୍ଟିର ଆରମ୍ଭ ପୂର୍ବରୁ ସତ୍ ରୂପେ ବିଦ୍ୟମାନ ଥିଲେ । ତାହାଙ୍କ ବ୍ୟତୀତ ଦ୍ୱିତୀୟ ସତ୍ତା ବୋଲି କିଛି ନଥିଲା। ସେହି ସତ୍ ନିର୍ଗୁଣ ଓ ନିରାକାର ଭାବେ ବ୍ୟାପ୍ତଥିଲେ । ଏ ପରି ମଧ୍ୟ ସ୍ମୃତି ଶାସ୍ତ୍ରରେ କୁହାଯାଇଛି – ତଦୈକ୍ଷତ ବହୁଷ୍ୟାମ୍ ପ୍ରଜାହାମୀ ଏହାର ଅର୍ଥ – ବ୍ରହ୍ମ ଆନନ୍ଦ ପ୍ରଦାନ ନିମିତ୍ତ ନିଜକୁ ଏକରୁ ବହୁ ହେବାକୁ ଚିନ୍ତନ କରି ,ବିଭିନ୍ନ ରୂପରେ ପ୍ରତୀୟମାନ ହେଲେ । ଯାହା ଫଳରେ ସୃଷ୍ଟି , ଭିନ୍ନ ଭିନ୍ନ ଦ୍ରବ୍ୟରେ ଦୃଷ୍ଟି ଗୋଚର ହେଲା। ଗୀତାରେ ମଧ୍ୟ ଉଲ୍ଲେଖ ରହିଛି ମମୈ ବାଂଶୋ ଜୀବଲୋକେ ଜୀବଭୂତ ସନାତନଃ ଏଠାରେ

ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି ହେ ଅର୍ଜୁନ! ଏ ଜଗତରେ ମୁଁ ହେଉଛି ସନାତନ ସ୍ୱରୂପ । ମୋଠାରୁ ସୃଷ୍ଟ ହୋଇଛି ସମଗ୍ର ସଂସାର। ଏ ସଂସାରରେ ଥିବା ସମସ୍ତ ଜୀବାତ୍ମା ମୋର ଅଂଶ ବିଶେଷ ଅଟନ୍ତି।

ଏହି ପରଂବ୍ରହ୍ମଙ୍କ ପରମ ତତ୍ତ୍ୱକୁ ପ୍ରକାଶ କରିବାକୁ ଯାଇ, ଓଡ଼ିଆ ଜାତିର ଗର୍ବ–ଗୌରବର ମୂର୍ତ୍ତିମନ୍ତ ପ୍ରତୀକ ,ପରମ ବୈଷ୍ଣବ ଅତିବଡ଼ି ଜଗନ୍ନାଥ ଦାସ ସ୍ୱବିରଚିତ ଭାଗବତ ପୁରାଣରେ ଲେଖିଛନ୍ତି – ମାଟିର ବିକାର ଘଟ ପ୍ରାୟେ ତୋ ତହୁଁ କେହି ଆନ ନୁହେଁ ଅର୍ଥାତ୍ ମାଟି ହିଁ ଏକ ଦ୍ରବ୍ୟ କିନ୍ତୁ ତା ଦେହରୁ ନିର୍ମିତ ଘଟ, ସରା ଓ ପାତ୍ରାଦି ଆକାରରେ ପରିବର୍ତ୍ତନ ହେତୁ ଭିନ୍ନ ଭିନ୍ନ ଭାବରେ ନାମକରଣ କରାଯାଇଛି। ସେପରି ସୁବର୍ଣ୍ଣ ନିର୍ମିତ କୁଣ୍ଡଳ, ହାର ଓ ମୁଦ୍ରିକାଦି ରୂପରେ ଭିନ୍ନ ହେଲେବି ସ୍ୱରୂପରେ ତତ୍ତ୍ୱତଃ ଏକ ଓ ଅଭିନ୍ନ । ସେହି ଅବିନାଶୀ ଆତ୍ମା ଭିନ୍ନ ଭିନ୍ନ ରୂପେ ପ୍ରତୀୟମାନ ହେଲେ ମଧ୍ୟ ସେ ହିଁ ଅଦ୍ୱିତୀୟ। ଏ ସୃଷ୍ଟିରେ ବ୍ରହ୍ମଙ୍କ ବ୍ୟତିରିକ୍ତ ଦ୍ୱିତୀୟ ସତ୍ତା ବୋଲି କିଛିନାହିଁ। ଅତଃ ଅଦ୍ୱୈତ ବେଦାନ୍ତ ଦର୍ଶନରେ କୁହାଯାଉଛି ଯେ ନାମରୂପେ ବ୍ୟାକରବାଣୀ ଅର୍ଥାତ୍ ଆମେ ସବୁ ଯାହା ଦେଖୁଛେ ତାସବୁ ନାମରୂପରେ ବାଣୀର ବିକାର ଅଟେ।

**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
**ଆସିକା, ଗଞ୍ଜାମ।**

# ସମସ୍ତେ ଆପଣଙ୍କ ନିଜର ନୁହଁନ୍ତି

ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କୁ ଅତି ସହଜରେ ନିଜର ଭାବିଦିଅନ୍ତି । ସେମାନେ କେବେବି ଚିନ୍ତା କରନ୍ତିନି ଯାହାଙ୍କୁ ସେମାନେ ନିଜର ଭାବୁଛନ୍ତି ସେମାନେ ସେମାନଙ୍କୁ କେତେ ନିଜର ଭାବୁଛନ୍ତି । ନିଜର ଭାବିବା କିଛି ଖରାପ କଥା ନୁହେଁ । କିନ୍ତୁ ଆଜିକାଲି ଆପଣ କାହାକୁ ନିଜର କହିବେ ସେଟା ସବୁଠାରୁ ବଡ଼ ପ୍ରଶ୍ନ ଯାହାର ଉତ୍ତର ଏହି ମଣିଷ ପାଖରେ ଅଛି ହେଲେ ଏ ମଣିଷ ସବୁ ଜାଣି ସମ୍ପର୍କକୁ ଯୋଡିବାକୁ ଚାହୁଁଛନ୍ତି । ବେଳେବେଳେ ଅନ୍ୟମାନଙ୍କ ରାଗକୁ ଭଲପାଇବା ଆଉ ଭଲପାଇବାକୁ ଶେଷ୍ଟ ସମ୍ପର୍କ ଭାବି ସାରା ଜୀବନ ସେମାନଙ୍କ ନିଜର ହେବାକୁ ଚାହିଁଥାଆନ୍ତି ଯାହା ବାସ୍ତବ ସତ ଠାରୁ ଦୂରେଇ କଷ୍ଟ ପାଇଥାନ୍ତି ।

ଯିଏ ସମ୍ପର୍କର ମାନେ ବୁଝେ ସେ ପ୍ରତିଟି ମୁହୂର୍ତ୍ତରେ ଅନ୍ୟଠୁ କଟୁ କଥା ଶୁଣି ନୀରବ ରହିଯାଏ ପଛେ କାହାକୁ କେବେବି କଟୁ କଥା କହିବାକୁ ଚେଷ୍ଟା କରେନି । ହେଲେ ଏ ସମାଜର ଲୋକେ କୁହନ୍ତି କାହାର କଟୁ କଥା ଶୁଣି ଯଦି ତୁମେ ନୀରବ ରହିଯିବ । ତେବେ ତମେ କଣ ମହାନ ହୋଇଯିବ ।ଏଥିରେ ମହାନ ହେଲାଭଳି କିଛି କଥା ନାହିଁ । ଯାହାର ପ୍ରତିଟି କଥାରେ କିଛି କହିବାର ଅଭ୍ୟାସ ଥିବ ସେ କହିଚାଲିବ କାରଣ ସେ କହିଲେ ହିଁ ତା ଆତ୍ମାକୁ ଶାନ୍ତି ମିଳିବ । ନଚେତ ସେ ଅସ୍ତବ୍ୟସ୍ତ ହୋଇଯିବ । ଆଉ ଯାହାର କିଛି କହିବାର ଅଭ୍ୟାସ ନଥିବ ସେ କାହାଠୁ ଆଘାତ ଲାଗିଲା ଭଳି କଥା ଶୁଣିଦେବ ପଛେ କାହାକୁ କିଛି ଆଘାତ ଦେଲାଭଳି କଥା କହିବନି । କାହିଁକି ନା ସେମାନେ ଜାଣନ୍ତି କାହାକୁ କଟୁ କଥା କହିଲେ ଅନ୍ୟ ଜଣକୁ କିଭଳି ଲାଗେ ସେ ଅନ୍ୟର ଭାବାବେଗକୁ ବୁଝେ ବୋଲି ପ୍ରାୟ ତା ଭାବାବେଗକୁ ବୁଝିବାକୁ ଚେଷ୍ଟା କରନ୍ତିନି ଯେଉଁମାନେ ବୁଝନ୍ତି ସେମାନେ ସାନ୍ତ୍ୱନା ମୂଳକ କଥା କହିଦେଇଥାନ୍ତି ସେମାନେ ରାଗିଲେ କହିଦେଉଛନ୍ତି ଆଉ ଯେଉଁମାନେ ଅନ୍ୟର ରାଗରେ ଦାଗ ଦେଇପାରନ୍ତିନି ସେମାନେ ବୋଧହୁଏ କାନ୍ଦି ପକାନ୍ତି ।

ତେବେ ଭାବନାକୁ ବୁଝୁଥିବା ଲୋକ ଯେତେ ସମସ୍ୟାରେ ଥିଲେ ମଧ୍ୟ ସେ କାହାକୁ ଆଘାତ ଦେଲାଭଳି କଥା କୁହେନି । କିନ୍ତୁ ଭାବନାକୁ ନବୁଝୁଥିବା ଲୋକ କଷ୍ଟ ପରେ କଷ୍ଟ ଦେଇଚାଲେ । କେବଳ ଏଥିପାଇଁ ଅନ୍ୟ ଉପରେ ଚଢ଼ିକି କଥା କହିଲେ ସେମାନଙ୍କୁ ଖୁସି ଲାଗେ । ତେବେ ସମ୍ପର୍କ ମାନେ ବୁଝୁଥିବା ଲୋକଙ୍କ ସହ ସମ୍ପର୍କ ଯୋଡନ୍ତୁ ସମ୍ପର୍କ ଭାଙ୍ଗୁଥିବା ଲୋକଙ୍କ ଠାରୁ ଦୂରେଇ ରୁହନ୍ତୁ ଯେପର୍ଯ୍ୟନ୍ତ ଆପଣ ଏଭଳି ସମ୍ପର୍କକୁ ଗୁରୁତ୍ୱ ଦେବେ ସେପର୍ଯ୍ୟନ୍ତ ଆପଣ କଷ୍ଟ ପାଇବେ । ଯଦି କେହି କେବେ କୌଣସି କଥା ପାଇଁ ଆପଣଙ୍କୁ ବିରକ୍ତ ହେଉଛନ୍ତି ତାହାର କାରଣ ନିଶ୍ଚିନ୍ତ ଖୋଜନ୍ତୁ । ଯଦି କିଛି ଭୁଲ ଥାଏ ମୁଣ୍ଡ ପୋତି ସହିଯାଆନ୍ତୁ ।ଆଉ ଯଦି ଆପଣଙ୍କର କୌଣସି କଥାରେ ଭୁଲ ନଥାଏ ଅଯଥା ଯୁକ୍ତି ନକରି କାନ୍ଦିବା ଭୁଲି ସେହି ସମ୍ପର୍କରୁ ବିଦାୟ ନିଅନ୍ତୁ ।

ସବୁବେଳେ ଗୋଟେ କଥା ମନେ ରଖନ୍ତୁ ସମସ୍ତେ ଆପଣଙ୍କ ନିଜର ନୁହଁନ୍ତି କିଛି ଜଣ ସ୍ୱାର୍ଥ ଦେଖି ଫାଇଦା ଉଠାଇବାକୁ ଚେଷ୍ଟା କରନ୍ତି ତ ଆଉ କିଛି ସ୍ୱାର୍ଥ ସରିଲେ ଆପଣଙ୍କ ଠାରୁ ଦୂରେଇ ରୁହନ୍ତୁ । ପରିବାର ପରେ ଯଦି ଆପଣ ସାଙ୍ଗସାଥି କିମ୍ବା ଅନ୍ୟ କୌଣସି ଲୋକଙ୍କ ପାଇଁ ଚିନ୍ତିତ ରହୁଛନ୍ତି ତେବେ ନିଶ୍ଚିନ୍ତ ଭାବରେ ଆପଣଙ୍କୁ କଷ୍ଟ ଦେଉଥିବା ଲୋକଙ୍କ ଠାରୁ ଦୂରେଇ ରୁହନ୍ତୁ । ଦେଖିବେ ଜୀବନରେ ଖୁସି କାହାକୁ କୁହାଯାଏ ଆଉ କେଉଁମାନେ ଆପଣଙ୍କ ନିଜର ଆପଣ ସେଇଠୁ ଜାଣିଯିବେ । ଯେଉଁଠୁ ଆପଣ ଆପଣଙ୍କୁ କଷ୍ଟ ଦେଉଥିବା ଲୋକଙ୍କ ଠାରୁ ଦୂରେଇ ଥିବେ ।

**ଦିପ୍ତିମୟୀ ନାୟକ, ଯୁବ ସାମ୍ବାଦିକା**

# ଆଜିର ଦେବଦୂତମାନେ

କୌଣସି ବ୍ୟକ୍ତି ଯଦି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ସାମାନ୍ୟ ସାହାଯ୍ୟର ହାତ ବଢାଇଲାଇ ତେବେ ବିଭିନ୍ନ ଗଣମାଧ୍ୟମ ଖବର ପ୍ରସାରଣ ବେଳେ ସେହି ବ୍ୟକ୍ତି ଙ୍କୁ ଦେବଦୂତ ସଜାଇ ଅତି ରଞ୍ଜିତ ଭାବେ ପ୍ରଚାର ପ୍ରସାର କରିଥାନ୍ତି। ସାମନ୍ୟ ସହାୟତାକୁ ନେଇ ଏହି ଦେବଦୂତ ଶବ୍ଦର ଦିନକୁ ଦିନ ବହୁଳ ପ୍ରଚାର ହୁଏ ତ ଅନ୍ୟତ୍ର ଶୁଣିବା ବିରଳ। ଯଦି ସେ ବ୍ୟକ୍ତି ଜଣକ ଏତେ ବଡ ଉପାଧିର ଅଧିକାରୀ, ତାଙ୍କୁ ଗଣ ମାଧମ ତରଫରୁ ଗୋଟିଏ ଗୋଟିଏ ମାନପତ୍ର ଆଉ ପୁରସ୍କାର ରାଶି ଘୋଷଣା କରି ପ୍ରଦାନ କରା ଗଲେ,ଭଲ ହୁଅନ୍ତା।

କୌଣସି ବ୍ୟକ୍ତିର ସମାନ୍ୟ ସାହାଯ୍ୟ ପାଇଲେ, ଗଣ ମାଧମ ତିଳକୁ ତାଳ କରି ପ୍ରଘଟ କରନ୍ତି। ଗଣ ମାଧମରୁ ଦେବଦୂତ ମାନେ ଜନ୍ମ ନିଅନ୍ତି। ଆଜି ବି ଓଡ଼ିଶାର ବହୁ ଦୁର୍ଗମ ,ପଛୁଆ ପାହାଡ ଅଞ୍ଚଳରେ ମୌଳିକ ସମସ୍ୟା ଗୁଡିକର ସମାଧାନ ହୋଇ ପାରି ନାହିଁ। କେଉଁଠି ଗମନାଗମନ ର ସୁବିଧା ନାହିଁ ତ କେଉଁଠି ନଦୀ ଅଛି, ପୋଲ ନାହିଁ।

କେଉଁଠି ପାହାଡରେ ଜନବସତି ଅଛି, ହେଲେ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ନିର୍ମାଣ ହୋଇ ପାରି ନାହିଁ। ଏଣୁ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯେତେବେଳେ ଖରାପ ହୁଏ, ସେତେବେଳେ ଗମନାଗମନରେ ବିରାଟ ପ୍ରତିବନ୍ଧକ ସୃଷ୍ଟି ହୁଏ।

ବର୍ଷା ଋତୁରେ ଭରା ନଈରେ ଭେଳାରେ ପାର କରା ଯାଇଥାଏ। କେଉଁଠି କାଠ ପୋଲ ସାହାତ , କେଉଁଠି ହୁଲି ଡଙ୍ଗା ସାହା । କିଛି କିଛି ସ୍ଥାନରେ ରଶି ଟାଣି କର ସ୍ରୋତା ନଈ ପାର ହୁଅନ୍ତି। ଯାହା କୁ ନଈ ପହଁରା ଆସେ,ସେ ଏ କୂଳରୁ ସେ କୂଳକୁ ଜୀବନ କୁ ବାଜି ଲଗାଇ ପାର ହୁଏ । ସ୍ୱାସ୍ଥ୍ୟ ଖରାପ ହେଲେ ମୁମୂର୍ଷୁ ରୋଗୀମାନଙ୍କୁ ତୁରନ୍ତ ହସ୍ପିଟାଲକୁ ପହଞ୍ଚାଇବାକୁ ଆମ୍ବୁଲାନ୍ସ କୁ ଡକା ଯାଇଥାଏ। ରାସ୍ତା ନଥିବାରୁ ସେହି ରୋଗୀ ପାଖକୁ ଆମ୍ବୁଲାନ୍ସ ଟି ଯାଇ ନ ପାରି ଅଧା ବାଟରେ ଅଟକି ରହେ । ବାଧ୍ୟ ହୋଇ ଅମଡ଼ା ବାଟରେ ଦୋଳାରେ ରୋଗୀ ହେଉ କି ପ୍ରସବ ବେଦନାରେ ଯନ୍ତ୍ରଣା ଭୋଗୁଥିବା ଗର୍ଭବତୀ ମହିଳା ହେଉ ପରିବାର ଲୋକେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ଆଣନ୍ତି। ତେବେ ଆମ୍ବୁଲାନ୍ସ ପାଖାପାଖି ହେଲେ, ଆମ୍ବୁଲାନ୍ସ କର୍ମଚାରୀ ମାନଙ୍କ ମଧ୍ୟରୁ କେହି ନା କେହି ଦୋଳାଟିକୁ କାନ୍ଧରେ ଧରି, ମୋବାଇଲ୍ ରେ ଭିଡିଓ କରି ସ୍ଥାନୀୟ ଗଣମାଧମର ପ୍ରତିନିଧିଙ୍କୁ ଦେଇ ଥାନ୍ତି। ସେ ସାମ୍ବାଦିକ ଜଣଙ୍କ ସାମାନ୍ୟ ଏକ ମିନିଟର ଭିଡିଓ କୁ ଦେଖାଇ ଦେବଦୂତ ଶବ୍ଦକୁ ଯୋଡି କର୍ମଚାରୀ ଜଣଙ୍କୁ ମହାନ ବ୍ୟକ୍ତି ଭାବେ ଚିତ୍ରଣ କରନ୍ତି। ଯଦି ସାମାନ୍ୟ ଦୂରରୁ ଦୋଳାଟିକୁ ଫଟୋଚିତ୍ର ଉତ୍ତୋଳନ ପାଇଁ କାନ୍ଧରେ ଧରନ୍ତି,ଗଣ ମାଧମ ପ୍ରଚାର କରେ ୧୦ କିମି ପର୍ଯ୍ୟନ୍ତ ଅମୁକ କର୍ମଚାରୀ ଦୋଳାରେ ବୋହି ଆଣି ଦେବଦୂତ ସାଜି ହସ୍ପିଟାଲରେ ପହଞ୍ଚାଇଲେ।

ଏ ସବୁ କେବଳ ଶସ୍ତା ହାଇ ଲାଇଟ୍। ନିଜ ପରିବାର ଲୋକମାନେ ଯଦିଓ ୧୦ କି ୫ କିମି ରାସ୍ତା ଦୋଳାରେ ରୋଗୀ ଙ୍କୁ ବସାଇ ବୋହି ଆଣିଲେ, ତାଙ୍କ କଷ୍ଟ ବା ବ୍ୟଥାକୁ କେହି ହାଇ

ଲାଇଟ୍ କରନ୍ତି ନାହିଁ। ମାତ୍ର ଆମ୍ବୁଲାନ୍ସ ରେ ଥିବା କୌଣସି କର୍ମଚାରୀ ସମାନ୍ୟ ଚଞ୍ଚକତା କରି ଭିଡିଓ ଉତ୍ତୋଳନ କଲା, ତାହା ହେଲେ ମିଛରେ ପ୍ରଶଂସାରେ ଗଣ ମାଧମ ଶତ ମୁଖର।

ସାମ୍ବାଦିକ ମାନେ ଯାହା ଖବର ଦିଅନ୍ତି,ଆମର ଏଡ଼ିଟର ମାନେ ମଧ୍ୟ ଆଖି ବୁଝା ପ୍ରସାରଣର କରନ୍ତି। ଏହି ଦେବଦୂତ ମାନେ ଓଡ଼ିଶାର ଆଦିବାସୀ ଅଧୁଷିତ ଜିଲ୍ଲା ଗୁଡିକରେ ଆବିର୍ଭାବ ହୁଅନ୍ତି ବିଭିନ୍ନ ଗଣମାଧମ ରେ । ବିଶେଷ କରି ବର୍ଷା ଦିନେ ନଦୀ ନାଳ ରେ ଜଳ ପ୍ରବାହିତ ହେବା ସମୟରେ ଗମନାଗମନ ବିଛିନ୍ନ ହୋଇ ଥାଏ। ଅଧିକାଂଶ ଆଦିବାସୀ ଗାଁ ଗୁଡ଼ିକ ପାହାଡ ପାଦଦେଶରେ ଅବସ୍ଥିତ ରହିଥିବାରୁ ପାଦ ଚଲା ରାସ୍ତା ବ୍ୟତୀତ ଭଲ ରାସ୍ତା ଖଣ୍ଡେ ଦୃଶ୍ୟମାନ ହୁଏ ନାହିଁ । ଏଣୁ ଆମ୍ବୁଲାନ୍ସ ଏହି ସବୁ ଅଞ୍ଚଳକୁ ସହଜରେ ଯାଇ ପାରି ନଥାଏ । ଏହାର ସୁଯୋଗ ନେଇ କିଛି ଚତୁର ଚିକିତ୍ସା ବିଭାଗର ବ୍ୟକ୍ତିମାନେ ଫାଇଦା ଉଠାଇ ଥାନ୍ତି ନକଲି ଦେବଦୂତ ସାଜି।

ଉଦାହରଣ ସ୍ୱରୂପ ମାଲକାନଗିରି ଜିଲ୍ଲାଟି ବଣ ପାହାଡ ଘେରା ଅଧିକାଂଶ ଦୁର୍ଗମ ଅଞ୍ଚଳ ।୧୯୯୨ ମସିହାରେ ଅକ୍ଟୋବର ୨ ତାରିଖ ରେ ଜିଲ୍ଲା ମାନ୍ୟତା ପାଇଲା। ଜିଲ୍ଲାକୁ ୩୩ ବର୍ଷ ପୂର୍ତ୍ତି ହେଲା। ତଥାପି ଆଜି ପର୍ଯ୍ୟନ୍ତ ଅନେକ ଆଦିବାସୀ ଗାଁ ଗୁଡ଼ିକକୁ ଗମନାଗମନର ସୁବିଧା ନାହିଁ। ନଦୀ ନାଳରେ ବ୍ରିଜ୍ ନାହିଁ। ଆଦିବାସୀ ଗାଁ କୁ ପକ୍କା ରାସ୍ତା ଖଣ୍ଡେ ନାହିଁ।ଭାରତ ସ୍ୱାଧୀନ ହେବାର ୭୮ ବର୍ଷ ହେଲାଣି ଏବଂ ସମ୍ବିଧାନ ଲାଗୁ ହେବାର ୭୫ ବର୍ଷ ହେଲାଣି, କିନ୍ତୁ ବହୁ ଆଦିବାସୀ ଗାଁ କି ଆଜି ମଧ୍ୟ ଭଲ ରାସ୍ତାଟିଏ ନାହିଁ। ବିକାଶ ପାହାଡର ପାଦଦେଶରେ ଆଣ୍ଠେଇ ପଡ଼ିଛି। ଇତି ମଧ୍ୟରେ ବହୁ ରାଜନୈତିକ ନେତା ନିର୍ବାଚିତ ହୁଅନ୍ତି, ମିଥ୍ୟା ପ୍ରତିଶ୍ରୁତି ଦିଅନ୍ତି। ନେତା ହେଲା ପରେ ସବୁ ପ୍ରତିଶ୍ରୁତି ଭୁଲି ଯାଆନ୍ତି। ନେତାମାନେ ପ୍ରାୟ ଟାଉଟର ବୋଲି ନିରିହ ସରଳ ଆଦିବାସୀମାନେ ମଧ୍ୟ ହୃଦୟଙ୍ଗମ କରନ୍ତି। କିନ୍ତୁ ଗୁହାରୀ କରିବେ କାହାକୁ ? ଇତି ମଧ୍ୟରେ ମାଲକାନଗିରି ଜିଲ୍ଲାର ଓଡ଼ିଶା ପାଇଁ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟି ଗଲା। ଗଣମାଧ୍ୟମରେ ପ୍ରଚାର ହେଲା: ପ୍ରଥମ ପ୍ରାଚୀନ ଡିଡାୟୀ ଝିଅ ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା । ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ମନ୍ତ୍ରୀ, ଜିଲ୍ଲାର ବିଧାୟକ, ସାଂସଦ ଏବଂ କୁଜି ନେତାମାନେ ମଧ୍ୟ ଡିଡାୟୀ ଝିଅ ଟିକୁ ଶୁଭେଚ୍ଛା ପରେ ପୋତି ପକାଇଲେ। ଜଣେ ପ୍ରାଚୀନ ଡିଡାୟୀ ସଂପ୍ରଦାୟର ଆଦିବାସୀ ଝିଅ ନିଟ୍ ପାଶ କଲା । ପ୍ରଥମ ପ୍ରାଚୀନ ଡିଡାୟୀ ଝିଅ ଡାକ୍ତରୀ ପାଠ ପଢ଼ିବ। ଏହା ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣି ଦେଲା।। ମାଲକାନଗିରି ଜିଲ୍ଲାପାଳ ମଧ୍ୟ କିଛି ସରକାରୀ କର୍ମଚାରୀମାନଙ୍କୁ ଧରି କୋରୁକୋଣ୍ଡ ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତର ଆମ୍ବିଲିବେଡା ଗାଁ କୁ ଗଲେ ଚମ୍ପା ରାସପେଦାଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ। କିନ୍ତୁ ତାଙ୍କ ଗାଁ କୁ ଜିଲ୍ଲା ପାଳଙ୍କ ଗାଡ଼ି ଗଲା ନାହିଁ,ସେ ବାଧ ହୋଇ କାଦୁଅ ରାସ୍ତାରେ କଷ୍ଟେ ମଷ୍ଟେ ଗଲେ ବିବାଦୀୟ ଗ୍ରାମ ଆମ୍ବିଲିଆ ବେଡ଼ା କୁ । ଟଙ୍କାରୁ ପଙ୍କଜର ଜାତ ହେଲା ପରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପୁଷ୍ପ ଗୁଛ ଦେଇ ସ୍ୱାଗତ କଲେ। କିଛି ଆର୍ଥିକ ସହାୟତା କଲେ। କିନ୍ତୁ ଡିଡାୟୀ ସଂପ୍ରଦାୟର ଝିଅ ସେ ପାଠ ପଢିବା କରୁଣ କାହାଣୀ ବର୍ଣ୍ଣନା କରିବା ସହିତ ତାଙ୍କ ଗାଁ ର ଦୁର୍ଦ୍ଦଶା ମଧ୍ୟ ବଖାଣି ଥିଲେ। ରାସ୍ତା ନାହିଁ, ପାନୀୟ ଜଳ ନାହିଁ। ସରକାରୀ ଆବାସ ଯୋଜନା ନାହିଁ। ବିଦ୍ୟୁତ୍ ନାହିଁ। ଗାଁ ଲୋକଙ୍କୁ କାମ ଧନ୍ଦା ନାହିଁ। ଗରିବ ଅବହେଳିତର ସମଗ୍ର ଚିତ୍ର ବର୍ଣ୍ଣନା କଲା ଚମ୍ପା ରାସପେଦା। ତେବେ ୩୩ ବର୍ଷ ମଧ୍ୟରେ କେତେ ଜିଲ୍ଲାପାଳ ଆସି ପୁଣି ବଦଳି ହୋଇ ଗଲାଣି,ଏ ସବୁ ବିକାଶ ଦାୟିତ୍ୱ କାହାର ? ଏହି ଡିଡାୟୀ ଗାଁ କୁ ରାସ୍ତା ନିର୍ମାଣ କରିବାଇ ଦାୟିତ୍ୱ କାହାର ? ଜିଲ୍ଲାରେ ଥିବା ଜିଲ୍ଲାପାଳଙ୍କର ନା ଆଉ କାହାର? ହେଲେ ଜିଲ୍ଲାପାଳମାନେ କୌଣସି ଆଦିବାସୀମାନଙ୍କ ଦୁର୍ଗମ ଗାଁଗୁଡିକୁ ବୁଲନ୍ତି କି ନାହିଁ। ଯଦି ଯାଇଥାନ୍ତେ ,ଏ ଭଳି ନଗ୍ନ ଚିତ୍ର ପଦାକୁ ଆସି ନଥାନ୍ତା ? ଆଉ ଏକ ଦୃଷ୍ଟାନ୍ତ ନେବା ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ। ମାଲକାନଗିରିର ଜିଲ୍ଲାର ଆଉ ଏକ ଦୁର୍ଗମ ଅଞ୍ଚଳ କୁର୍ମାନୁର ଓ ପାପରମେଟଲା ବେଶ୍ ଜଣାଶୁଣା। ଏଠାରେ ଜଣେ ଡାକ୍ତର ଥିଲେ। ଦି ଚାରି ଥର ଗର୍ଭବତୀ ମହିଳାଙ୍କୁ ପ୍ରସବ କରେଇବା ପାଇଁ ଦୁର୍ଗମ ରାସ୍ତା ଦେଇ ଭାରରେ କିଛି ବାଟ କାନ୍ଧେଇଥିଲେ। ମୋବାଇଲ ପରେ ଭିଡିଓ ଉତ୍ତୋଳନ କରି ଗଣ ମାଧମ ପ୍ରତିନିଧିଙ୍କୁ ଛାଡ଼ିଲେ ।

ଡାକ୍ତର ଜଣଙ୍କ ରାତାରାତି ଦେବଦୂତ ହୋଇ ଗଲେ।ତାଙ୍କୁ ଜିଲ୍ଲାପାଳ ସ୍ୱାଧୀନତା ଦିବସରେ ସମ୍ମାନିତ କଲେ। ପୁଣି ମୁଖ୍ୟ ମନ୍ତ୍ରୀ ମଧ୍ୟ ଭଲ କାମ ପାଇଁ ସମ୍ମାନିତ କଲେ। ଏ ଘଟଣା ଟି ସର୍ବତ୍ର ଚର୍ଚ୍ଚା ହେବାରୁ ଡାକ୍ତରଙ୍କୁ କେନ୍ଦ୍ର କରି ଦମନ ଚଳଚ୍ଚିତ୍ର ସୃଷ୍ଟି ହେଲା। ଏବେ ସେ ଡାକ୍ତର କେଉଁଠି ଅଛନ୍ତି। ସେ ଆଉ କେବେ ଦେବଦୂତ ଭୂମିକା ନିର୍ବାହ କରୁଛନ୍ତି? ଗଣ ମାଧମ ନିରବ? ଏ ସବୁ ଛଳନା ଦେବଦୂତ ମାନେ। କିଛି ପ୍ରାୟୋଜିତ ଭିଡିଓ ଉତ୍ତୋଳନ କରି ଶସ୍ତା ନାଁ କମେଇବା ଛଡା ସେବା ମନୋବୃତ୍ତି କିଛି ନାହିଁ। ସେମିତି କିଛି ବର୍ଷ ତଳେ ମାଲକାନଗିରିରେ ଜଳ ଦେବଦୂତ ନାମ କରଣ କରି ବିଭିନ୍ନ ଗଣମାଧମ ରେ ପ୍ରଚାର ହେଲା। ତିନି, ଚାରୋଟି ନଳ କୂପ ଆଦିବାସୀ ଗାଁ ରେ ଖନନ କରି ଜନୈକ ବ୍ୟକ୍ତି ଜଣକ ରାତାରାତି ଜଳ ଦୂତ ସାଜିଲେ। ନିର୍ଦ୍ଦିଷ୍ଟ ଗଣ ମାଧମ ପ୍ରଚାର କଲା। ଜଳ ଦୂତ ସାଜିଥିବା ବ୍ୟକ୍ତି ଜଣଙ୍କ ବିଭିନ୍ନ ଅନୁଷ୍ଠାନ ରୁ ମାନପତ୍ର ଓ ଫଳକ ପାଇଁ ଆତ୍ମ ତୃପ୍ତି ଲାଭ କଲେ। ସେ ଜଳଦୂତ ନାରୀ ଜଣଙ୍କ ଆଉ କେବେ ମଧ୍ୟ ନଳକୂପ ଖନନ କରନ୍ତି ନାହିଁ। ବର୍ତ୍ତମାନ ବି ମାଲକାନଗିରି ଜିଲ୍ଲାର ବହୁ ଆଦିବାସୀ ଗାଁରେ ନଳକୂପଟିଏ ନାହିଁ। ଲୋକମାନେ ନଈ ନାଳ, ଝରଣାରୁ ଦୂଷିତ ଜଳପାନ କରୁଛନ୍ତି।ଗ୍ରୀଷ୍ମ ଋତୁରେ ଉତ୍କଟ ପାନୀୟ ଜଳ ସମସ୍ୟା ରହିଥିଲେ ମଧ୍ୟ ଜଳଦୂତଙ୍କ ଦର୍ଶନ ନାହିଁ। ଏ ଭଳି ଦେବଦୂତ ମାନଙ୍କ ଜନ ସେବା କେବଳ ଲୋକଦେଖାଣିଆ। ଏଥିରେ ସ୍ୱାର୍ଥ ଜଡ଼ିତ। ଯଦି କିଏ ଦେବଦୂତ ହେବାର ଅଛି ଆଜୀବନ ଜନସେବା ରେ ଲିପ୍ତ ହେବା ଆବଶ୍ୟକ। ଯେପରି ମହାତ୍ମା ଗାନ୍ଧୀ, ଠାକ୍କେର ବାପା, ପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ଦାସ, ମଧୁବାବୁ,ମଦର ଟେରେସା, ଇତ୍ୟାଦି ଇତ୍ୟାଦି। ଯଦି କିଏ ନିଃସ୍ୱାର୍ଥପର ଭାବରେ ଜନତାର ସେବା କଲା, ତାଙ୍କୁ ମାନବିକତା ଦେଖାଇଲେ ଲେଖିଲେ ଉଚିତ ହେବ। ବେଳେ ବେଳେ ରାସ୍ତାରେ ଦୁର୍ଘଟଣା ହୁଏ। ସେହି ସମୟରେ କିଏ ସହୃଦୟ ବ୍ୟକ୍ତି ନିଜ ଗାଡିରେ ବସାଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କଲା ବା ସହାୟତା ର ହାତ ବଢାଇଲା, ତାଙ୍କୁ ଆମେ ମାନବିକତା ଦେଖାଇଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଣୁ ଚରମ ପ୍ରଶଂସା କରିବାକୁ ଯାଇ ଦେବଦୂତ ଉପମାରୁ ବ୍ୟକ୍ତି ବିଶେଷଙ୍କୁ ଅଯଥା ଆଳଙ୍କାରିକ ଶବ୍ଦ ର ପ୍ରୟୋଗ କରିବାରେ କୌଣସି ଯଥାର୍ଥତା ନାହିଁ।

**ଆଲେଖ୍ୟ: କେଶବ ଚନ୍ଦ୍ର ନାୟକ, ମାଲକାନଗିରି**

# ବେଙ୍ଗରାଜାଙ୍କ ବାର୍ତ୍ତା

ଜଙ୍ଗଲରେ ଲମ୍ବା କୁଦ ଡିଆଁ ପ୍ରତିଯୋଗିତା ହେବା ପାଇଁ ସ୍ଥାନର ଘୋର ଅଭାବ ଥିଲା କାରଣ କାଶତଣ୍ଡୀର ସମାହାରରେ ସବୁଆଡେ ଶୁଭ୍ର ସମ୍ଭାର ଭିତରେ ସ୍ଥାନର ଅଭାବ ଥିଲା । ଏଇ ଏଇ ସ୍କୁଲ ଖୋଲିଥିବା ସିଂହ ରାଜା ତାଙ୍କ ଜଙ୍ଗଲର ପଶୁ ପକ୍ଷୀ ମାନଙ୍କ ଭିତରେ ଖେଳ କୁଦ ପାଇଁ ଆଗ୍ରହ ଆଣିବାକୁ ଚାହିଁ ଏହି ପ୍ରତିଯୋଗିତାଟି କରାଇବାକୁ ଚାହୁଁ ଥିଲେ । ପାଠ ପଢା ସାଙ୍ଗକୁ ମୟୂର ନୃତ୍ୟ, କୋଇଲି ଗୀତ,ମାଙ୍କଡ଼ ଖେଳ କୁଦ ଶିକ୍ଷା ଦେଉଥାଆନ୍ତି । ଖେଳ ଏକ ବ୍ୟାୟାମ ଅଟେ । ସୁସ୍ଥ ଶରୀର ପାଇଁ ଖେଳ ନିହାତି ଆବଶ୍ୟକ । ତେଣୁ ପ୍ରତିଯୋଗିତାଟିଏ କଲେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହୁଥିବା ପଶୁ ପକ୍ଷୀମାନଙ୍କୁ ତାଙ୍କ ଦକ୍ଷତା ଅନୁସାରେ ପୁରସ୍କୃତ କରି ଭବିଷ୍ୟତ ପାଇଁ ସେମାନଙ୍କୁ ସୁସଂଗଠିତ କରି ରଖିବାକୁ ପଡିବ । ଯୁଦ୍ଧ ସମୟରେ ସେମାନେ ଲମ୍ବା କୁଦ ମାରି ଚାରିପଟ ନଜର ରଖିବା ସହ ଚେତେଇ ଦେବେ ଯେ କୋଉପଟୁ ଶତ୍ରୁମାନଙ୍କୁ ମୁକାବିଲା କରିବାକୁ ପଡିବ । ଶେଷକୁ ସ୍ଥାନ ଖୋଜି ଖୋଜି ହତାସ ହେଲାପରେ ସ୍କୁଲ ପଡିଆରେ ଲମ୍ବା କୁଦ ଡିଆଁ ପ୍ରତିଯୋଗିତା ହେବାକୁ ସ୍ଥିର କରାଯାଇ ପଶୁ ପକ୍ଷୀ ଛାତ୍ର ଛାତ୍ରୀମାନଙ୍କ ଲିଷ୍ଟ କରାଗଲା । ପ୍ରଥମେ ଛୋଟ ଛୋଟ ବିଲୁଆ, ବିଲୁଆ ପରେ କୋକିଶିଆଳି, ନେଉଳ, ଗୁଣ୍ଡୁଚି ଆଦି ଅନେକ ପଶୁ ଓ ସରୀସୃପ ଏହି ଲମ୍ବା କୁଦ ଡିଆଁ ପ୍ରତିଯୋଗିତାରେ ଭାଗ ନେଇ ହାରିଗଲା ପରେ ପକ୍ଷୀମାନେ ଏଥିରେ ଭାଗ ନେବାକୁ ଚାହିଁଲେ । ପକ୍ଷୀମାନେ ଏମିତିରେ ଉଡି ଉଡି ସବୁ ଦିଗକୁ ଯାଇପାରିବେ, ସମସ୍ତଙ୍କୁ ବାର୍ତ୍ତା ଦେଇପାରିବେ ହେଲେ କୋଉ ପଶୁ । ସରୀସୃପ । କୀଟ ଏଥିଲାଗି ସମର୍ଥ ଦେଖିବାର କଥା ଥିଲା ।

ନିରାଶ ହୋଇ ସିଂହାରଜା ଏହି ଲମ୍ବା କୁଦ ଡିଆଁ ପ୍ରତିଯୋଗିତା ବନ୍ଦ କରିବାକୁ ଯାଉଛନ୍ତି ବେଙ୍ଗ ଆସି ପହଁଚିଲା ଓ ନିଜ ନାମ ଦେଲା । ତୁ ତ ଛାତ୍ର ନୁହଁ ସ୍କୁଲର ତୁ କାହିଁକି ଆସିଛୁ ପଚାରିଲେ ସିଂହ ରାଜା ଓ କହିଲେ ଅଣଛାତ୍ରଙ୍କର ଏହି ପ୍ରତିଯୋଗିତାରେ ଭାଗ ନେବାର ଅଧିକାର ନାହିଁ । ବେଙ୍ଗମାନେ ତାଙ୍କ ସହଜ ସୁଲଭ ସ୍ୱର କେଁ କଟରରେ ତାଙ୍କ ଦୁଃଖ ବର୍ଣ୍ଣନା କଲେ । କହିଲେ ମହାରାଜ ଏଇ ମଣିଷମାନେ ତାଙ୍କ ପିଲାଙ୍କୁ ଗପ ଆକାରରେ ଶିକ୍ଷା ଦେବାକୁ ଯାଇ କେବେ କେବେ କୋଉ ପଶୁ ପକ୍ଷୀଙ୍କୁ ମୁଖ୍ୟ ଚରିତ୍ର କରିଥାନ୍ତି । ଥରେ ହାତୀର ବର୍ଣ୍ଣନା ଦେବାକୁ ଯାଇ ମା ବେଙ୍ଗ ତା ପିଲାମାନଙ୍କ ଆଗରେ ଥରକୁ ଥର ପେଟ ଫୁଲେଇ ହାତୀ ପରି ବିରାଟ ହେବାକୁ ଯାଇ ପେଟ ଫାଟି ମାରିଥିଲା ବୋଲି ଲେଖି ଏ କାହାଣୀ ରୁ କଣ ଶିଖିଲ ପିଲେ ମା ବେଙ୍ଗ ପରି ନିଜ ପିଲା ବା ଅନ୍ୟ ଆଗରେ ଗର୍ବ ଅହଙ୍କାର କରିବ ନାହିଁ । ଭଗବାନ ଯାହାକୁ ଯେମିତି ଗଢିଛନ୍ତି ସେମିତିରେ ରହି ପର ଉପକାର ଓ ପରର ସେବା କରିବା ସହ ନିଜ ଅଞ୍ଚଳ ତଥା ଦେଶର ରକ୍ଷା କରିବ । ଏ ଗଳ୍ପ ତ ମନଗଢା । କେବଳ ଚରିତ୍ରଟିଏକୁ ବାଛି ନେବାକୁ ଲେଖକ ବେଙ୍ଗମାଆ ବୋଲି ଲେଖିଦେଲେ ବୋଲି ଆମର କଣ ଭୁଲ? ଆମେ କଣ ଗର୍ବୀ, ଆମେ କଣ ଅହଂକାରୀ!ଆମେ ବରଂ ପରୋପକାର କରୁ । ଜୀବ ବିଜ୍ଞାନୀମାନଙ୍କ ଗବେଷଣା ପାଇଁ ଜୀନ ଉତ୍ସର୍ଗ କରିଥାଉ । ଆମର କିନ୍ତୁ ସ୍କୁଲରେ ନାମ ଲେଖା ହୋଇପାରିଲା ନାହିଁ । ସେତେବେଳେ ସ୍କୁଲର ନାମଲେଖା ଦାଇତ୍ତ୍ୱରେ ଥିବା ଶିକ୍ଷକ ଆମକୁ ନାମ ଲେଖିବାକୁ ଦେଲେ ନାହିଁ ତ ଆମର ଦୋଷ କଣ।ଏସବୁ ଶୁଣି ସିଂହ ରାଜାଙ୍କ ଆଦେଶରେ ବେଙ୍ଗଛୁଆ ପିଲାଙ୍କର ତତକ୍ଷଣାତ ନାମ ଲେଖା ହୋଇ ଅନୁମତି ମିଳିଗଲା ତ ବେଙ୍ଗମାନେ ପ୍ରତିଯୋଗିତାରେ ଭାଗ ନେଇ କୁଦ ପାର ହୋଇ ଆଖିରୁ ଅଦୃଶ୍ୟ ହୋଇଯାଉଥିଲେ କେତେ ବାଟ ଯାଏଁ ତ ସିଂହ ରାଜା ଖୁସି ହେବା ସହିତ ସାରବୁଦା ମୂଳେ ବସିଥିବା ବେଙ୍ଗରାଜା ମଧ୍ୟ ଖୁବ ଖୁସି ହୋଇ ତାଳି ମାରି ଚାଲିଥିଲେ ।ସିଂହରାଜା ବେଙ୍ଗମାନଙ୍କୁ ଶାଢ଼ୀ ବାନ୍ଧି ସୁଦକ୍ଷ ବାର୍ତ୍ତାବହ ବୋଲି ଘୋଷଣା କରିଥିଲେ ।ଏକ ଲମ୍ବା କୁଦ ପାରି ହୋଇ ଆରପଟକୁ ପହଞ୍ଚିବାର ସାମର୍ଥ୍ୟ ଓ ଶକ୍ତି ବେଙ୍ଗମାନଙ୍କ ଭିତରେ ଦେଖି ସମସ୍ତେ ଚମତ୍କୃତ ହୋଇଯାଇଥିଲା ବେଳେ ସିଂହ ରାଜାଙ୍କର ବେଙ୍ଗରାଜାଙ୍କ ସହିତ ବନ୍ଧୁତା ସୂତ୍ରରେ ସନ୍ଧି ହୋଇଯାଇଥିଲା । ମାଆ ଦୁର୍ଗା ଆସୁଛନ୍ତିର ବାର୍ତ୍ତା ପ୍ରଥମେ ବେଙ୍ଗମାନଙ୍କ ଦ୍ୱାରା ସବୁ ପଶୁ ପକ୍ଷୀ ବାର୍ତ୍ତା ପାଇ କାଶତଣ୍ଡୀ ପଠାକୁ ସରସ, ସୁନ୍ଦର ଓ ନିର୍ମଳ ରଖିଥିଲେ ।

ମାଆ ଦୁର୍ଗାଙ୍କ ପୂଜା ପାଇଁ ପ୍ରକୃତିରେ ଯେପରି କାଶତଣ୍ଡୀର ସମ୍ଭାର । ଜଙ୍ଗରେ ସବୁ ପଶୁପକ୍ଷୀ ମଧ୍ୟ ମାଆ ଦୁର୍ଗାଙ୍କୁ ପୂଜା କରିବା ପାଇଁ ତତ୍ପର । କିଏ କିଏ ତୋରଣ ପ୍ରସ୍ତୁତ କରୁଥିଲେ ତ କିଏ ସାଜସଜ୍ଜା ଦାଇତ୍ତ୍ୱ ନିର୍ବାହ କରୁଥିଲେ । ମାଆ ଦୁର୍ଗା ଦେବୀଙ୍କ ମୂର୍ତ୍ତି ପାଇଁ ସିଂହ ରାଜା ଦଉଡ଼ିଲେ ସାରବୁଦା ମୂଳେ ବସିଥିବା ବେଙ୍ଗ ରାଜା ନିକଟକୁ ଓ କହିଲେ କୁମ୍ଭୀର ବହୁତ ଉତ୍ପାତ କରୁଥିବାରୁ ଡରି କରି ପଶୁ ପକ୍ଷୀ କେହି ନଦୀ ଭିତରେ ପଶି ମାଟି ଆଣି ଦିଅଁ ଗଢିବାକୁ ପ୍ରସ୍ତୁତ ନୁହଁନ୍ତି । ଆପଣ ସାହାଯ୍ୟ କଲେ ପକ୍ଷୀ ସମୂହ ତାଙ୍କ ଯାଦୁଗରୀ କୌଶଳ ଅବଲମ୍ବନ କରି ମାଆ ଦୁର୍ଗା ଦେବୀଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରିବେ । ବାହାରି ପଡିଲେ ସବୁ ବେଙ୍ଗ ତାଙ୍କ ବୁଢ଼ା ବେଙ୍ଗ ରାଜାଙ୍କ କଥା ଶୁଣି ନଦୀ ଭିତରେ ପଶି ପଙ୍କୁଆ ସହିତ ଚିକିଟା ମାଟି ବୋହି ଆଣି ଦେଲେ । ପକ୍ଷମାନେ କି ସୁନ୍ଦର ଭାବେ ଦେବୀ ଦୁର୍ଗାମାଆଙ୍କ ମୂର୍ତ୍ତି ଗଠନ କରିଥିଲେ ଦେଖିବାର କଥା ଥିଲେ ମଧ୍ୟ ବେଙ୍ଗରାଜାଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ ଥିଲା । ପୂଜା ପୂଜି ପରେ ପ୍ରସାଦ ସେବନ କରିସାରି ବେଙ୍ଗରାଜା କହିଥିଲେ ଆଜି ଦେବୀ ଦୁର୍ଗାଙ୍କ ସମ୍ମୁଖରେ ଆମେ ଆମ ଜୀନ ଶୈଳୀକୁ ପାରିବର୍ତ୍ତିତ କରିବାକୁ ଶପଥ ନେବା ଓ ଏହି ବାର୍ତ୍ତାକୁ ପକ୍ଷକୂଳ ବିଶେଷ କରି ଖବରୀ ଚଢେଇ ଜଙ୍ଗଲରେ ସମସ୍ତଙ୍କୁ ବାର୍ତ୍ତା ଦେବା ସହ ମଣିଷ ମାନଙ୍କୁ ମଧ୍ୟ ସଚେତନତା ବାର୍ତ୍ତା ଦେବାକୁ ହେବ । ସେହି ବାର୍ତ୍ତା ସିନା ମଣିଷ ବୁଝିପାରେ ନାହିଁ କିନ୍ତୁ ବେଙ୍ଗମାନେ ତାଙ୍କ କେଁ କଟର ସ୍ୱରରେ ସେସବୁ ମଣିଷ ଶୁଣିବା ପାଇଁ କହିଥାଆନ୍ତି ଓ ଲମ୍ବା କୁଦ ମାରି ଗାଁରୁ ସହର ବୁଲିବୁଲି ବାର୍ତ୍ତା ପ୍ରେରଣ କରନ୍ତି ।

ହଉ ଏଥର କହିବା ହୁଅନ୍ତୁ ମହାଭାଗ ବୋଲି ସିଂହରାଜଙ୍କ ଠାରୁ ସମ୍ମାଜନକ ପ୍ରେରଣା ପାଇ ବେଙ୍ଗରାଜା କହିବାକୁଲାଗିଲେ ।ଆସନ୍ତୁ ପୁଣି ଥରେ ବଞ୍ଚିବାକୁ ପ୍ରୟାସ ଜାରି ରଖି ସୁସ୍ଥ ଓ ନିରାମୟ ଜୀନ ଜିଇବାକୁ ଜଙ୍ଗଲର ସମସ୍ତ ପଶୁ ପକ୍ଷଙ୍କ ସହିତ ମଣିଷକୁ ମଧ୍ୟ ଏହି ବାର୍ତ୍ତା ଦେଇ ସୁସ୍ଥ ଓ ନିରାମୟ ଜୀନ ଜିଇବାକୁ କହିବା ।ପୂର୍ବରୁ ଯାହାକୁ ଅଶିକ୍ଷିତ କଥା ବୋଲି କୁହାଯାଉଥିଲା, ଆଜି ତାହାକୁ ଜ୍ଞାନୀ କୁହାଯାଏ ।ଏହି ଉକ୍ତି କେବଳ ଶବ୍ଦ ନୁହେଁ, ଏହା ଅଭିଜ୍ଞତାର ଗଭୀରତା ।ଆଧୁନିକତାର ଦୌଡ଼ରେ ଆମେ ଆମର ପୁରାତନ ଯୁଗର ଜୀବନଶୈଳୀକୁ ପରିତ୍ୟାଗ କରିଛୁ, ଯାହା ଅନନ୍ତ ଏବଂ ପ୍ରକୃତି ସହିତ ସମନ୍ୱୟ ରକ୍ଷା କରୁ ଥିଲା । ସେତେବେଳେ ଯାହାକୁ ପଛୁଆ କୁହାଯାଉଥିଲା, ଆଜି ଆଧୁନିକ ବିଜ୍ଞାନ ଦ୍ୱାରା ପ୍ରମାଣିତ ଓ ଗ୍ରହଣ ଯୋଗ୍ୟ । ।ରୁହନ୍ତୁ । । । ଚିନ୍ତା କରନ୍ତୁ । । । ଏବଂ ଚିହ୍ନନ୍ତୁ । । ।ଆମର ପୁରାତନ ଜୀବନଶୈଳୀ କଣ ସତ ରେ ଉନ୍ନତ ନଥିଲା?

୧ । ନାଲି ଚାଉଳ –ଏହାକୁ ଗାଉଁଲି ଓ କେବଳ ଗ୍ରାମାଞ୍ଚଳର ଖାଦ୍ୟ ଭାବରେ ଘୃଣା କରାଯାଉଥିଲା ।ଆଜି ସେହି ଭାତ ବିଦେଶ ରେ ଧନୀ ଲୋକଙ୍କ ପ୍ଲେଟରେ ଫାଇବର ଏବଂ ଭିଟାମିନ୍ ରେ ଭରପୂର ବ୍ରାଉନ୍ ଚାଉଳ ଭାବରେ ପ୍ରଚଳିତ ଓ ବେଶ ମହଙ୍ଗା ମଧ୍ୟ ।

୨ । ଦେଶୀ ଘିଅ–ଆମର ଶାସ୍ତ୍ର ଯାହାକୁ ଅମୃତ ବୋଲି କହିଥିଲା, ଆମେ ଏହାକୁ ସ୍ଥୂଳକାୟତା ବୃଦ୍ଧିରା ପରିଚାୟକ ବୋଲି କହି ପରିତ୍ୟାଗ କରିଥିଲୁ ।ଆମେ ପରିଷ୍କୃତ ତେଲ ଏବଂ କୃତ୍ରିମ ମାର୍ଜାରିନ୍ ଗ୍ରହଣ କରିଥିଲୁ । କିନ୍ତୁ, ବର୍ତ୍ତମାନ ବିଜ୍ଞାନ ସ୍ୱୀକାର କରୁଛି – ଶୁଦ୍ଧ ଦେଶୀ ଘିଅ ସର୍ବୋତ୍ତମ ।

୩ । ଖଲି ପତ୍ର ଏବଂ ମାଟି ପାତ୍ର–ପୂର୍ବେ, ଏଥିରେ ପ୍ରସାଦ ସେବନ କରାଯାଉଥିଲା – ଶୁଦ୍ଧ ଏବଂ ଦୋଷମୁକ୍ତ । ଆଧୁନିକତା ଆମକୁ ଦେଇଥିଲା, ପ୍ଲାଷ୍ଟିକ୍ , ଯାହା ନା ସ୍ୱାସ୍ଥ୍ୟକର ନା ପରିବେଶକୁ ଅନୁକୂଳ । ଆଜି, ସେହି ଜୈବ ବିକ୍ରିୟ ପତ୍ର ପ୍ଲେଟ୍, (ଅବଶ୍ୟ ଆକର୍ଷଣୀୟ ଢଙ୍ଗ ରେ) ପଞ୍ଚତାରକା ହୋଟେଲ ର ଗର୍ବ ପାଲଟିଛି ।

୪ । ଖାଲି ପାଦରେ ଚାଲିବା–ଗ୍ରାମଗୁଡ଼ିକରେ ଲୋକମାନେ ସକାଳର ସୂର୍ଯ୍ୟ କିରଣରେ ଖାଲି ପାଦରେ ଚାଲୁ ଥିଲେ ।ଆଜି ବିଜ୍ଞାନ ଏହାକୁ ଗ୍ରାଉଣ୍ଡିଂ ବୋଲି କହି ଗ୍ରହଣ କରିଛି ।ଭିଟାମିନ୍ ଡି ମାତ୍ରା ଆଉ ଏକ ବଟିକା ନୁହେଁ, ବରଂ ସୂର୍ଯ୍ୟ ସ୍ନାନ ।ପଶୁ ପକ୍ଷୀ ଏହା କରୁଥିଲେ ମଧ୍ୟ ଏହାର ଉପାଦେୟତା ଜାଣିବା ଉଚିତ ।

୫ । ମକା ଜାତୀୟ ଖୋଲା ଶସ୍ୟ–ଆମର ପୂର୍ବପୁରୁଷମାନେ ଏହାକୁ ପୁଷ୍ଟିକର ଖାଦ୍ୟ ବୋଲି ମାନିଥିଲେ, ଆମେ ଏହାକୁ ଗରିବଙ୍କ ଖାଦ୍ୟ ବୋଲି ଭାବି ପରିତ୍ୟାଗ କରିଥିଲୁ ।ବର୍ତ୍ତମାନ ସେହି ମକା,ବାଜରା ଇତ୍ୟାଦି ମହଙ୍ଗା ରେଷ୍ଟୁରାଣ୍ଟରେ ଗ୍ଲୁଟେନ୍–ମୁକ୍ତ ଏବଂ ସୁପରଫୁଡ୍ ଭାବରେ ପରିବେଷଣ କରାଯାଉଛି । ମଣିଷ ସହିତ ପଶୁପକ୍ଷୀ ମଧ୍ୟ ଏ ଦିଗରେ ସଚେତନ ହେବା ।

୬ । ହାତ ଲଗେଇ ଖାଇବା ଓ ଭୂମିରେ ବସି ଖାଇବା–ହାତ ଲଗେଇ ଖାଇବାରେ ପାଚନ ଜୁସ୍ ସକ୍ରିୟ ହୁଏ, ଭୂମିରେ ବସି ଖାଇବା ଶରୀରକୁ ସନ୍ତୁଳିତ କରେ । ଏବେ ଯୋଗ ଶିକ୍ଷକ ଏବଂ ଡାକ୍ତରମାନେ ପୁଣି ଏହି ପରମ୍ପରା ପୁନଃରୁଜ୍ଜୀବିତ କଲେଣି – ଯାହାକୁ ଆମେ ନିରକ୍ଷରଙ୍କ ପଦ୍ଧତି ବୋଲି ଭାବି ପରିହାର କରି ଥିଲୁ ।

୭ । ଟୁଟକା ଔଷଧି ଏବଂ ଘରୋଇ ଉପଚାର–ଅଦା, ହଳଦୀ, ତୁଳସୀ – ଏଗୁଡ଼ିକୁ ଥରେ ଟୁଟକା ଉପଚାର କୁହାଯାଉଥିଲା । କିନ୍ତୁ ଏବେ ସାରା ବିଶ୍ୱରେ ସେହି ସମସ୍ତ ଔଷଧି ବିକ୍ରି ହେଉଛି, ଏବଂ ଆଲୋପାଥିର ସୀମାବଦ୍ଧତାକୁ ସ୍ୱୀକାର କରାଯାଉଛି ।

୮ । ଋତୁଚର୍ଯ୍ୟା – ଋତୁକାଳୀନ ଫଳ ଏବଂ ପନିପରିବା ସେବନ

ଆମେ ଆମର ସ୍ଥାନୀୟ ଏବଂ ତାଜା ଫଳ ଛାଡ଼ି ବିଦେଶୀ, ରାସାୟନିକ ଫଳ ଖାଇବା ଅଭ୍ୟାସ କଲୁ । କିନ୍ତୁ ଏବେ ସ୍ଥାନୀୟ ଜୈବିକ ର ସ୍ଲୋଗାନ ପୁଣି ଶୁଣାଯାଉଛି – ଯାହା ଆମର ସଂସ୍କାରରେ ସର୍ବଦା ଅଂଶ ବିଶେଷ ଥିଲା । ଏହା ଶୁକ ଶାରଙ୍କ ଦ୍ୱାରା ପ୍ରଚାର ପ୍ରସାର କରିବା ଉଚିତ ।

୯ । ଶାଗ ଭଜା ବା ଖରଡ଼ା–ଯାହାକୁ ପୂର୍ବରୁ ଗରିବଙ୍କ ଖାଦ୍ୟ କୁହାଯାଉଥିଲା, ଏବେ ଏକ ପ୍ରୋବାୟୋଟିକ୍ ସୁପରଫୁଡ୍ ହୋଇଛି ଏବଂ ସ୍ୱାସ୍ଥ୍ୟ ପ୍ରେମୀଙ୍କ ପ୍ରିୟ ହୋଇଯାଇଛି ।

୧୦ । ଦାନ୍ତକାଠି (ଅପାମାର୍ଗ, ମୁତୁରି, ସାହାଡ଼ା ଓ ନିମ ଇତ୍ୟାଦି)

ନିମ, ହଳଦୀ, ଲେମ୍ବୁ ସହିତ ଦାନ୍ତ ସଫା କରାଯାଉଥିଲା ।ଏବେ ସମାନ ଉପାଦାନଗୁଡ଼ିକ ହର୍ବାଲ୍ ଟୁଥପେଷ୍ଟ ହୋଇ ବଜାରରେ ଚହଳ ସୃଷ୍ଟି କରୁଛନ୍ତି ।

୧୧ । ଉପବାସ–ପୂର୍ବରୁ ଯାହାକୁ ଅନ୍ଧବିଶ୍ୱାସ କୁହାଯାଉଥିଲା, ଆଜି ତାହା ଆନ୍ତରିକ ଉପବାସ ହୋଇ ଏକ ବୈଜ୍ଞାନିକ ସ୍ୱାସ୍ଥ୍ୟ ଅଭ୍ୟାସରେ ପରିଣତ ହୋଇଛି ।ଆମର ପୁରାତନ ସଂସ୍କୃତି କେବଳ ଏକ ଧର୍ମ ନୁହେଁ, ଏହା ଜୀବନଯାପନର ଏକ ସନ୍ତୁଳିତ ପଦ୍ଧତି ।ଏହା ପ୍ରକୃତି ସହିତ ସନ୍ତୁଳିତ ସ୍ୱାସ୍ଥ୍ୟ ଏବଂ ଆଧ୍ୟାତ୍ମିକତାର ସମାହାର । ଏହି ବାର୍ତ୍ତା ସବୁକୁ ମନୁଷ୍ୟ ପାଇଲେ ସେ ସୁସ୍ଥ ଓ ନିରୋଗ ରହି ଆମକୁ ଶୀକାର କରିବେ ନାହିଁ । ବରଂ ଗଛ ପୋତି ଜଙ୍ଗଲ ସୃଷ୍ଟି କରିବେ ।

ମଣିଷ କ୍ରମେ କ୍ରମେ ଏହାକୁ ଛାଡ଼ି ପାଶ୍ଚାତ୍ୟ ଚମକକୁ ଗ୍ରହଣ କରୁଥିବାରୁ ସବୁ କ୍ଷୟ ହେଉଛି । ସବୁଜ ବାନାନୀ ସୃଷ୍ଟି ନହେଲେ ଜଙ୍ଗଲ ରହିବ କେମିତି!ମାଟି, ପାଣି, ପବନର ସମତୁଲ ହେବ କିପରି! ବର୍ତ୍ତମାନ ସେହି ପାଶ୍ଚାତ୍ୟ ବିଶ୍ୱ ଆମର ପୂର୍ବପୁରୁଷଙ୍କ କଥାକୁ ବୈଜ୍ଞାନିକ ପ୍ରମାଣ ବୋଲି କହି ପୁନରାବୃତ୍ତି କରୁଛି । ତେବେ ଆମେ ପୁଣି କାହିଁକି ଆମର ସ୍ୱଧର୍ମକୁ ଫେରିବା ନାହିଁ ବୋଲି ମଣିଷକୁ ସଚେତନ କରାଇ ଆମେ ପଶୁ ପକ୍ଷୀ ମାନେ ମଧ୍ୟ ଆମ ଧର୍ମ ବଜାୟ ରଖି, ଅଳ୍ପରେ ସନ୍ତୁଷ୍ଟ ରହିବାକୁ ଶିଖିଯିବା ।

ସମସ୍ତେ ଜୟ ବେଙ୍ଗରାଜାଙ୍କ ଜୟ କହି ନାଚୁଥିଲେ ଓ ଜୟ ମାଆ ଭବାନୀ, ଶିବାନୀ, ଦୁର୍ଗେ ଦୁର୍ଗତନାଶନୀ ଜୟ କହି ଯୋଡହସ୍ତ ରେ ମୁଣ୍ଡିଆ ମାରୁଥିଲେ ।ସିଂହ ରାଜା ବେଙ୍ଗ ରାଜାଙ୍କୁ ସମ୍ବର୍ଦ୍ଧିତ କରିବାକୁ ଖୋଜିଲା ବେଳକୁ ଏକ ଲମ୍ବା କୁଦ ଡିଆଁ ମାରି ସେ ସାରୁ ବୁଦା ମୂଳେ ପହଁଞ୍ଚି ବେଙ୍ଗମାନଙ୍କୁ ବାର୍ତ୍ତା ପ୍ରେରଣ କରିବାକୁ କହୁଥିଲେ ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

# ଲଗାଣ ବର୍ଷାରେ ନଷ୍ଟ ହେଲା ଘର , ଜଳମଗ୍ନ ହେଲା ଚାଷ ଜମି

ରାୟଗଡା,୨୩।୮(ଆନିସ): ୩୬ ଘଣ୍ଟା ଧରି ଚାଲିଥିବା ଲଗାଣ ବର୍ଷାରେ ରାୟଗଡା ଜିଲ୍ଲାର କାଶିପୁର,ରାମନାଗୁଡା, ଗୁଣପୁର,ପଦ୍ମପୁର ଓ ଗୁଡାରି ବ୍ଲକରେ ବ୍ୟାପକ କ୍ଷତି ହୋଇଥିବା ରିପୋର୍ଟରୁ ଜଣାପଡିଛି । ସୂଚନାରୁ ଜଣାପଡିଛି ଗତ ୨୪ ଘଣ୍ଟା ମଧ୍ୟରେ ଆଜି ସକାଳ ୮.୩୦ ସୁଧା ଜିଲ୍ଲାରେ ୧୦୬୩.୬ ମିମି ବର୍ଷା ହୋଇଥିବା ବେଳେ ଗୁଣପୁର ବ୍ଲକରେ ସର୍ବାଧିକ ୨୬୦ ମିମି ବର୍ଷା ରେକର୍ଡ ହୋଇଛି । ସେହିପରି କାଶିପୁର ବ୍ଲକରେ ୨୧୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ରାମନାଗୁଡା ବ୍ଲକରେ ୮୮.୪ ମିମି ବର୍ଷା ରେକର୍ଡ ହୋଇଛି । କାଶିପୁର ବ୍ଲକରେ ୧୩ଟି ଗ୍ରାମର ୨୨ଟି ଗୃହ ଭାଙ୍ଗିଥିବା ରାଜସ୍ବ ବିଭାଗର ସୂଚନାରୁ ଜଣାପଡିଛି । ସେହିଭଳି ରାମନାଗୁଡା ବ୍ଲକରେ ୩ଟି ଗ୍ରାମ ପଞ୍ଚାୟତର ୬ଗ୍ରାମ ଚଳିତ ବର୍ଷାରେ



ପ୍ରଭାବିତ ହୋଇଥିବା ବେଳେ ୧୩ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ସେହିଭଳି ରାମନାଗୁଡା ବ୍ଲକରେ ଜଣେ ଏକାକି ରହୁଥିବା ବୟସ୍କ ମହିଳାଙ୍କ ଗୃହ ଭାଙ୍ଗିଯିବାରୁ ତାଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ୬ଟି ଗୃହ ବର୍ଷା ମାଡରେ ସାମାନ୍ୟ ଭାଙ୍ଗିଥିବା ସୂଚନାରୁ ଜଣାପଡିଛି । ଗୋଗୁପାଡୁ ଗ୍ରାମର ବୟସ୍କ ମହିଳା ସୁକି ପାଡିଲାଙ୍କ ଗୃହ ପ୍ରଭାବିତ ହେବାରୁ ରାମନାଗୁଡା ବ୍ଲକ ପ୍ରଶାସନ ଖବର ପାଇ ତାଙ୍କୁ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ରରେ ଥଇଥାନ କରିଥିବା ଜଣାପଡିଛି । ସେହିଭଳି ଲଗାଣ ବର୍ଷା ପ୍ରଭାବରେ ଭାମିନି ଓ ସେରେମା ଅଞ୍ଚଳର ଧାନ ଜମି ସଂପୂର୍ଣ ବୁଡିଯାଇଥିବା ଜଣାପଡିଛି । ଲଗାଣ ବର୍ଷ ଫଳରେ ଜିଲ୍ଲାର ବହୁ ଚାଷ ଜମି ଜଳମଗ୍ନ ହୋଇଛି କିନ୍ତୁ ଚାଷ ଜମି କ୍ଷୟକ୍ଷତି ରିପୋର୍ଟ ଏଯାଏଁ ମିଳିପାରିନାହିଁ । ଗତକାଲି ଗୁଣପୁର ଗୁଣୁପୁର ବ୍ଲକ ଭୀମପୁର ପଞ୍ଚାୟତ ଅନ୍ତର୍ଗତ ମାଲାପଦର ଗ୍ରାମରେ ଚାରି ଘଣ୍ଟାରୁ ଅଧିକ ସମୟ ଧରି ଲଗାଣ ବର୍ଷା ହେବା ଫଳରେ ମାଟିରେ ତିଆରି ନିର୍ମିତ ଘରର କାନ୍ଥ ଭୁଶୁଡ଼ି ପଡ଼ିବା ସହ ଘର ଭିତରେ ବର୍ଷାପାଣି ପଶିଯାଇଥିଲା । ଫଳରେ ଘରେ ଥିବା ଚାଉଳ, ଲୁଗାପଟା, ଘରୋଇ ଉପକରଣ ଓ ଦୈନନ୍ଦିନ ବ୍ୟବହାରର ବିଭିନ୍ନ ଜିନିଷପତ୍ର ନଷ୍ଟ ହୋଇଥିବା ପରିବାର ସଦସ୍ୟମାନେ କହିଥିଲେ । ମାଲାପଦର ଗ୍ରାମର ଉର୍ଦ୍ଧମ ଶବର ଓ ଲର୍ଗିଙ୍ଗ ଶବରଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ଘରର କାନ୍ଥ ଭୁଶୁଡ଼ି ପଡ଼ିବା ପରେ ଦୁଇ ପରିବାରଙ୍କ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେହିଭଳି ଚିନାସାରି ଗ୍ରାମ ପଞ୍ଚାୟତର ତଳମୁଣ୍ଡା ରୁ କୁଟୁଣି ରାସ୍ତାରେ ପାହାଡ ଧସି ରାସ୍ତା ଅବରୋଧ ହୋଇଥିଲା । ଏନେଇ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ କଳିଙ୍ଗ କେଶରୀଙ୍କୁ ପଚାରିବାରୁ ଜିଲ୍ଲାର ୧୧ଟି ତହସିଲଦାରଙ୍କୁ କ୍ଷୟକ୍ଷତି ରିପୋର୍ଟ ଦେବାକୁ କୁହାଯାଇଛି, ଆଉ ଆଇ ତଦନ୍ତ ରିପୋର୍ଟ ଦେଲା ପରେ ସଂପୂର୍ଣ କ୍ଷୟକ୍ଷତି ସୂଚନା ମିଳିପାରିବ ବୋଲି କହିଛନ୍ତି । ଜିଲ୍ଲାର କାଶିପୁରୁ,ଗୁଣପୁର,ଗୁଡାରି,

ରାମନାଗୁଡା,ପଦ୍ମପୁର ବ୍ଲକରେ ଲଗାଣ ବର୍ଷା ଫଳରେ କ୍ଷୟକ୍ଷତି ହେବା ସହ କିଛି ଜନସାଧାରଣ ପ୍ରଭାବିତ ହୋଇଛନ୍ତି ବୋଲି ଜରୁରୀ କାଳୀନ ଅଧିକାରୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ବ୍ଲକ ଓ ତହସିଲଦାରଙ୍କ ସହ ସମନ୍ବୟ ରଖି ପ୍ରଭାବିତ ଲୋକଙ୍କୁ ସହାୟତା କରୁଥିବା ଶ୍ରୀ କଳିଙ୍ଗ କେଶରୀ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଲଗାଣ ବର୍ଷା ଫଳରେ ବଂଶଧାରା ଏବଂ ନାଗାବଳୀ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ବିପଦ ଶଙ୍କେତ ଠାରୁ କମ ଥିବା ଜଣାପଡିଛି ଏବଂ ଭୟର କୌଣସି କାରଣ ନାହିଁ ବୋଲି ଜରୁରୀ କାଳୀନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ମାଥିଲି ଉପଖଣ୍ଡ ଚିକିତ୍ସାଳୟ
# ଛାତରୁ ଖସିଲା ସିମେଣ୍ଟ ଅତଡ଼ା, ଅଳ୍ପକେ ବର୍ତ୍ତିଲେ ରୋଗୀ

ମାଥିଲି,୨୩।୮(ଆନିସ): ମାଲକାନଗିରି ଜିଲ୍ଲାର ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଆଜି ଏକ ଅଘଟଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ରୋଗୀମାନେ ବସିଥିବା ସମୟରେ ହଠାତ୍? ଚିକିତ୍ସାଳୟର ଛାତରୁ ବଡ଼ ବଡ଼ ସିମେଣ୍ଟ ଓ ପ୍ଲାଷ୍ଟର ଅତଡ଼ା ଖସିପଡ଼ିଥିବା ଜଣାପଡ଼ିଛି। ସୌଭାଗ୍ୟବଶତଃ ଏଥିରେ କୌଣସି ରୋଗୀ କିମ୍ବା ସମ୍ପର୍କୀୟ ଆହତ ହୋଇନଥିବା ଜଣାପଡ଼ିଛି।

ଘଟଣାସ୍ଥଳରେ ଛାତରୁ ଖସିଥିବା ସିମେଣ୍ଟ ଓ ପ୍ଲାଷ୍ଟରର ଭଙ୍ଗା ଅବଶେଷ ଚଟାଣ ଉପରେ ପଡ଼ିଥିବା ଦେଖାଯାଇଛି। ଛାତର ଏକ ଅଂଶର ପ୍ଲାଷ୍ଟର ଖସିଯିବା ଯୋଗୁଁ ଭିତର ଗଠନ ମଧ୍ୟ ଦୃଶ୍ୟମାନ ହେଉଛି। ଏହାକୁ ନେଇ ଚିକିତ୍ସାଳୟ ଭବନର ରକ୍ଷଣାବେକ୍ଷଣ ଓ ରୋଗୀଙ୍କ ସୁରକ୍ଷା ସମ୍ପର୍କରେ ଚିନ୍ତା ପ୍ରକାଶ ପାଇଛି।

ମାଥିଲି ଭଳି ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ଏହି ଚିକିତ୍ସାଳୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା କେନ୍ଦ୍ର। ପ୍ରତିଦିନ ଏଠାକୁ ବହୁ ସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସୁଥିବାରୁ ଚିକିତ୍ସାଳୟ ପରିସରରେ ସୁରକ୍ଷିତ ପରିବେଶ ନିଶ୍ଚିତ କରିବା ଅତ୍ୟନ୍ତ ଆବଶ୍ୟକ।

ଏଭଳି ସ୍ଥିତିରେ ଚିକିତ୍ସାଳୟ ଭବନର ଛାତ, ପ୍ଲାଷ୍ଟର ଓ ଅନ୍ୟାନ୍ୟ ଦୁର୍ବଳ ଅଂଶର ତୁରନ୍ତ ବୈଷୟିକ ଯାଞ୍ଚ କରାଯାଇ ଆବଶ୍ୟକ ମରାମତି କରିବାକୁ ଦାବି ହୋଇଛି। ବିଶେଷକରି ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଯେଉଁ ସ୍ଥାନରେ ବସୁଛନ୍ତି, ସେଠାରେ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ଆବଶ୍ୟକ ହେଲେ ଅସୁରକ୍ଷିତ ଅଞ୍ଚଳକୁ ସାମୟିକ ଭାବେ ବନ୍ଦ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

ରୋଗୀଙ୍କ ଜୀବନ ଓ ସୁରକ୍ଷା ସର୍ବୋପରି ହୋଇଥିବାରୁ ଘଟଣାକୁ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷ ଶୀଘ୍ର ପଦକ୍ଷେପ ନେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଅସରାଏ ବର୍ଷାରେ ବେହାଲ ଜାତୀୟ ରାଜପଥ
# ରାସ୍ତାରେ ଲହଡ଼ି ଭାଙ୍ଗୁଛି ୧ଫୁଟ ଉଚ୍ଚର ପାଣି

ରାମନାଗୁଡା,୨୩।୮(ଆନିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ମୁଖ୍ୟ ରାସ୍ତାରେ ସାମନ୍ୟ ବର୍ଷାରେ ୩୨୬ ଜାତୀୟ ରାଜପଥ ଲହଡ଼ି ମାରୁଛି ୧ଫୁଟ ଉଚ୍ଚର ପାଣି।ଏହାର ପ୍ରତିକାର ଦିଗରେ ଜାତୀୟ ରାଜପଥ ପକ୍ଷରୁ ଡ୍ରେନେଜ ବ୍ୟବସ୍ଥା କରାନଯିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ପ୍ରଭାବରେ ଗତ ୨୪ଘଣ୍ଟା ମଧ୍ୟରେ ରାମନାଗୁଡାରେ ୮୮.୪ମିମି ବର୍ଷା ହୋଇଥିବା ରେର୍କଡ କରାଯାଇଛି। ଜାତୀୟ ରାଜପଥ ଉପରେ କୃତ୍ରିମ ବନ୍ୟା ସୃଷ୍ଟି ହେବା ସହ ରାସ୍ତାରେ ବଡ଼ ବଡ଼ ଗାଡ଼ି ଯିବା ଫଳରେ ପଥଚାରୀଙ୍କ ଉପରେ ପାଣି ଛିଟିକା ପଡ଼ି ଗାଧେଇ ହେବାକୁ ପଡୁଛି। ଜାତୀୟ ରାଜପଥର ଉଭୟ ପାର୍ଶ୍ବରେ ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ପାରୁନାହିଁ।ଫଳରେ ପାଣି ଜମି ରହି ରାସ୍ତା ଖାଲଖମା ହେବା ସହ ଯାତ୍ରୀ ରାସ୍ତା ପାଣି ଜମି ଥିବାରୁ ଖାଲଖମାରେ ପଡ଼ି ଖଣ୍ଡିଆଖାବାର।



ହେଉଛନ୍ତି।ରାମନାଗୁଡା ଗ୍ରାମବାସୀ ଏନେଇ ବାରମ୍ବାର ଦାବି ଜଣାଇବା ପରେ ମଧ୍ୟ ଏ ସମ୍ପର୍କରେ ଅଧିକାରୀ ଖାମଖିଆଲି ମନୋଭାବ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରୁନଥିବା କହିଛନ୍ତି। ତୁରନ୍ତ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ଚେତାବନୀ ଦେଇଛନ୍ତି।।

# ଗୁପ୍ତେଶ୍ୱର ଦର୍ଶନ ପୂର୍ବରୁ ବୃକ୍ଷ ବିନାୟକଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରୁଛନ୍ତି ଶ୍ରଦ୍ଧାଳୁ

ଜୟପୁର,୨୩।୮(ଆନିସ): ପ୍ରକୃତିର କୋଳରେ ଈଶ୍ୱରଙ୍କ ଅନନ୍ୟ ରୂପ। କୋରାପୁଟ ଜିଲ୍ଲା ବୈପାରୀଗୁଡାରୁ ଗୁପ୍ତେଶ୍ୱର ଯିବା ରାସ୍ତାର ଗେଲାଗୁଡା ନିକଟରେ ରାସ୍ତାକଡ଼ର ଏକ ଗଛରେ ଦେଖିବାକୁ ମିଳୁଛି ଅବିକଳ ଗଣେଶଙ୍କ ଭଳି ଆକୃତି। ଭକ୍ତଙ୍କ ମଧ୍ୟରେ ଏହା 'ଶ୍ରୀ ବୃକ୍ଷ ବିନାୟକ' ନାମରେ ପରିଚିତ। ପ୍ରାୟ ୧୫ ବର୍ଷ ତଳେ ଏହି ଗଛରେ ହଠାତ ଗଣେଶଙ୍କ ଭଳି ଆକୃତି ଦୃଶ୍ୟମାନ ହୋଇଥିଲା। ସେବେଠାରୁ ସ୍ଥାନୀୟ ଲୋକେ ଏଠାରେ ପୂଜାର୍ଚ୍ଚନା କରି ଆସୁଛନ୍ତି। ଧୀରେ ଧୀରେ ଏହି ସ୍ଥାନ ଭକ୍ତଙ୍କ ଆସ୍ଥାର କେନ୍ଦ୍ର ପାଲଟିଛି।

ବିଶେଷକରି ଗୁପ୍ତେଶ୍ୱର ଦର୍ଶନ



ପାଇଁ ଯାଉଥିବା ଭକ୍ତମାନେ ଏଠାରେ କିଛି ସମୟ ଅଟକି ବୃକ୍ଷ ବିନାୟକଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଗକୁ ଯାଉଛନ୍ତି। ଆହୁରି ରୋଚକ କଥା ହେଉଛି, ସମୟ ବଢ଼ିବା ସହ ଗଛରେ ଦେଖାଯାଉଥିବା ଏହି ଗଣେଶଙ୍କ ଆକୃତି ମଧ୍ୟ ଧୀରେ ଧୀରେ ବଢ଼ୁଥିବା ପୂଜକ କହୁଛନ୍ତି। ପ୍ରକୃତିର ଏହିଁ ଅଦ୍ଭୁତ ସୃଷ୍ଟି ଏବେ ଗୁପ୍ତେଶ୍ୱର ଯାତ୍ରାପଥର ଏକ ଆକର୍ଷଣ ପାଲଟିଛି। ପ୍ରକୃତିର ରୂପରେ ଈଶ୍ୱରଙ୍କ ଦର୍ଶନ ଶ୍ରୀ ବୃକ୍ଷ ବିନାୟକଙ୍କ ଏହି ଅନନ୍ୟ ରୂପ ଭକ୍ତଙ୍କ ମନରେ ଆସ୍ଥା ଓ ଆଶ୍ଚର୍ଯ୍ୟ ଉଭୟ ସୃଷ୍ଟି କରୁଛି।

# ବର୍ଷା ଓ ବଜ୍ରପାତ ଆଶଙ୍କା, ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ବନ୍ଦ

ନବରଙ୍ଗପୁର, ୨୩।୮(ଆନିସ): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି), ଭୁବନେଶ୍ୱର ପକ୍ଷରୁ ଜିଲ୍ଲାରେ ଆସନ୍ତା କାଲି ବର୍ଷା ସହିତ ଘଡ଼ଘଡ଼ି ଓ ବଜ୍ରପାତର ସମ୍ଭାବନା ନେଇ ପୂର୍ବାନୁମାନ ଜାରି କରାଯାଇଛି। ଏଥିସହ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲଗାତାର ବର୍ଷା ଜାରି ରହିଥିବାରୁ ରାସ୍ତାଘାଟରେ ଜଳଜମା, ଯାତାୟାତରେ ବାଧା ଏବଂ ଛାତ୍ରଛାତ୍ରୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେବାର ସମ୍ଭାବନା ରହିଛି। ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମ୍ଭାବ୍ୟ ଅଘଟଣକୁ ଏଡ଼ାଇବା ନିମନ୍ତେ ନବରଙ୍ଗପୁର ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସମସ୍ତ ସରକାରୀ ବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ଘରୋଇ ବିଦ୍ୟାଳୟଗୁଡ଼ିକୁ ୨୪.୦୮.୨୦୨୬ ତାରିଖରେ ବନ୍ଦ ରଖିବାକୁ ଜିଲ୍ଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ନିଷ୍ପତ୍ତି ଅନୁସାରେ ଉକ୍ତ ଦିନ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟଗୁଡ଼ିକରେ ଶିଶୁ ଓ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ା ଓ ଅନ୍ୟାନ୍ୟ ଶିକ୍ଷାକାର୍ଯ୍ୟ ବନ୍ଦ ରହିବ। ତେବେ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ନିଜ ନିଜ ଅନୁଷ୍ଠାନରେ ସାଧାରଣ ଭାବେ ଉପସ୍ଥିତ ରହିବା ସହିତ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ପାଳନ କରିବାକୁ କୁହାଯାଇଛି।

# ତେନ୍ତୁଳୀଖୁଣ୍ଟି ଅଞ୍ଚଳରେ ପ୍ରବଳ ବର୍ଷା
# ଖାଲୁଆ ଅଞ୍ଚଳରେ ପାଣି ଭର୍ତ୍ତି, ବିଧାୟକଙ୍କ ବିଭିନ୍ନ ଅଂଚଳ ଗସ୍ତ

ତେନ୍ତୁଳୀଖୁଣ୍ଟି,୨୩।୮(ଆନିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ଦୁଇଦିନ ପ୍ରବଳ ବର୍ଷା ରେ ଜନ ଜୀବନ ଅସ୍ତ ବ୍ୟସ୍ତ ହୋଇଯାଇଛି । ସୂଚନା ମୁତାବକ କାଲି ୬୭ମିଲିମିଟର ବର୍ଷା ହୋଇଥିବା ବେଳେ ଆଜି ରାତିସାରା ୧୯୦ମିଲିମିଟର ବର୍ଷା ହୋଇଥିବା ବେଳେ ଏବେ ମଧ୍ୟ ବର୍ଷା ଲାଗିରହିଛି ସବୁଠାରୁ ବହୁତ ବର୍ଷା ତେନ୍ତୁଳୀଖୁଣ୍ଟି ରୁ ଖାତିଗୁଡା ଅଂଚଳରେ ହୋଇଥିବା ଜଣାପଡୁଛି ଇନ୍ଦ୍ରାବତୀ ନବରଙ୍ଗପୁର ମୁଖ୍ୟ ରାସ୍ତା ର ନୂତନ ଭାବେ ନିର୍ମାଣ କାର୍ଯ୍ୟ ଚାଲିଥିବା ଆଉଁଳି ଗୁମା ପୁରଣା ପୋଲ ଉପରେ ଚାରିଫୁଟ ପାଣି ଚାଲିଥିଲା ଯାହା ଫଳରେ ଆଜି ସମସ୍ତ ଗାଡି ମୋଟର ଦୁଇ ପଟେ ଅଟକି ରହିଥିବା ଦେଖାଯାଇଛି ଏହି ଖବର ପାଇ ବିଧାୟକ ଗୌରୀଶଙ୍କର ମାଝୀ ଆସି ପହଂଚି ଥିଲେ ଏହା ସହ ଇନ୍ଦ୍ରାବତୀ କଲୋନୀ ରେ ପାଣି ପଶିବା ସହ ଖାତିଗୁଡା ଗ୍ରାମରେ ମଧ୍ୟ ପାଣି ଘରେ ଦୁଇରୁ ତିନି ଫୁଟ ପାଣି ପଶିଥିଲା ଦେଖି ଲୋକଙ୍କ ଅସୁଭିଧା



କୁ ହୃଦୟ ଙ୍ଗମ କରି ପାଣି ନିଷ୍କାସନ କିପରି କରାଯାଇପାରିବ ସେ ବିଷୟରେ ଜନସାଧାରଣ ଙ୍କ ସହ ଆଲୋଚନା କରି ଥିଲେ,ତାହା ସହ ଉଚ୍ଚ ସ୍ତରୀୟ ଅଧିକାରୀ ମୋନଜ ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ ଆଲୋଚନା ସମୟରେ , ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ଙ୍କ ସହ ବହୁ ଜନସାଧାରଣ ଓ କାର୍ଯ୍ୟକର୍ତା। ଉପସ୍ଥିତ ରହି କରିଥିଲେ ।

ଏହା ସହ ତେନ୍ତୁଳୀଖୁଣ୍ଟି ବ୍ଲକ ନିକଟ କୁର୍ମାକୋଟ ଛକ ଚୌଧୁରୀ ଦୋକାନ ସହ ଲାଇନରେ ଥିବା ପ୍ରାୟ ଦୋକାନ ରେ ପାଣି ପଶି ବହୁ କ୍ଷତି ହୋଇଛି ଅଗ୍ନିଶମ ବାହିନୀକୁ ଖବର ଦେଲାପରେ ପାଣି ନିଷ୍କାସନ ପିଏମଶ୍ରୀ ବିଦ୍ୟାଳୟ, ନୀଳକଣ୍ଠ ମନ୍ଦିର ପ୍ରବୃତି ରୁ ପାଣି ବାହାର କରାଯାଇଛି, ବିଭିନ୍ନ, ମଞ୍ଚଗ୍ମା, ବେଜୁଗୁଡା, ତେନ୍ତୁଳୀଖୁଣ୍ଟି, ପୂଜାରୀଗୁଡା ପଂଚାୟତ ପ୍ରବୃତିରେ ବହୁ କ୍ଷତି ହୋଇଛି ଜାଗାରେ ଉଦୟପୁର ହରିଜନ ସାହିର କବିରାଜ ଙ୍କ ଘର ସମ୍ପୂର୍ଣ ଭୁଶୁଡି ଯାଇଛି, ସେହିପରି ଅନେକ ଘର ଭାଙ୍ଗିଥିବା ଖବର ମିଳିଥିଲେ ମଧ୍ୟ କିଛି ସଠିକ ସୂଚନା ମିଳିନଥିବା ରାଜସ୍ୱ ନିରୀକ୍ଷକ କହିଛନ୍ତି ଏହା ସହ ଆଗକୁ ଅଧିକ ବର୍ଷା ହେବାର ସୂଚନା ଦେଇ ଛନ୍ତି ସରକାର ।

# ମାସେ ହେଲା ଟ୍ରାନ୍ସଫର୍ମର ପୋଡ଼ିଲା, ଅନ୍ଧାରରେ ଗୁଚକାବାଙ୍ଗୁ ଗାଁବାସୀ

ମୁନିଗୁଡ଼ା, ୨୩।୮ (ଆନିସ): ଟ୍ରାନ୍ସଫର୍ମର ପୋଡ଼ିଯିବାର ମାସେ ପରେ ମଧ୍ୟ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇନଥିବାରୁ ଅନ୍ଧାରରେ ଦିନ କାଟୁଛନ୍ତି ଡିମିରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଗୁଚକାବାଙ୍ଗୁ ଗାଁର ଗୌଡ଼ ସାହି ଓ ଆଦିବାସୀ ସାହି ଓ ଭଟାଙ୍ଗ ପଦରର ପ୍ରାୟ ୧୯ ଟି ପରିବାର। ଦୀର୍ଘଦିନ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁସାରେ, ପ୍ରାୟ ମାସେ ତଳେ ଗାଁରେ ଥିବା



ଟ୍ରାନ୍ସଫର୍ମରଟି ପୋଡ଼ିଯାଇଥିଲା। ଫଳରେ ଗୁଚକା ବାଙ୍ଗୁ ଗୌଡ଼ ସାହି ଓ ଆଦିବାସୀ ଓ ଭଟାଙ୍ଗ ପଦର ସାହିର ଲୋକେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଆସୁଛନ୍ତି। ଏନେଇ ସାହିବାସୀ ମୁନିଗୁଡ଼ା ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇ ସମସ୍ୟା ସମ୍ପର୍କରେ ଜଣାଇବା ସହ ଶୀଘ୍ର ଟ୍ରାନ୍ସଫର୍ମର ବଦଳାଇବାକୁ ଅନୁରୋଧ କରିଥିଲେ। ହେଲେ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ନଥିବାରୁ ରାତି ସମୟରେ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ପିଲାମାନଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଛି। ମୋବାଇଲ୍ ଚାର୍ଜ କରିବାଠାରୁ ଆରମ୍ଭ କରି ଦୈନନ୍ଦିନ ଘରୋଇ କାର୍ଯ୍ୟ ପର୍ଯ୍ୟନ୍ତ ସାହିବାସୀଙ୍କୁ ହଇରାଣ ହେବାକୁ ପଡ଼ୁଛି। ମାସେ ଧରି ବିଦ୍ୟୁତ୍ ବିହୀନ ଅବସ୍ଥାରେ ରହିବା ପରେ ତୁରନ୍ତ ନୂଆ ଟ୍ରାନ୍ସଫର୍ମର ଲଗାଇ ବିଦ୍ୟୁତ୍ ସେବା ପୁନଃ ଚାଲୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜୟପୁରରେ ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ଛୁରୀ ଭୁସି ହତ୍ୟା ମାମଲା
# ୫ ଅଭିଯୁକ୍ତ ଧରାପଡ଼ିଲେ, ୨ ନାବାଳକ ସାମିଲ୍

ଜୟପୁର,୨୩।୮(ଆନିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ଛୁରୀ ଭୁସି ହତ୍ୟା ଘଟଣାରେ ୫ ଜଣଙ୍କୁ ଧରିଛି ଜୟପୁର ଟାଉନ ପୋଲିସ।

**୨ଟି ବାଇକ୍ ଓ ମାରଣାସ୍ତ୍ର ଜବତ**




ଧରାପଡ଼ିଥିବା ୫ ଜଣଙ୍କ ମଧ୍ୟରୁ ୨ ଜଣ ନାବାଳକ ଥିବା ବେଳେ, ଅନ୍ୟ ୩ ଜଣ ହେଲେ ଜୟପୁର ସଦର ଥାନା ଅଞ୍ଚଳର ରଣ୍ଡାପାଲିର ଜଗା ହରିଜନ, କେବିଡ଼ିର ଚନ୍ଦ୍ରକାନ୍ତ ହରିଜନ ଓ ଉମୁରିର ଦୀନେଶ ଟାକ୍ରୀ।ପୋଲିସ ସୂଚନା ଅନୁଯାୟୀ, କେବିଡ଼ି ଅଞ୍ଚଳର କିଶନ କୁଲଦୀପ ମୋବାଇଲ୍ ମରାମତି ପାଇଁ ଜୟପୁର ଆସୁଥିବା ସମୟରେ ରାସ୍ତାରେ ୫ ଜଣ ଯୁବକ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଛୁରୀ ଆକ୍ରମଣରେ କିଶନ ଗୁରୁତର ହୋଇପଡ଼ିଥିବା ବେଳେ ତାଙ୍କୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଜୟପୁର ଟାଉନ ପୋଲିସ ତଦନ୍ତ ଆରମ୍ଭ କରିବା ସହ ସହରର ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ତଦନ୍ତରୁ ମିଳିଥିବା ସୁରାକ୍ ଆଧାରରେ ପୋଲିସ ୫ ଜଣଙ୍କୁ ଧରିବାରେ ସଫଳ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ୨ଟି ବାଇକ୍ ଓ ମାରଣାସ୍ତ୍ର ଜବତ କରାଯାଇଛି।ଧରାପଡ଼ିଥିବା ୩ ଜଣ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ, ୨ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ବୋର୍ଡର ନିର୍ଦ୍ଦେଶ ଅନୁସାରେ ନାବାଳକଙ୍କ ବିରୋଧରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ଘଟଣାର ପ୍ରକୃତ କାରଣ ନେଇ ପୋଲିସର ତଦନ୍ତ ଜାରି ରହିଛି।


# ରାୟଗଡ ଗ୍ରାମ ରାସ୍ତା କଡ଼ରୁ ଅସହାୟ ଅବସ୍ଥାରେ ବୃଦ୍ଧଙ୍କୁ ଉଦ୍ଧାର ପରେ ଚିକିତ୍ସା ଆରମ୍ଭ

ରାୟଗଡ(ଗଜପତି): ୨୩।୮ (ଆନିସ): ଗଜପତି ଜିଲ୍ଲା ରାୟଗଡ ଗ୍ରାମ ରାସ୍ତାକଡ଼ରେ ପଡ଼ିଥିଲେ ୬୫ ବର୍ଷୀୟ ଜଣେ ବୃଦ୍ଧ ବର୍ଷାରେ ଭିଜୁଥିଲା ସାରା ଶରୀର ଦେହରେ ନଥିଲା ଯଥେଷ୍ଟ ବସ୍ତ୍ର, ଚାଲିବାକୁ ନଥିଲା ଶକ୍ତି କି ଆଶ୍ରୟ ନେବାକୁ ସାମର୍ଥ୍ୟ ଏଭଳି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପଡ଼ି ରହିଥିବା ଜଣେ ବୃଦ୍ଧଙ୍କୁ ଶେଷରେ ଉଦ୍ଧାର କରି ମାନବିକତାର ପରିଚୟ ଦେଇଛନ୍ତି ତିନି ହୃଦୟବାନ୍? ବ୍ୟକ୍ତି – ଟୁନା ରେଲି , ରକି ନାୟକ ଓ ଚିତ୍ରସେନ ଲେଙ୍କା । ସେମାନେ ବୃଦ୍ଧଙ୍କୁ ଉଦ୍ଧାର କରି ରାୟଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ବର୍ତ୍ତମାନ ତାଙ୍କର ଚିକିତ୍ସା ଆରମ୍ଭ ହୋଇଛି।ବୃଦ୍ଧଙ୍କ ଅବସ୍ଥା ଏତେ ଦୟନୀୟ ବ୍ୟତୀତ ଯେ, ଅଣ୍ଟା ତଳକୁ ଖଣ୍ଡିଏ ଲୁଗା ଦେହରେ ଆଉ କୌଣସି ବସ୍ତ୍ର ନାହିଁ। ପେଟ ଶୁଖି ଯାଇ ପିଠିରେ ଲାଗିଯାଇଛି। ଗୋଟିଏ ଗୋଡ଼ରେ ଗଭୀର ଆଘାତ ଯୋଗୁଁ ଘା ହୋଇଯାଇ ସେଥିରେ ପୋକ ସାଲୁବାଲୁ ହେଉଛି ଚାଲିବା ତ ଦୂରର କଥା, ନିଜେ ଉଠିବା ମଧ୍ୟ ତାଙ୍କ ପକ୍ଷେ ସମ୍ଭବ ନାହିଁ ରାୟଗଡ଼ ବ୍ଲକ ସଦର ମହକୁମା ଦେଇ ଯାଇଥିବା ଜାତୀୟ ରାଜପଥ କଡ଼ର ଏକ ପରିତ୍ୟକ୍ତ ସ୍ଥାନରେ କିଛି ମାସ ହେଲା ସେ ପଡ଼ି ରହିଥିଲେ । ଖରା, ବର୍ଷା ଶୀତ ସବୁ ତାଙ୍କ ପାଇଁ ସମାନ ବୃଦ୍ଧଙ୍କ ନାଁ କଣ, କେଉଁ ଠାରୁ ଆସିଛନ୍ତି କିମ୍ବା ପରିବାର ତାଙ୍କର କେଉଁଠି କିଛି ଜଣାପଡ଼ିନାହିଁ। ଅସୁସ୍ଥତା ଯୋଗୁଁ ସେ ଠିକ୍? ଭାବେ କଥା ମଧ୍ୟ କହିପାରୁ ନାହାନ୍ତି।ସ୍ଥାନୀୟ ଲୋକଙ୍କ କହିବାନୁସାରେ ପୂର୍ବରୁ ସେ ଆଖପାଖ ଅଞ୍ଚଳରେ ବୁଲାବୁଲି କରୁଥିଲେ ବୟସ ହୋଇଯିବାରୁ କାମ କରିବାସମ୍ଭବ ହେଉ ନଥିଲା। ଯିଏ ଯାହା ଖା ଦେଉଥିଲେ, ସେଥିରେ ହିଁ ତାଙ୍କ ଜୀବନ ଚାଲୁଥିଲା। ଗତକାଲି କିଛି ସମାଜସେବୀ ରାୟଗଡ଼ ପଞ୍ଚାୟତର ପିଇଓ ଓ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଙ୍କ ସହ ଯୋଗାଯୋଗ କରିଥିଲେ। ତେବେ, ତୁରନ୍ତ ଉଦ୍ଧାର କିମ୍ବା ଥଇଥାନ ପାଇଁ ଆବଶ୍ୟକ ବ୍ୟବସ୍ଥା ନଥିବା ସେମାନେ ଜଣାଇଥିଲେ। ଏହା ପରେ କିଛି ସମାଜସେବୀ ରାୟଗଡ ମେଡିକାଲ କୁ ୧୦୮ ନମ୍ବର କୁ କଲ କରି ବା ପରେ ୧୦୮ ଆମ୍ବୁଲାନ୍ସ ଆସିଥିଲା କିନ୍ତୁ ସେଥିରେ ଥିବା କର୍ମଚାରୀ ମାନେ ବୃଦ୍ଧ ଙ୍କୁ ନ ନେଇ ଫେରି ଯାଇଥିଲେ।

ଏପଟେ ଦିନ ତମାମ ବର୍ଷା ଲାଗିରହିବାରୁ ରାସ୍ତାକଡ଼ରେ ପଡ଼ିଥିବା ବୃଦ୍ଧଜଣକ ବର୍ଷାରେ ଭିଜି ଯାଉଥିବା ଦେଖି ରାୟଗଡ ପିଇଓ ଆଉ ନିରବ ରହିନଥିଲେ ଗ୍ରାମର ଜଣେ ବ୍ୟକ୍ତି ଟୁନା ରେଲି ଙ୍କୁ ବୃଦ୍ଧଙ୍କୁ ମେଡିକାଲ ନେବା ପାଇଁ କହିଥିଲେ। ଏହା ଦେଖି ଗ୍ରାମର ରକି ଓ ଚିତ୍ରସେନା ସେମାନେ ମିଶି ତୁରନ୍ତ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ପହଞ୍ଚାଇଥିଲେ ଏବେ ବୃଦ୍ଧଙ୍କ ଚିକିତ୍ସା ସହ ତାଙ୍କ ପରିଚୟ ଓ ପରିବାର ସଦସ୍ୟଙ୍କ ସନ୍ଧାନ କରିବା ଅବା ଥଇଥାନର ବ୍ୟବସ୍ଥା କରିବା ସକାଶେ ପ୍ରଶାସନିକ କର୍ତ୍ତୃପକ୍ଷ ଉଦ୍ୟମ କରନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଥୁଆମୁଳ ରାମପୁରରେ ଲଗାଣ ବର୍ଷା ୩୪୫ ମିଲିମିଟର ରେକର୍ଡ
# ଅସ୍ତବ୍ୟସ୍ତ ଜନଜୀବନ, ପାଣି ଘେରରେ ୪ ପରିବାର

ଥୁଆମୂଳ ରାମପୁର:୨୩।୮ (ଆନିସ) : ଲଗାଣ ବର୍ଷା ଅସ୍ତବ୍ୟସ୍ତ ଜନଜୀବନ ପାଣି ଘେରରେ ୪ ପରିବାର ଦୁର୍ଦ୍ଦଶାରେ ଜୀବନ। କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକରେ ଲଗାଣ ବର୍ଷା ୩୪୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଥୁଆମୁଳ ରାମପୁର କାଶୀପୁର କୁ ବସସେବା ଠପ୍? ହୋଇଥିବା ଜଣାପଡିଥିଲା, ସେହିଭଳି ଲଗାଣ ବର୍ଷା ଯୋଗୁଁ ଗୁଣୁପୁର ଅଞ୍ଚଳର ଚାରି ପରିବାରଙ୍କ ଘରେ ପାଣିପସି ବେହାଲ ହୋଇଥିବା ଜଣାପଡିଛି ବର୍ତ୍ତମାନ ଏହି ପରିବାରଙ୍କ ଜୀବନ ଦୁର୍ଦ୍ଦଶାର କାରଣ ପାଲଟିଛି। ଲଗାଣ ବର୍ଷା ହେବା ଫଳରେ ୪ ପରିବାରଙ୍କ ଘର ଚାରିଆଡକୁ ପାଣି ଜମିଯିବା ଫଳରେ ଘର ଭିତରେ ପାଣି ପସିଯାଇଛି। ଏହାଫଳରେ ୪ ପରିବାର ସଦସ୍ୟ ଅତ୍ୟନ୍ତ ଦୁର୍ଦ୍ଦଶା ଭଗିବା ସହିତ ଭୟରେ ଜୀବନ ଅତିବାହିତ



ହେଉଅଛି। ପ୍ରଭାବିତ ପରିବାର ମାନେ ହେଉଛନ୍ତି ଗୁଣୁପୁର ଗ୍ରାମପଞ୍ଚାୟତ ମୁଖ୍ୟାଳୟ ବାନ୍ଧପଡ଼ା ସ୍ଥିତ ଚାରି ପରିବାର ସନ୍ତୋଷ କୁମାର ପୁଝାରୀ, ଦଶରୁ ନାଏକ, କଦମ୍ବ ନାଏକ ଏବଂ ଉଦିତ ସାହୁଙ୍କ ଘର ବାର୍ଷା ପାଣିରେ ଉବୁଟୁବୁ ହୋଇଯାଇଛି। ଘରର ଦୈନନ୍ଦିନ ଜୀବନ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୋଇଛି। ଘର ଭିତରେ ପାଣି ଜମି ରହିଥିବାରୁ ଖାଦ୍ୟ ସାମଗ୍ରୀ ଓ ଆବଶ୍ୟକ ଜିନିଷପତ୍ର ସୁରକ୍ଷିତ ରଖିବା ମଧ୍ୟ କଷ୍ଟକର ହୋଇପଡ଼ିଛି।

ସବୁଠାରୁ ସମ୍ବେଦନଶୀଳ ବିଷୟ ଏହା ଯେ ଲଗାଣ ବର୍ଷା ଯଦି ଏହିଭଳି ଜାରି ରହିବ ତୋ ୪ ପରିବାରଙ୍କ ଘରର ଅବସ୍ଥା ଆହୁରି ଖରାପ ହୋଇପାରେ ବୋଲି ଆଶଙ୍କା କରାଯାଉଛି। କେତେବେଳେ କେଉଁ ମୁହୂର୍ତ୍ତରେ ଘରର ସ୍ଥିତି ଅନୁସାରେ ଘର ଭୂଷୁଡିବା ଯିବା ସମ୍ଭାବନାକୁ କୌଣସି ବ୍ୟକ୍ତି ଅସ୍ବୀକାର କରିପାରିବେ ନାହିଁ, ଏପରିସ୍ଥଳେ ପରିବାରର ଛୋଟ ପିଲା, ବୃଦ୍ଧ ସମେତ୍? ଅନ୍ୟାନ୍ୟ ସଦସ୍ୟଙ୍କ ସୁରକ୍ଷା ନେଇ ମଧ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏନେଇ

ସ୍ଥାନୀୟ ଲୋକଙ୍କ ପ୍ରକାଶ କରିଛନ୍ତି ଯେ ବର୍ଷା ସମୟରେ ଘର ଚାରିପଟେ ପାଣି ଜମିବା ଏବଂ ଜଳ ନିଷ୍କାସନ ଠିକ୍? ଭାବେ ନହେବା ଯୋଗୁଁ ସମସ୍ୟା ଅଧିକ ଗମ୍ଭୀର ହୋଇପଡିଛି। ଯଦି ଏହି ସମୟରେ ଘରୁ ପାଣି ନିଷ୍କାସନର ବ୍ୟବସ୍ଥା କରାଯାଏ, ତେବେ ଘର ଭିତରକୁ ଆହୁରି ଅତ୍ୟଧିକ ପାଣି ପ୍ରବେଶ କରିବା ଭଳିକୁ ସମସ୍ୟାକୁ ଅନେକାଂଶରେ ରୋକାଯାଇ ପାରିବ। ଉକ୍ତ ଘଟଣାକୁ ନେଇ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିବା ନିହାତି ଭାବରେ ଆବଶ୍ୟକ। ବର୍ଷାରେ ୪ ପରିବାରଙ୍କ ଘରେ ପ୍ରବେଶ କରିବା ଫଳରେ ପରିବାରଙ୍କୁ କ୍ଷୟକ୍ଷତି ସହିବାକୁ ପଡିଛି ତେଣୁ ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ସରକାରୀ ସହାୟତା ଯୋଗାଇବା ଦେବା ସହ ଘଟଣାସ୍ଥଳକୁ ବିଭାଗୀୟ ଅଧିକାରୀମାନେ ପହଞ୍ଚି କ୍ଷୟକ୍ଷତି ସ୍ଥିତି ଅନୁଧ୍ୟାନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ କେବଳ ତତ୍କାଳୀନ ପାଣି ନିଷ୍କାସନ ବ୍ୟବସ୍ଥା କଲେ ସୁଦ୍ଧା ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ଆଗାମୀ ଦିନରେ ଯେପରି ଏହିଭଳି ପୁଣି ୪ ପରିବାରଙ୍କ ଅବସ୍ଥା ନହେବା ପାଇଁ ଜଳ ନିଷ୍କାସନ ସୁବ୍ୟବସ୍ଥା ସହିତ ଆବଶ୍ୟକ ସ୍ଥାନରେ ଡ୍ରେନ ନିର୍ମାଣ ଓ ଘରର ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଦୀର୍ଘମିଆଦୀ ପଦକ୍ଷେପ ନେବା ନିହାତି ଆବଶ୍ୟକ ରହିଛି ବୋଲି ଅଞ୍ଚଳରେ ଆଲୋଚନା ହେଉଅଛି

# ପୂର୍ବ ଭାରତର ଗ୍ରୀନ୍ ଇଣ୍ଡଷ୍ଟ୍ରିଆଲ୍ ହବ୍ ଭାବେ ଉଭା ହେଉଛି ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍‌ର ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କ

## ଗୋପାଳପୁରକୁ ଏକ ଅଗ୍ରଣୀ ସବୁଜ ଶିଳ୍ପ ହବ୍ ଭାବେ ଗଢ଼ିବା ପାଇଁ ୬୫,୦୦୦ କୋଟିରୁ ଅଧିକ ନିବେଶ ପ୍ରସ୍ତାବ, ୧୦,୦୦୦ କୋଟିର ଟାଟା ପାୱାର ରିନ୍ୟୁଏବଲ୍ ଏନର୍ଜି ନିବେଶ ପ୍ରସ୍ତାବ ପାର୍କର ସ୍ୱଚ୍ଛ ଶକ୍ତି ଉପକରଣ ନିର୍ମାଣ ବ୍ୟବସ୍ଥାକୁ ମଜବୁତ କରୁଛି,ଶିଳ୍ପ ଭିତ୍ତିଭୂମି ଓ ନବସୃଜନ କ୍ଷେତ୍ରରେ ଶ୍ରେଷ୍ଠତା ପାଇଁ ମାରିଟାଇମ୍ ଗେଟୱେ ଦ୍ୱାରା ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ୍ ପାର୍କ ସମ୍ମାନରେ ସମ୍ମାନିତ








ଭୁବନେଶ୍ୱର/ଗୋପାଳପୁର, ୨୩।୮: ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଓଡ଼ିଶାର ଗଞ୍ଜାମ ଜିଲ୍ଲାସ୍ଥିତ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କ (ଜିଆଇପି)ରେ ସମ୍ପ୍ରତି ପ୍ରସ୍ତାବିତ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ସହିତ ଭାରତର ଅନ୍ୟତମ ଅଗ୍ରଣୀ ସବୁଜ ଶିଳ୍ପ ବିକାଶ କ୍ଷେତ୍ରରେ ନିଜର ସ୍ଥିତିକୁ ଅଧିକ ମଜବୁତ କରିଛି। ଏହା ପୂର୍ବ ଭାରତରେ ସବୁଜ ଶକ୍ତି ଉପକରଣ ଏବଂ ଉନ୍ନତ ମାନର ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ ହବ୍ ଭାବରେ ଉଭା ହୋଇଛି।

ରାଜ୍ୟରେ ସବୁଜ ଶକ୍ତିର ବିକାଶ ପାଇଁ ଓଡ଼ିଶା ସରକାର, ଜାପାନର ଆଇଏଚ୍‌ଆଇ କୋର୍ପୋରେସନ୍, ଏସିଏମ୍‌ଇ ଗ୍ରୁପ୍ ଏବଂ ଟିଏସ୍‌ଏସ୍‌ଇଜେଡ୍‌ଏଲ୍ ମଧ୍ୟରେ ଏକ ମେମୋରାଣ୍ଡମ ଅଫ୍ କର୍ପୋରେସନ (ଏମ୍‌ଓସି) ସ୍ୱାକ୍ଷରିତ ହୋଇଛି। ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ବାର୍ଷିକ ୦.୪ ମିଲିୟନ ଟନ୍ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ଏବଂ ଜେଟି-ମୁକ୍ତ ଭାସମାନ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ଏହି ଚୁକ୍ତି ହୋଇଛି।

ଟିଏସ୍‌ଏସ୍‌ଇଜେଡ୍‌ଏଲର ପ୍ରବନ୍ଧ ନିର୍ଦ୍ଦେଶକ ମଣିକାନ୍ତ ନାଏକ କହିଛନ୍ତି, ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଶିଳ୍ପ କେନ୍ଦ୍ର ଭାବେ ଗଢ଼ିତୋଳିବାର ଆମର ଯେଉଁ ଲକ୍ଷ୍ୟ ଥିଲା, ତାହା ଆଜି ପୂରଣ ହେବାକୁ ଯାଉଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ଶିଳ୍ପ ପାର୍କକୁ ବିଦ୍ୟୁତ୍ ଏବଂ ଜଳ ଯୋଗାଣ ପାଇଁ ହାତକୁ ନିଆଯାଇଥିବା ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏହି ଲକ୍ଷ୍ୟ ହାସଲରେ ବିଶେଷ ସହାୟକ ହୋଇଛି। ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ସୁଦୃଢ଼ କରିବା ପାଇଁ ଆମେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ଏକ ନିବେଶକ-ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ପ୍ରତିବଦ୍ଧ।

ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀ ଗୁଡିକର ଏହି ବିଶ୍ୱାସ ନିବେଶ ବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଓଡ଼ିଶାକୁ ଦେଶର ସବୁଜ ଶିଳ୍ପର ଅଗ୍ରଣୀ ହବ୍‌ରେ ପରିଣତ କରିବାରେ ଟିଏସ୍‌ଏସ୍‌ଇଜେଡ୍‌ଏଲ୍ ର ଭୂମିକାକୁ ମଜବୁତ କରୁଛି।

ପାର୍କର ନବୀକରଣ ଯୋଗ୍ୟ ଶକ୍ତି ଉପକରଣ ନିର୍ମାଣ କ୍ଷେତ୍ରକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଫୋନ୍ ଲିମିଟେଡ୍ ଏବଂ ଟାଟା ପାୱାର ରିନ୍ୟୁଏବଲ୍ ଏନର୍ଜି ଲିମିଟେଡ୍ (ଟିପିଆରଇଏଲ୍) ମଧ୍ୟରେ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ୧୦,୦୦୦ କୋଟିର ପ୍ରସ୍ତାବିତ ନିବେଶ ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ସୋଲାର ଇଙ୍ଗଟସ୍ ଏବଂ ୱେଫରସ୍ ଉତ୍ପାଦନକୁ ଗୁରୁତ୍ୱ ଦେବ। ଏହା ନାବଳସୃଜନ ମାଧ୍ୟମରେ ଭାରତର ସ୍ୱଚ୍ଛ ଶକ୍ତି ଲକ୍ଷ୍ୟକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ସବୁଜ ଶକ୍ତି ଉପକରଣ ଉତ୍ପାଦନର ଏକ ପ୍ରମୁଖ ପୂର୍ବଭାରତୀୟ କେନ୍ଦ୍ର ଭାବେ ଗୋପାଳପୁରର ସ୍ଥିତିକୁ ଆହୁରି ମଜବୁତ କରିବ।

ନିକଟରେ ଭିତ୍ତିଭୂମି ଏବଂ ନବସୃଜନ କ୍ଷେତ୍ରରେ ଶ୍ରେଷ୍ଠତା ପାଇଁ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କକ ମାରିଟାଇମ୍ ଗେଟୱେ ପକ୍ଷରୁ ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ୍ ପାର୍କ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ସ୍ମାର୍ଟ ଲଜିଷ୍ଟିକ୍ସ ସମିଟ୍ ଆଣ୍ଡ ଆୱାର୍ଡସ-୨୦୨୬ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଏହାର ସାମରିକ ପୂର୍ବ ଉପକୂଳ ସ୍ଥିତି, ସୁଦୃଢ଼ ବନ୍ଦର, ରେଳ ଏବଂ ରାଜପଥ ସଂଯୋଗୀକରଣ, ସ୍ପେଶାଲ୍ ଇକୋନୋମିକ୍ ଜୋନ୍ (ଏସ୍‌ଇଜେଡ୍) ଏବଂ ଡୋମେଷ୍ଟିକ୍ ଟାରିଫ୍ ଏରିଆ (ଡିଟିଏ) ଉଭୟ କ୍ଷେତ୍ରରେ ଜମିର ଉପଲବ୍ଧତା ଏବଂ ସ୍ୱଚ୍ଛ ଶକ୍ତି ଓ ଉତ୍ପାଦନ ବ୍ୟବସ୍ଥାର ସମ୍ପ୍ରସାରଣ ହେତୁ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କ ବୃହତ୍ ନିବେଶକୁ ଆକର୍ଷିତ କରିବାରେ ସଫଳ ହୋଇଛି।

ଫଳରେ ଏହା ଶିଳ୍ପାୟନ, ସ୍ଥାୟୀ ଉତ୍ପାଦନ ଏବଂ ଓଡ଼ିଶାକୁ ବିଶ୍ୱସ୍ତରୀୟ ସବୁଜ ଶିଳ୍ପ ହବ୍ ଭାବେ ଗଢ଼ିତୋଳିବାରେ ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସଏସ୍‌ଇଜେଡ୍‌ଏଲ୍)ର ଭୂମିକାକୁ ଅଧିକ ସୁଦୃଢ଼ କରୁଛି।

ଗ୍ରୀନ୍ ହାଇଡ୍ରୋଜେନ୍, ନବୀକରଣ ଯୋଗ୍ୟ ଶକ୍ତି ଉପକରଣ ଉତ୍ପାଦନ, ସ୍ପେଶାଲଟି କେମିକାଲ୍ସ, ଟାୟାର, ଖଣିଜ ପ୍ରକ୍ରିୟାକରଣ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି ବିଭିନ୍ନ କ୍ଷେତ୍ରରେ ପାର୍କ ପ୍ରମୁଖ ଜାତୀୟ ଏବଂ ବିଶ୍ୱସ୍ତରୀୟ ନିବେଶକଙ୍କୁ ଆକର୍ଷିତ କରିଛି। ଆଭାଡା ଗ୍ରୀନ୍‌ଏଚ୨, ଓସିଓର୍ ଏନର୍ଜି, ହାଇଜେନ୍‌କୋ, ସାତ୍ୱିକ୍ ସୋଲାର ଇଣ୍ଡଷ୍ଟ୍ରିଜ୍, ୱାର୍ଲ୍ଡ ଗ୍ରୀନ୍ ଏନର୍ଜି, ସୁପରଫର୍ମ କେମିଷ୍ଟ୍ରିଜ୍ (ୟୁପିଏଲ), ଏସ୍‌ଆରଏଫ୍ ଲିମିଟେଡ୍, ଦୀପକ ମାଇନିଂ ସଲ୍ୟୁସନ୍ସ (ଦୀପକ ଫର୍ଟିଲାଇଜର୍ସ ଆଣ୍ଡ ପେଟ୍ରୋକେମିକାଲ୍ସ ଗ୍ରୁପ୍), ଏଟିସି ଟାୟାର୍ସ (ୟୋକୋହାମା ଗ୍ରୁପ୍), ଟାଟା ଷ୍ଟିଲ୍ ଏବଂ ଟାଟା କଞ୍ଜ୍ୟୁମର୍ ପ୍ରୋଡକ୍ଟସ ଭଳି କମ୍ପାନୀଗୁଡ଼ିକ ପାର୍କରେ ପ୍ରକଳ୍ପ ପ୍ରତିଷ୍ଠା କରିସାରିଛନ୍ତି ବା ଘୋଷଣା କରିଛନ୍ତି। ଏଥିମଧ୍ୟରୁ ଏସିଏମଇ, ଆଭାଡା ଗ୍ରୀନ୍‌ଏଚ ୨ ଏବଂ ହାଇଜେନ୍‌କୋ ଏସିଜେଡରେ ସେମାନଙ୍କର ମେଗା ଶିଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଅନ୍ୟମାନେ ଡିଟିଏରେ ଜମି ବାଛିଛନ୍ତି। ଭବିଷ୍ୟତ-ଉପଯୋଗୀ ଶିଳ୍ପ ଭିତ୍ତିଭୂମି ଗଠନ ଦିଗରେ ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍‌ର ନିରନ୍ତର ପ୍ରୟାସ ଫଳପ୍ରଦ ହୋଇଛି। କମ୍ପାନୀର ଏହି ଦୂରଦୃଷ୍ଟି ଯୋଗୁଁ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ୬୫,୪୦୦ କୋଟିରୁ ଅଧିକ ନିବେଶ ପ୍ରସ୍ତାବ ଆସିପାରିଛି, ଯାହା ଏହାକୁ ପୂର୍ବ ଭାରତର ଅନ୍ୟତମ ଦ୍ରୁତ ବିକାଶଶୀଳ ଶିଳ୍ପ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିଛି।

ଏହିସବୁ ଚାଲୁ ରହିଥିବା ଓ ପ୍ରସ୍ତାବିତ ପ୍ରକଳ୍ପ ଟିଏସଏସ୍‌ଇଜେଡ୍‌ଏଲ୍ ର ଶିଳ୍ପ ଭିତ୍ତିଭୂମିକୁ ଅଧିକ ଶକ୍ତିଶାଳୀ କରିବା ସହ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବେ ଓଡ଼ିଶା ପ୍ରତି ଆନ୍ତର୍ଜାତୀୟ ନିବେଶକଙ୍କ ଆସ୍ଥା ବୃଦ୍ଧିକୁ ସ୍ପଷ୍ଟ କରୁଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଶିଳ୍ପ ଶୃଙ୍ଖଳାକୁ ଅଧିକ ମଜବୁତ କରିବା ସହ ବିପୁଳ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏଥିସହିତ ଭାରତର କମ୍-କାର୍ବନ୍ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ।

ଟାଟା ଷ୍ଟିଲର ୧୦୦% ସହାୟକ କମ୍ପାନୀ ଟିଏସଏସ୍‌ଇଜେଡ୍‌ଏଲ୍ ଦ୍ୱାରା ବିକଶିତ ଏହି ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କ ପ୍ରାୟ ୨,୯୭୦ ଏକର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ। ଏହି ପାର୍କକୁ ଏକ ସଂଯୋଜିତ ଏବଂ ଆଧୁନିକ ପ୍ଲଗ୍-ଏଣ୍ଡ-ପ୍ଲେ ଉତ୍ପାଦନ ଭିତ୍ତିଭୂମି ଭାବେ ନିର୍ମାଣ କରାଯାଇଛି। ଏଥିମଧ୍ୟରେ ସୁଦୃଢ଼ ଆଭ୍ୟନ୍ତରୀଣ ସଡ଼କ ପରିବହନ, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ଜଳ ଯୋଗାଣ, ବିଜ୍ଞାନସମ୍ମତ ନିଷ୍କାସନ ପ୍ରଣାଳୀ, ଏକକ ପରିବେଶ ମଞ୍ଜୁରୀ, ବହୁମୁଖୀ ସଂଯୋଗୀକରଣ ଏବଂ ଏକ ସ୍ୱତନ୍ତ୍ର ୟୁଟିଲିଟି କରିଡୋର୍ ମାଧ୍ୟମରେ ଗୋପାଳପୁର ବନ୍ଦର ସହିତ ସୀଧାସଳଖ ଯୋଗାଯୋଗ ସୁବିଧା କରାଯାଇଛି।

## ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର



ବାଣପୁର,୨୩।୮(ଆନିସ): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ବାଣପୁରର ଦିବ୍ୟଜ୍ୟୋତି ଭବନଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମକୁମାରୀ ସୁଜାତା ମୁଖ୍ୟ ସଞ୍ଚାଳିକା ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ରକ୍ତଦାନ ଶିବିରରେ ଯୁବ ସମାଜସେବୀ ତଥା ବାଣପୁର ବିଜେପି ଯୁବ ସଂଗଠକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବାଣପୁର ବ୍ଲକ ବିରଜା ମଣ୍ଡଳ ସଭାପତି ଶ୍ରୀ ଜିତେନ୍ଦ୍ର କୁମାର ଭୋଳ ଏବଂ ଡାକ୍ତର କୃତାର୍ଥ କିଶୋର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ପ୍ରତିକୂଳ ପାଗ ସତ୍ତ୍ୱେ ରକ୍ତଦାତାମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଶିବିରରେ ସମୁଦାୟ ୧୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶ୍ରୀ ଭୋଳ ନିଜେ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ରକ୍ତଭଣ୍ଡାରର ଡାକ୍ତର ସୌରଭ ସୁନ୍ଦର ରାୟ, ଅରୁଣ କୁମାର ସାହୁ, ଅନିରୁଦ୍ଧ ସ୍ୱାଇଁ ଓ ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଥିଲା।

ଏହି ଶିବିରରେ ସଂଗ୍ରାମ ଦାସ, ମାମଲି ବାରିକ, କାର୍ତ୍ତିକେଶ୍ୱର ସ୍ୱାଇଁ, ରଶ୍ମିତା ଦାସ, କଳ୍ପନା ଦାସ, ଲିଙ୍ଗରାଜ ମହାରଣା, ମମତା ଆଚାର୍ଯ୍ୟ, ସସ୍ମିତା, ଚିତ୍ତରଞ୍ଜନ ପାଇକରାୟ, ଅନିଲ କୁମାର ସୁବୁଦ୍ଧି, ଗିରିଜା ଶଙ୍କର ସେନାପତି, ସଞ୍ଜୀବ କୁମାର ନାୟକ, ମମତା ମହାନ୍ତି, ନିରଞ୍ଜନ ମୁଦୁଲି, ସୁଧାଂଶୁ ଶେଖର ପ୍ରଧାନ, ଉମାଶଙ୍କର ସାମନ୍ତରାୟ, ସୌରଭ ମହାନ୍ତି ଓ ଜିତେନ୍ଦ୍ର କୁମାର ଭୋଳ ପ୍ରମୁଖ ରକ୍ତଦାନ କରିଥିଲେ। ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ସମାଜରେ ମାନବିକତା ଓ ସେବାର ବାର୍ତ୍ତା ପହଞ୍ଚାଇବା ପାଇଁ ଦେବୀ ପ୍ରସାଦ ମିଶ୍ର ଯୁବ ସମାଜକୁ ଆହ୍ୱାନ ଦେଇଥିଲେ।

## ହାତୀ ଆକ୍ରମଣରେ ଜଣେ ଆହତ

ଚମ୍ପୁଆ,୨୩।୮(ଆନିସ): ଚମ୍ପୁଆ ରେଞ୍ଜ ଅଧୀନରେ ହାତୀ ଆକ୍ରମଣରେ ଜଣେ ଆହତ।ମ୍ୟାକମିଲାନ ପୁର ଗାଁରେ ହାତୀ ଆକ୍ରମଣରେ ଜଣେ ଆହତ ହୋଇ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଟିଆଁସିପଶି ଗାଁ ର ତ୍ରିନାଥ ସିଂ ଗାଁ ଅନ୍ୟ ଦୁଇ ଜଣ ସହ ମ୍ୟାକମିଲାନ ପୁର ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ସେଠାରେ ହାତୀ ହାବୁଡରେ ପଡି ଯାଇଥିଲେ। ଅନ୍ୟ ଦୁଇ ଜଣ ଦୌଡି ପଳାଇ ଯାଇଥିଲେ ଶ୍ରୀନାଥ ହାତୀ ହାବୁଡରେ ପଡି ଯାଇଥିଲେ ହାତୀ ଆକ୍ରମଣ କରିବାରୁ ସେ ଆହତ ହୋଇଛନ୍ତି। ତାଙ୍କ ଜଙ୍ଘରେ ହାତୀ ଦାନ୍ତ ପଶିଯାଇ ଥିବେ ବେଳେ ଲୋକେ ତାଙ୍କୁ ଉଦ୍ଧାର କରି ଭଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ଗତକାଲି ରଜିଆ ଜଙ୍ଗଲ ରୁ ଅଠର ଟିକିଆ ହାତୀପଲ ଯାଇ ଆଜି ମ୍ୟାକମିଲାନ ପୁରରେ ଥିବାବେଳେ ତ୍ରିନାଥ ଜଙ୍ଗଲକୁ ଯାଇ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି।

## ଯାଜପୁର ବନ୍ୟାରେ ସଙ୍କଟରେ ଗୃହପାଳିତ ପ୍ରାଣୀ

# ଜୀବାଣୁଜନିତ ରୋଗର ଆଶଙ୍କା ବଢ଼ିଲା, ୧୫ ହଜାର ଗୋରୁଙ୍କୁ ପ୍ରତିଷେଧକ ଟିକା

ଯାଜପୁର, ୨୩।୮(ଆନିସ): ଯାଜପୁର ଜିଲାରେ ଦୀର୍ଘ ୨୦ ଦିନ ଧରି ଜାରି ରହିଥିବା ବନ୍ୟା ସ୍ଥିତି ଏବେ କେବଳ ମଣିଷଙ୍କ ଜୀବନଯାତ୍ରାକୁ ନୁହେଁ, ପ୍ରାଣିସମ୍ପଦକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରିଛି। ଗୋରୁ, ଛେଳି, ମେଣ୍ଢା ଓ ମଇଁଷି ଆଦି ଗୃହପାଳିତ ପ୍ରାଣୀଙ୍କ ଖାଦ୍ୟ ସଂଗ୍ରହ କରିବାରେ ଚାଷୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଚିନ୍ତା ବଢ଼ିଛି।ବିଲ, ବାଡ଼ି ଓ ଗାଁଗଣ୍ଡାରେ ପେଟେ ଛାଡ଼ିଏ ଉଚ୍ଚର ବନ୍ୟାଜଳ ଜମି ରହିଥିବାରୁ ପ୍ରାଣୀଙ୍କ ମୁଖ୍ୟ ଖାଦ୍ୟ ଘାସ ଓ ପତ୍ର ସଂଗ୍ରହ କରିବା ସମ୍ଭବ ହେଉନାହିଁ। ପ୍ରଶାସନ ପକ୍ଷରୁ ଯେଉଁ ପରିମାଣର ଗୋଖାଦ୍ୟ ଓ ରିଲିଫ୍ ଯୋଗାଇ ଦିଆଯାଉଛି, ତାହା ଆବଶ୍ୟକତା ତୁଳନାରେ ପର୍ଯ୍ୟାପ୍ତ ନୁହେଁ ବୋଲି ଚାଷୀମାନେ କହିଛନ୍ତି। ଫଳରେ ବନ୍ୟାଘେରରେ ଥିବା ପ୍ରାଣିସମ୍ପଦର ସୁରକ୍ଷା ନେଇ ଚିନ୍ତା ବଢ଼ିଛି।



ବିଶେଷକରି ଦଶରଥପୁର, ବିଞ୍ଝାରପୁର ଓ ବରୀ ବ୍ଲକରେ ପ୍ରାୟ ୧ ଲକ୍ଷ ଗୃହପାଳିତ ପ୍ରାଣୀ ବନ୍ୟା ପ୍ରଭାବିତ ହୋଇଥିବାରୁ ସେମାନଙ୍କ ଜୀବନ ଏବେ ବିପଦମୁହଁରେ। ବରୀ ବ୍ଲକରେ ୪୯,୮୪୦ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଛନ୍ତି।ସେହିପରି ବିଞ୍ଝାରପୁର ବ୍ଲକର ବାଙ୍ଗରା ପଞ୍ଚାୟତର ୧,୦୩୭, ହଳଦିଢ଼ିହ ୧,୮୩୬, ସିଂହପୁର ୮୦, କଲ୍ୟାଣପୁର ୨,୫୪୬, ଚନ୍ଦ୍ରମୁ ୩,୬୦୦, ରଣପୁର ୨,୪୫୪, ଜରି ୨,୨୭୬, ପ୍ରୀତିପୁର ୧,୫୭୩, ଆଉରୀ ୨,୩୮୯, ଉତ୍ତରକୂଳ ୨,୩୯୦, କପିଳା ୧,୬୦୪, ଟିଣା ୭୩୪ ଓ ଓଳେଇ ପଞ୍ଚାୟତର ନଦିକାଣ୍ଡିଆ ଅଞ୍ଚଳର ୧୨୯ ଗୃହପାଳିତ ପଶୁ ବନ୍ୟା ପ୍ରଭାବିତ ହୋଇଛନ୍ତି। ଏହି ୧୩ ପଞ୍ଚାୟତର ୫୧ଟି ରାଜସ୍ୱ ଗ୍ରାମରେ ମୋଟ ୨୫,୯୦୩ ଗୃହପାଳିତ ପ୍ରାଣୀଙ୍କ ପାଇଁ ୧୨୭.୪୫ ମେଟ୍ରିକ ଟନ୍ ଗୋଖାଦ୍ୟ ପ୍ରାଣିସମ୍ପଦ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଛି। ବିଞ୍ଝାରପୁର ମଣ୍ଡଳ ପ୍ରାଣୀ ଚିକିତ୍ସାକାରୀ ପ୍ରଭାତ କୁମାର ପାତ୍ର ଏହି ସୂଚନା ଦେଇଛନ୍ତି। ତେବେ ଚାଷୀଙ୍କ ମତରେ, ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗୋଖାଦ୍ୟ ପ୍ରଭାବିତ ପ୍ରାଣୀଙ୍କ ଆବଶ୍ୟକତା ତୁଳନାରେ ଯଥେଷ୍ଟ ନୁହେଁ। ତେଣୁ ଆଗାମୀ ଦିନରେ ଅଧିକ ପରିମାଣର ଗୋଖାଦ୍ୟ ଯୋଗାଣ କରିବାକୁ ସେମାନେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବନ୍ୟାଜଳ ଓ ପରିବର୍ତ୍ତିତ ଜଳବାୟୁ ପରିସ୍ଥିତି ଯୋଗୁଁ ଗୋରୁଙ୍କଠାରେ ସାହାଣା ଓ ବଜବଜିଆ ଭଳି ଜୀବାଣୁଜନିତ ରୋଗର ଆଶଙ୍କା ବଢ଼ିଛି। ହଳଦିଢ଼ିହ, ରଣପୁର ଓ ଚନ୍ଦ୍ରମୁ ଅଞ୍ଚଳର କେତେକ ଗୋରୁଙ୍କଠାରେ ଏହି ରୋଗ ଚିହ୍ନଟ ହେବା ପରେ ପ୍ରାଣିସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରତିଷେଧକ ଟିକାକରଣ ଆରମ୍ଭ କରାଯାଇଛି।

ଭିଏଏସ୍ ରାଜନାରାୟଣ ବେହେରାଙ୍କ ସୂଚନା ଅନୁଯାୟୀ, ପ୍ରାୟ ୧୫ ହଜାର ଗୋରୁଙ୍କୁ ମାଗଣାରେ ପ୍ରତିଷେଧକ ଟିକା ଦିଆଯାଇଛି। ଏହାସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ମଧ୍ୟ ଯୋଗାଇ ଦିଆଯାଉଛି। ତେବେ ବନ୍ୟା ପରିସ୍ଥିତି ଦୀର୍ଘାୟିତ ହେଉଥିବାରୁ ପ୍ରାଣିସମ୍ପଦର ସୁରକ୍ଷା ପାଇଁ ଗୋଖାଦ୍ୟ ଯୋଗାଣ ସହ ନିୟମିତ ଚିକିତ୍ସା ଓ ଟିକାକରଣକୁ ଆହୁରି ବ୍ୟାପକ କରିବା ଆବଶ୍ୟକ ହୋଇପଡ଼ିଛି।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ

ଫୁଲବାଣୀ,୨୩।୮ (ଆନିସ): ରବିବାର ଫୁଲବାଣୀ ଠାରେ ସ୍ୱାମୀ ଲକ୍ଷ୍ମଣ ନନ୍ଦ ସରସ୍ୱତୀ ଙ୍କ ୧୮ତମ ବଳିଦାନ ଦିବସ ଅବସରରେ ସ୍ଥାନୀୟ ମଦି କୁନ୍ଦା ଛକ ଠାରୁଏକ ଶୋଭାଯାତ୍ରା ବାହାରି ମୁଖ୍ୟ ବଜାର ଦେଇ ଜିଲ୍ଲା ପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା ଏହି ଅବସରରେ ଏକ ସ୍ମାରକ ପତ୍ର ଜିଲାପାଳ ଙ୍କୁ ପ୍ରଦାନ୍? କରଯାଇଥିଲା ପରେ ହାଇସ୍କୁଲ ଖେଳ ପଡିଆ ଠାରେ ଏକ ସଭାର ଆୟୋ ଜନ କରଯାଇଥିଲା ଏଥିରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଏସ ଡି ସି ଅଧକ୍ଷ ମାନ ଗୋବିନ୍ଦ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ପଣ୍ଡିତ ବିଶି ମାଝୀ ଙ୍କ ସମେତ ଜିଲ୍ଲା ଓ ବାହାରୁ ବହୁ ସାଧୁ ସନ୍ଥ ଯୋଗ ଦେଇ ସ୍ୱାମୀଜୀ ଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ସ୍ମୃତି ଚରଣ କରିଥିଲେ ସ୍ୱାମୀଜୀ ଙ୍କ ନୀତି ଆଦର୍ଶ ଓ ତ୍ୟାଗ ର ମହିମା କୁ ସମସ୍ତ ଙ୍କ ନିକଟରେ ପହଞ୍ଚାଇବା ଆମ ସମସ୍ତ ଙ୍କ ଦାୟିତ୍ୱ ବୋଲି ଅତିଥି ମନେ ମତ ପ୍ରକାଶ କରିଥିଲେ ଏହି ଅବସରରେ ଜିଲ୍ଲାର ପ୍ରାୟ ଦଶ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ, ଜନସାଧାରଣ, ଶିଷ୍ୟ, ଯୋଗ ଦେଇଥିଲେ ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ବିଭିନ୍ନ ଛକ ଓ ସମ୍ବେଦନ ଶିଳ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ଏମ୍‌ଏମ୍‌ଡିଆର୍ ଆଇନ୍ ରଦ୍ଦ ଦାବିରେ ଇଣ୍ଡି ବ୍ଲକ୍ ମୟୂରଭଞ୍ଜ ପକ୍ଷରୁ ୨୫ରେ ପ୍ରତିରୋଧ ଦିବସ



ବାରିପଦା, ୨୩।୮ (ଆନିସ):ଓଡ଼ିଶାର ସ୍ୱାର୍ଥ ବିରୋଧୀ ଖଣି ଓ ଖଣିଜ ଜାତ ଦ୍ରବ୍ୟ ବିକାଶ ଏବଂ ନିୟନ୍ତ୍ରଣ ଆଇନ୍ ( ଏମ୍ ଏମ୍ ଡି ଆର୍)-୨୦୨୬ ରଦ୍ଦ ଦାବିରେ ସମଗ୍ର ଓଡ଼ିଶାରେ ୨୫ ତାରିଖ ମଙ୍ଗଳବାର ପ୍ରତିରୋଧ ଦିବସ ପାଳନ କରିବାକୁ ରାଜ୍ୟ ଇଣ୍ଡି ବ୍ଲକ୍ ର ନିଷ୍ପତ୍ତି କ୍ରମେ, ଆଜି ଜିଲ୍ଲା କଂଗ୍ରେସ (ପୂର୍ବ) କାର୍ଯ୍ୟାଳୟ, ବାରିପଦା ଠାରେ ଇଣ୍ଡି ବ୍ଲକ୍, ମୟୂରଭଞ୍ଜର ସହଯୋଗୀ ଦଳ କଂଗ୍ରେସ, ସିପିଆଇ ଓ ସିପିଏମ ପକ୍ଷରୁ ମିଳିତ ବୈଠକ କଂଗ୍ରେସ ସଭାପତି ଶ୍ରୀ ପୂର୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ପୁଞ୍ଜିପତି ମାନଙ୍କ ଲାଭକୁ ବହୁଗୁଣିତ କରିବା ଉଦ୍ଦେଶ୍ୟରେ ଏହି ଆଇନ୍ କୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ରର ବିଜେପି ସରକାର ସଂଶୋଧନ ଆଣିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ରାଜ୍ୟର ଖଣି ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ବ୍ୟବସ୍ଥାର ଅଧିକାର ଉପରେ ଭୟଙ୍କର ପ୍ରଭାବ ପକାଇବା ସହ ଓଡ଼ିଶାର ଆର୍ଥିକ ସ୍ଥିତି ଗଭୀର ସମୁଦ୍ରକୁ ଚାଲିଯିବ।

ଅଧିକନ୍ତୁ, କର୍ପୋରେଟ୍ ଲୁଣ୍ଠନ ଏବଂ ଆଦିବାସୀ ଶୋଷଣ ତୀବ୍ର ଭାବେ ବୃଦ୍ଧି ପାଇବ ବୋଲି ଆଲୋଚନାରେ ଅଂଶଗ୍ରହଣ କରି ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସିପିଏମ ଜିଲ୍ଲା ସମ୍ପାଦକ ସାଥୀ ମୃତ୍ୟୁଞ୍ଜୟ ବେହେରା,ରବି ଗୋସ୍ୱାମୀ,ଅମଲ ଦେ, କଂଗ୍ରେସର ଜ୍ୟୋତି ପ୍ରକାଶ ରଥ, ଶାନ୍ତନୁ କୁମାର ପାଲ୍, ବନମାଳୀ ବାରିକ ପ୍ରମୁଖ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସରୁ ସୁସ୍ମିତା। ଘୋଷାଲ,ଭାରତୀ ପାତ୍ର, ଉତ୍ତମ ବେହେରା, ଭୁବନେଶ୍ୱରୀ ଜେନା,ଏସ୍ କେ ଜାଦବ, ଚୈତନ୍ୟ ହାଁସଦା, ସୁନାରାମ ସୋରେନ୍, ସିପିଆଇରୁ ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ମୁକେଶ ମହାନ୍ତ, ମହେଶ୍ୱର ବେହେରା,ତରୁଣ କୁମାର ମହାନ୍ତ, ସିପିଏମର ହରିଶ୍ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ମୋବାଇଲ ଚୋରୀ କରି ଟଙ୍କା ଲୁଟ

ଫୁଲବାଣୀ,୨୩/୦୮(ଆନିସ): ପ୍ରଥମେ ସୁଯୋଗ ଉଣ୍ଡି ମୋବାଇଲ ଚୋରି କରନ୍ତି ତା ପରେ ୟୁ ପି ଆଇ ସହ ଲିଙ୍କ ଥିବା ବ୍ୟାଙ୍କ୍ ଏକାଉଣ୍ଟ୍ ରୁ ଟଂକା ଲୁଟ୍ କରୁଥିଲେ ଏହି ମାମଲାରେ ଗଞ୍ଜାମ ଜିଲ୍ଲାର ପାଣ୍ଡିଆ ପଥର ଗ୍ରାମର ଏ.କାଶୀ ନାମକ ଜଣେ ଯୁବକ କୁ ଗିରଫ କରିଛି ଫିରିଙ୍ଗିଆ ପୋଲିସ୍ ଗିରଫ କରିଛି ଏହିମାମଲାରେ ସେହିଅଞ୍ଚଳ ର ଜଣେ ନାବାଳକ କୁ ମଧ୍ୟ ପୋଲିସ୍ ଅଟକ ରଖିଛି ପୋଲିସ ସେମାନଙ୍କ ନିକଟରୁ ନଗଦ ୪୦ହଜାର ଟଂକା ଓ ମୋବାଇଲ ଫୋନ ଜବତ କରିଥିବା କନ୍ଧମାଳ ପୋଲିସ ଏସପି ରମେନ୍ଦ୍ରପ୍ରସାଦ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ ପି ରମେନ୍ଦ୍ର ପ୍ରସାଦ କହିଥିଲେ ଯେ, ମଙ୍ଗଳ ହାଟରେ ଫିରିଙ୍ଗିଆ ର ଲକ୍ଷଣ ସାସ ମଲ ପରିବା କିଣୁଥିବା ବେଳେ ତାଙ୍କ ମୋବାଇଲ ଫୋନ୍ ଚୋରି ହୋଇଯାଇଥିଲା ପରେ ତାଙ୍କ ଏକାଉଣ୍ଟ୍ ରୁ ଏକ ଲକ୍ଷ ୩୫ହଜାର ଟଂକା ଉଠା ଯାଇଥିବା ଜାଣିବାକୁ ପାଇଥିଲେ ସେ ଏ ନେଇ ସାସ୍ ମଲ ଫିରିଙ୍ଗିଆ ଥାନାରେ ଅଭିଯୋଗ କରିଥିଲେ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା ଥାନା ଅଧିକାରୀ ମୁରଲୀ ଧର ସାହୁ ଙ୍କ ନେତୃତ୍ୱ ରେ ଏକ ଟିମ୍ ଫିରିଙ୍ଗିଆ ଅଞ୍ଚଳ ର ସି ସି ଟିଭି ଯାଞ୍ଚ କରିଥିଲେ ପରେ ମୋବାଇଲ ଟ୍ରାକ କରି ଅଭିଯୁକ୍ତ ଙ୍କ ନିକଟରେ ପହଞ୍ଚିଥି ଲେ ଏସପି ଙ୍କ ସୁଚନା ପ୍ରକାରେ ନାବାଳକ ଜଣ କ ବିଭିନ୍ନ ଅଞ୍ଚଳକୁ ଯାଇ ମୋବାଇଲ ଫୋନ ଚୋରି କରିଥାଏ ତ ପରେ ପାସ ୱାର୍ଡ ଖୋଲି ୟୁପିଆଇ ହ୍ୟାକ କରି ଟଙ୍କା ଉଠାଣ କରିଥାଏ ଏହିଗ୍ୟାଙ୍ଗ ବିଶେଷ କରି ବୟସ୍କ ଲୋକଙ୍କୁ ଟାର୍ଗେଟ କରୁଥିଲା ଟିକାବାଲି ଓ ବୌଦ୍ଧ ଅଞ୍ଚଳ ର ଗ୍ରାହକ ସେବା କେନ୍ଦ୍ର ରୁ ଟଂକା ଉଠାଯାଇଥିବା ଜଣା ପଡ଼ିଛି ଏହିଗ୍ୟାଙ୍ଗ ସଦସ୍ୟ ମାନେ ବରଗଡ଼, ବୌଦ୍ଧ, ବଲାଙ୍ଗୀର, ସୋନପୁର ସମେତ ବିଭିନ୍ନ ଜିଲ୍ଲାରେ ଏଭଳି ଅପରାଧ ଘଟାଇଥିବା ଜଣାପଡିଛି ଅଭିଯୁକ୍ତ କାଶୀ ନାମରେ ପୂର୍ବରୁ ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରାସାଦ, ଓ ବୌଦ୍ଧ ଜିଲ୍ଲା ର ମନ ମୁଣ୍ଡା ଥାନା ଅଞ୍ଚଳ ରେ ମାମଲା ଥିବା ଜଣାପଡିଛି ଏହି ଗ୍ୟାଙ୍ଗ ରେ ସାମିଲ ଥିବା ଅନ୍ୟ ସଦସ୍ୟ ମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ ଏସପି ରମେନ୍ଦ୍ରପ୍ରସାଦ ଙ୍କ ନିଷ୍ଠା ପର ଉଦ୍ୟମ ଆନ୍ତରିକତା କାର୍ଯ୍ୟ ଦକ୍ଷତା ଓ ସଚୋଟ ତା ଯୋଗୁଁ ଜିଲ୍ଲାରେ ଅପରାଧ ହାର କମି ବାରେ ଲାଗିଛି



# ସନ୍ଥ ଶିରୋମଣି ଗୁରୁ ରବିଦାସଜୀଙ୍କ ୬୫୦ ତମ ଜୟନ୍ତୀ

## ସମରସ ସଂକଳ୍ପ ଅଭିଯାନ ଶୋଭାଯାତ୍ରରେ ଜନ ସମାଗମ



ରାୟଗଡା, ୨୩।୮(ଆନିସ): ରାୟଗଡ ଜିଲ୍ଲା ବିଜେପି ତରଫରୁ ସନ୍ଥ ଶିରୋମଣି ଗୁରୁ ରବିଦାସଜୀଙ୍କ୬୫୦ ତମ ଜୟନ୍ତୀ ଅବସରରେ ସମରସ ସଂକଳ୍ପ ଅଭିଯାନ ଅନ୍ତର୍ଗତ ପବିତ୍ର କଳସ ବନ୍ଦନ ଶୋଭାଯାତ୍ରା ସହିତ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଏକାଧିକ ସାଧୁ ସନ୍ଥଙ୍କ ଯୋଗଦାନ ସହିତ ହଜାର ହଜାର ଶ୍ରଦ୍ଧାଳୁ ଓ କଳସ ଧାରୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଉପସ୍ଥିତ ସାଧୁସନ୍ଥଗଣ ଆମମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବିଦ୍ୟା ଶବରଙ୍କ ନେତୃତ୍ୱରେ ବିଜେପି ରାୟଗଡ ର ହଜାର ହଜାର ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଜଗନାଥ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଜୁ ଏଡ଼ିଟରିୟମ ରେ ପହଂଚିଥିଲେ . ଏହି ର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସଡିସି ଅଧକ୍ଷ ବିଦ୍ୟା ଶବର, ଉପାଧକ୍ଷ ମଂଜୁଳା ମିଣିୟାକା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ୟାଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ), ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅଶ୍ୱିନୀ କଂଚାଡ, କାଳିରାମ ମାଝୀ, ବସନ୍ତ ଉଲ୍ଲକା , କୋଲନରା ବ୍ଲକ ଉପାଧକ୍ଷ ବେଲଧର ହିମିରିକା, ପୂର୍ବତନ ଜିଲ୍ଲା ସଭାପତି ରଜତ ମାଦଳା, ଯୁବ ମୋର୍ଚ୍ଚା ରାଜ୍ୟ ଉପସଭାପତି ଉମେଶ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ ।

ସନ୍ଥ ଶିରୋମଣି ଗୁରୁ ରବିଦାସଜୀଙ୍କ ୬୫୦ତମ ଜୟନ୍ତୀ ଉପଲକ୍ଷେ ଜଗନ୍ନାଥ ମନ୍ଦିର ଠାରୁ ବିଜେପିର ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଜୁ ପଟନାୟକ ଅଡିଟୋରିୟମ ଠାରେ ପହଂଚିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଗଣ୍ଡ, ନିଜ ବକ୍ତବ୍ୟରେ ଜନ୍ମ ନୁହେଁ କର୍ମ ଓ ଆଚରଣ ଦ୍ୱାରା ମନୁଷ୍ୟର ମହାନତା ନିର୍ଣ୍ଣୟ ହୁଏ। ଗୁରୁ ରବିଦାସଜୀଙ୍କ ଏହି ଭଳି ସେତେବେଳେ ସମାଜରେ ସଂସ୍କାର ଆଣିବାରେ ସଫଳ ହୋଇଥିଲା। ଚମାର ପରିବାରରେ ଜନ୍ମ ହୋଇ ମଧ୍ୟ ନିଜ କର୍ମ ଓ ବିଚାର ମାଧ୍ୟମରେ ସେ ପୂଜ୍ୟ ହୋଇ ପାରିଥିଲେ। ଅସ୍ପୃଶ୍ୟତା ବିରୋଧରେ ସଂଗ୍ରାମ ଏବଂ କବିତା ଓ ଦୋହା ମାଧ୍ୟମରେ ସେ ପରିବର୍ତ୍ତନ ଆଣି ପାରିଥିଲେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ରଂଜିତା କରଡା, ବିଜେପି କୋଷାଧ୍ୟକ୍ଷ ଶାନ୍ତନୁ ସୁବୁଦ୍ଧି, ମାଝିଗୁଡା ମଣ୍ଡଳ ସଭାପତି ଅନିଲ ଜାଡି ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବାପଦର ଗ୍ରାମରେ ଜ୍ୱରର ବିଭୀଷିକା

## ୨ ଶିଶୁ ମୃତ, ୨୦ରୁ ଉର୍ଦ୍ଧ୍ୱ ପୀଡ଼ିତ

ରାୟଗଡା/କାଶୀପୁର,୨୩।୮(ଆନିସ) ବ୍ଲକରେ ଜ୍ୱରର ପ୍ରକୋପ ବଢ଼ିବାରେ ଲାଗିଛି।ଗୋରଖପୁର ଗ୍ରାମ ପରେ କୁଚେଇ ପଦର ପଞ୍ଚାୟତ ଯୁବାପଦର ଗ୍ରାମରେ ଜ୍‌ରର ବିଭୀଷିକା ଦେଖା ଦେଇଛି। ଗ୍ରାମର ୨୦ରୁ ଅଧିକଜଣ ଜ୍ୱରରେ ପୀଡିତ ଥିବାବେଳେ ଗତକାଲି ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଛି ।ଜ୍ୱରରେ ପୀଡିତ ଦୁର୍ଯ୍ୟ ପୂଜାରୀଙ୍କ ପାଞ୍ଚ ବର୍ଷର ପୁଅପିଙ୍କୁପୂଜାରୀଏବଂ ଖଗେଶ୍ୱର ମାଝୀଙ୍କପୁଅ ଶି ମାଝୀ(୭ବର୍ଷ)କୁ ପରିବାର ଲୋକେ ଚିକିତ୍ସା ପାଇଁ ନିକଟସ୍ଥ ଦଶ ମନ୍ତପୁରବ୍ଲକ ଡୁମ୍ବାଗୁଡ଼ା ଗ୍ରାମରେ ରହୁଥିବା କ୍ୱାକନିକଟକୁ ନେଇଥିଲେ।ଶିଶୁଙ୍କୁ ଇଞ୍ଜେକସନ ଦେଇ ଚିକିତ୍ସା କରିବାରକିଛି ଘଣ୍ଟା ପରେ ଦୁଇ ଶିଶୁଙ୍କ ମୃତ୍ୟୁ ହୋଇ ଥିବାର ଗ୍ରାମବାସୀ ମାନେ କହିଛନ୍ତି।ଗତକାଲି ଅପରାହ୍ନରେ ଶି ମାଝୀଙ୍କମୃତ୍ୟୁ ହୋଇଥିଲା ।ଏହାର କିଛି ଘଣ୍ଟା ପରେ ରାତିରେ ପିଙ୍କୁ ପୂଜାରୀଙ୍କମୃତ୍ୟୁ ହୋଇ ଥିବାର ଜଣା ଯାଇଛି।ଖବର ପାଇବା ପରେ କାଶୀପୁର ସିଏଚସିର ମୋବାଇଲ ହେଲଥ ଟିମ ଗ୍ରାମରେ ପହଞ୍ଚି ଜ୍ୱରରେ ପୀଡିତ ଚିକିତ୍ସା ଆରମ୍ଭ କରିଥିବା ଜଣା ଯାଇଛି।ଶତାଧିକ ପରିବାର ରହୁଥିବା ଯୁବା ପଦରଗ୍ରାମରେ ଏକ ସପ୍ତାହରୁଅଧିକ ଦିନ ହେଲା ଜ୍ୱର ଲାଗି ରହିଛି।ଗ୍ରାମର ଜଗବନ୍ଧୁ ମାଝୀ,(୨୧,)ଅନିତା ମାଝୀ(୧୦, )ଲଳିତା ମାଝୀ,(୯)ଶୁଶିଳା ପାଇକ, ନୀରୁ ପ୍ରଧାନୀ, କରୁଣା ପାଇକସହିତ ବହୁଜଣ ଜ୍ୱରରେ ପୀଡ଼ିତ ଥିବା ଜଣା ଯାଇଛି।ପୀଡିତଙ୍କ ମଧ୍ୟରୁ କିଛି ଜଣ ଡଙ୍ଗାସିଲ ପିଏଚସିରେ ଚିକିତ୍ସିତ ହୋଇ ଥିଲେ ସୁଦ୍ଧା ଜ୍ୱର ଛାଡୁ ନ ଥିବାର ଅଭିଯୋଗ।ସୂଚନାଯୋଗ୍ୟ, କୁଚେଇ ପଦରପଞ୍ଚାୟତଏବଂ ଡଙ୍ଗାସିଲ ପଞ୍ଚାୟତ ସଦରରେ ଗୋଟିଏ ଲେଖାଏଁ ପିଏଚସି ରହିଛି।କିନ୍ତୁ ଉକ୍ତ ପିଏଚସିରେ ଡାକ୍ତର ପଦବୀ ଖାଲି ପଡିଥିବାରୁ ଲୋକେ ଚିକିତ୍ସା ପାଇଁ ବେଆଇନ ଭାବେ ଚାଲୁ ଥିବା ଘରୋଇ କ୍ଲିନିକକୁ ଯିବା ପାଇଁ ବାଧ ହେଉ ଥିବାର କହିଛନ୍ତି।ଏହି ଘଟଣାରେ କାଶୀପୁର ସିଏଚସି ଇନ ଚାର୍ଜଡାକ୍ତର ନେତ୍ରାନନ୍ଦନାୟକ କହିଛନ୍ତି ଯେ,ଶିଶୁ ମୃତ୍ୟୁର ପ୍ରକୃତକାରଣ ଜଣା ପଡ଼ି ନ ଥିଲେ ସୁଦ୍ଧା ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।

ଗ୍ରାମରେ ଥିବା ଅନ୍ୟ ପୀଡ଼ିତଙ୍କଚିକିତ୍ସା ପାଇଁ ହେଲଥ ଟିମ ପଠା ଯାଇଛି ବୋଲି କହିଛନ୍ତି ।ଶିଶୁ ମୃତ୍ୟୁ ଘଟଣାର ଉପଯୁକ୍ତ ତଦନ୍ତ କରିବା ସହିତ ପୀଡିତଙ୍କ ଉପଯୁକ୍ତଚିକିତ୍ସା ବ୍ୟବସ୍ଥା କରାଯିବା ପାଇଁ ଦାବୀ ହେଉଛି।

# ଅନିମା ପରିଡା ହେଲେ ଗଞ୍ଜାମ ଜିଲ୍ଲା ଯୁବମୋର୍ଚାମହିଳା ଜନତା ଦଳ କାର୍ଯ୍ୟକାରୀ ସଭାପତି

ଆସିକା,୨୩।୮(ଆନିସ): ବହୁ ପ୍ରତୀକ୍ଷର ଅନ୍ତ ଘଟାଇ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଗଞ୍ଜାମ ଜିଲ୍ଲା ଯୁବମୋର୍ଚ୍ଚା ମହିଳା ଜନତା ଦଳ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ହୋଇଛନ୍ତି ଆସିକା ବ୍ଲକ ଜୋନ ନମ୍ବର ୨ ଜିଲ୍ଲା ପରିଷଦ ସଭ୍ୟା ଅନିମ ପରିଡା। ଅନେକଙ୍କ ନାମ ଆଶାଇ ତାଲିକାରେ ଥିବା ନେଇ ଚର୍ଚ୍ଚା ଜୋରଧରି ଥିବା ବେଳେ ପୂର୍ବତନ ଆସିକା ବ୍ଲକ ଅଧକ୍ଷ ସୂର୍ଯ୍ୟକାନ୍ତ ପରିଡାଙ୍କ ଧର୍ମପତ୍ନୀ ଅନିମା ପରିଡା ଙ୍କୁ ଏହି ଗୁରୁଦାୟିତ୍ୱ ଦେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଅନିମା ବିଜେଡି ର ଜଣେ ସକ୍ରିୟ ସଦସ୍ୟା ହୋଇଥିବା ବେଳେ ନିଜର ସାଂଗଠନିକ ଦକ୍ଷତାକୁ ପ୍ରତିପାଦନ କରି ପାରିଛନ୍ତି ।ସେ ଜଣେ ସମାଜ ସେବୀ କର୍ତ୍ତବ୍ୟନିଷ୍ଠ ସାଙ୍ଗକୁ ଆଗଧାଡ଼ିର ବିଜେଡି ନେତ୍ରୀ ଭାବରେ ସେ ବେଶ ଜଣାଶୁଣା ।ଏହି ଖବର ପ୍ରଚାରିତ ହେବା ପରେ ପୂର୍ବତନ ବିଧାୟିକା ମଞ୍ଜୁଳାସ୍ୱାଇଁ, ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ,ଆସିକା ବ୍ଲକ ସଭାପତି ବିଦ୍ୟାନ୍ତ ଚର୍ଚ୍ଚି, ଆସିକା ନଗର ସଭାପତି ଏମ. ତାରିଣୀ ସେନାପତି, ଏମ.ରଶ୍ମିତା ସେନାପତି, ଜିଲ୍ଲା ପରିଷଦ ବି. ମନୋଜ କୁମାର ଦୋରା,ଗଞ୍ଜାମ ଜୋନ ଯୁବ ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ କୁମାର ପାଣିଗ୍ରାହୀ, ସରପଞ୍ଚ ସଙ୍ଘ ସଭାପତି ଭବାନୀ ଶଙ୍କର ମଲ୍ଲିକ, ପୂର୍ବତନ ବ୍ଲକ ଅଧକ୍ଷ ହରେକୃଷ୍ଣ ମଲ୍ଲିକ, ପୂର୍ବତନ ସରପଞ୍ଚ ନାଗାର୍ଜୁନ ବିଷୋୟୀ, ଚଢିୟାପଲ୍ଲୀ ସରପଞ୍ଚ ଜୟସେନ ସ୍ୱାଇଁ, ରବୀନ୍ଦ୍ର ସାହୁ, ବିଜୟ କୁମାରୀ ଦଳେଇ, ଗୌରହରୀ ବେହେରା, ସନ୍ତୋଷ ନାୟକ ମଙ୍ଗଳପୁର ସରପଞ୍ଚ ଦେବରାଜ ନାୟକ, ମୁନା ବାରିକ ଆସିକା ମୁନ୍ସିପାଲଟି କାଉନସିଲର ନିଗମନନ୍ଦ ରାଉତ, ନିରଞ୍ଜନ ଜେନା ସମେତ ସମସ୍ତ ଯୁବ, ଛାତ୍ର ମହିଳା ବିଜୁ ଜନତା ଦଳ ପକ୍ଷରୁ ତଥା ଜିଲ୍ଲା ବିଜେଡି ପକ୍ଷରୁ ଅନିମା ଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାକୁ ଲାଗିଛି।

# ଘୁ.ଉଦୟଗିରି ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଭାବେ ଲିଲିମା ଏବଂ ନଗର ସଭାନେତ୍ରୀ ଭାବେ ଦ୍ୱିତୀୟ ଥର ପାଇଁ କୃତାଞ୍ଜଳୀଙ୍କ ନାମ ଘୋଷଣା

ଘୁ.ଉଦୟଗିରି,୨୩।୮(ଆନିସ): ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନିଷ୍ପତ୍ତି କ୍ରମେ କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ଭାବେ ଲିଲିମା ପ୍ରଧାନଙ୍କ ନାମ ଘୋଷଣା ହୋଇଛି ଏବଂ ନଗର ମହିଳା ସଭାନେତ୍ରୀ ଭାବେ ଦ୍ୱିତୀୟ ଥର ପାଇଁ କୃତାଞ୍ଜଳୀ ନାୟକଙ୍କ ନାମ ଘୋଷଣା କରାଯାଇଛି । ଏହା ପୂର୍ବରୁ ନଗର ସଭାନେତ୍ରୀ ଭାବେ କୃତାଞ୍ଜଳୀ ନାୟକ ଦାୟିତ୍ୱ ତୁଲାଇ ଆସୁଥିଲେ । ଯାହାକୁ ନେଇ ଘୁ.ଉଦୟଗିରି ବ୍ଲକ ଏବଂ ନଗରର ବିଜେଡି କର୍ମ କର୍ତ୍ତା ଖୁସୀ ପ୍ରକଟ କରିଛନ୍ତି । ଉଭୟଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣେଇଛନ୍ତି ଦଳୀୟ କର୍ମକର୍ତ୍ତା । ଏହି ଖୁସୀ ଅବସରରେ ବ୍ଲକ ଓ ନଗର ସଭାନେତ୍ରୀ ଉଭୟଙ୍କ ଉପରେ ବିଜୁ ଜନତା ଦଳ ଆସ୍ଥା ,ବିଶ୍ୱାସ ଓ ଭରଷା ପ୍ରକଟ କରିଥିବାରୁ ରାଜ୍ୟ ବିଜେଡି ସଭାପତି ତଥା ପ୍ରିୟ ନେତା ନବୀନ ପଟ୍ଟନାୟକ,ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହଙ୍ଗିନୀ ଛୁରିଆ, କନ୍ଧମାଳ ଜିଲ୍ଲା ସଭାପତି ପଦ୍ମନାଭ ବେହେରା , ପୂର୍ବତନ ଉପ–ବାଚସ୍ପତି ସାଲୁଗା ପ୍ରଧାନ, କନ୍ଧମାଳ ଜିଲ୍ଲା ସଭାନେତ୍ରୀ ପୁନମ କହଁରଙ୍କ ସମେତ ଘୁ.ଉଦୟଗିରି ଅଞ୍ଚଳର ଭାଇ,ଭଉଣୀ , ମାଆ, ବାପା ମାନଙ୍କୁ ଅଶେଷ ଧନ୍ୟବାଦ ସହ କୃତଜ୍ଞତା ଜଣେଇବା ସହ ଅଞ୍ଚଳର ବିକାଶ ମୂଳ ଲକ୍ଷ ରହିବ ବୋଲି ମତବ୍ୟକ୍ତ କରିଛନ୍ତି ।

# ରାୟଗଡ଼ାରେ ବୈଦିକ ବାଲ ସଂସ୍କାର କେନ୍ଦ୍ର ଉଦ୍‌ଘାଟିତ



ରାୟଗଡ଼ା, ୨୩।୮(ଆନିସ): ଆଧୁନିକ ଶିକ୍ଷା ସହ ଶିଶୁମାନଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି, ପରମ୍ପରା, ନୈତିକ ମୂଲ୍ୟବୋଧ ଓ ଶୃଙ୍ଖଳାର ବିକାଶ ଉଦ୍ଦେଶ୍ୟରେ ରାୟଗଡ଼ା ସହରସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ଆର୍ଯ୍ୟ ସମାଜ ପକ୍ଷରୁ 'ବୈଦିକ ବାଲ ସଂସ୍କାର କେନ୍ଦ୍ର' ଆରମ୍ଭ ହୋଇଛି। ବୈଦିକ ଯଜ୍ଞ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା।

ଯୁବ ସମାଜସେବୀ ତଥା ସମାଜ ସଂସ୍କାରକ ବଳରାମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ୮ ବର୍ଷରୁ ଊର୍ଦ୍ଧ୍ୱ ଶିଶୁମାନେ ଯୋଗଦେଇପାରିବେ। ପ୍ରତି ରବିବାର ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଶିଶୁମାନଙ୍କୁ ବୈଦିକ ମନ୍ତ୍ର ଉଚ୍ଚାରଣ, ନୈତିକ ଶିକ୍ଷା, ଭଲ ଅଭ୍ୟାସ, ଶୃଙ୍ଖଳିତ ଜୀବନ ଓ ଭାରତୀୟ ସଂସ୍କୃତି ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯିବ। ଏଥିସହ ଶିଶୁମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ଓ ବ୍ୟକ୍ତିତ୍ୱର ସର୍ବାଙ୍ଗୀଣ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମକୁ ଆଧ୍ୟାତ୍ମିକ ଗୁରୁ କିଶୋର ଚନ୍ଦ୍ର ଜେନା ସଂଚାଳନ କରିଥିବା ବେଳେ ବୈଦିକ ପ୍ରଚାରକ ବାସୁଦେବ ହୋତା ଉପସ୍ଥିତ ଶିଶୁମାନଙ୍କୁ ଭଲ ନାଗରିକ ଓ ସମାଜ ସଂସ୍କାରକ ଭାବେ ଗଢ଼ିଉଠିବାକୁ ଆହ୍ୱାନ ଦେଇଥିଲେ। ପାଠପଢ଼ା ସହ ଭାରତୀୟ ସଂସ୍କୃତି, ପରମ୍ପରା ଓ ଜୀବନର ମୂଲ୍ୟବୋଧ ସମ୍ପର୍କରେ ଜ୍ଞାନ ଆହରଣ କରି ଦେଶର ସମ୍ମାନ ରକ୍ଷା ପାଇଁ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଗାୟତ୍ରୀ ମନ୍ଦିର ପରିଚାଳନା କମିଟିର ସଭାପତି ସୁଧୀର କୁମାର ମିଶ୍ର, ସବିତା ତ୍ରିପାଠୀ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ତ୍ରିନାଥ ମହାରଣା, ପ୍ରସାଦ କାମ୍ଭା, ଯୋଗଗୁରୁ ସ୍ୱାଧୀନା ପଣ୍ଡାଙ୍କ ସମେତ ବୈଦିକ ପରିବାରର ବହୁ ସଦସ୍ୟ ଉପସ୍ଥିତ ଥିଲେ। ରାୟଗଡ଼ା ଗାୟତ୍ରୀ ପରିବାରର ସହଯୋଗରେ ଏହି ବୈଦିକ ବାଲ ସଂସ୍କାର କେନ୍ଦ୍ର ଆରମ୍ଭ ହୋଇଛି।

# ପୋଲିସ ଦ୍ୱାରା ୧୬୨ କେଜି ଗଂଜେଇ ଜବତ ସହ କୋର୍ଟ ଚାଲାଣ



ନର୍ଲା,୨୩/୮(ଆନିସ)୧୬୨ କେଜି ଗଂଜେଇ ସହିତ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ମଦନପୁର ରାମପୁର ପୋଲିସ।

ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ବ୍ଲକର ୭୦ ଭାଗ ଅଞ୍ଚଳ ଘଞ୍ଚ ଜଙ୍ଗଲ ଓ ଏହା କନ୍ଧମାଳ ଜିଲ୍ଲାର ଘଞ୍ଚ ଜଙ୍ଗଲ ପର୍ଯ୍ୟନ୍ତ ଲମ୍ବି ରହିଛି।ଏହି ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ଚାଷୀ ଅଧିକ ଅର୍ଥ ଲୋଭରେ ଧାନ ଚାଷ ବଦଳରେ ଗଂଜେଇ ଚାଷ କରିଥାନ୍ତି। ଫଳରେ ରାମପୁର ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଂଜେଇ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି।ପ୍ରତି ସପ୍ତାହରେ ଥରେ ଦୁଇ ଥର ଉକ୍ତ ଅଞ୍ଚଳରୁ ଗଂଜେଇ ଜବତ ହୋଇଥାଏ।ଏପରିକି ଉକ୍ତ ଅଞ୍ଚଳର କାର୍ଯ୍ୟରତ ଶିକ୍ଷକ ମାନେ ମଧ୍ୟ ଗଂଜେଇ ଚାଲାଣ ବେଳେ ଧରାପଡ଼ିଥିବା ଭଳି ଘଟଣା ଘଟୁଥିବା ବେଳେ ଶନିବାର ସକାଳୁ ମଦନପୁର ରାମପୁର ପୋଲିସ ଓ ଅବକାରୀ ବିଭାଗ ହାବୁଡ଼ରେ ଆଉ ଦୁଇଜଣ ଗଞ୍ଜେଇ ମାଫିଆ ଧରାପଡିଛନ୍ତି।୫୯ ନମ୍ବର ଜାତୀୟ ରାଜପଥର ରଜାମୁଣ୍ଡା ଠାରେ ପୁଣି ଏକ ଗଂଜେଇ ଭର୍ତ୍ତି କାର ସହିତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ରାମପୁର ପୋଲିସ । ଗିରଫ ଦୁଇଜଣ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳର ୨୬ ବର୍ଷୀୟ ବାପି ପଧାନ ହୋଇଥିବା ବେଳେ ଅନ୍ୟ ଜଣେ ନାଁ ବାଳକ ବୋଲି ଜଣାପଡିଛି। ସେମାନେ ଛତିଶଗଡ ଅଞ୍ଚଳକୁ ଉକ୍ତ ଗଂଜେଇ ଚାଲାଣ କରୁଥିବା କଥା ସ୍ୱୀକାର କରିଛନ୍ତି। ଏ ନେଇ ରାମପୁର ପୋଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦିଆଯାଇଛି।

# ଲଘୁଚାପ ପ୍ରଭାବରେ କୋରାପୁଟରେ ଲଗାଣ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

ଜୟପୁର,୨୩।୮(ଆନିସ): ଲଘୁଚାପ ପ୍ରଭାବରେ କୋରାପୁଟ ଜିଲ୍ଲାରେ କିଛି ଦିନ ହେବ ଲଗାଣ ବର୍ଷା ଜାରି ରହିଛି। ଲଗାଣ ବର୍ଷା ଯୋଗୁଁ ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।ଜିଲ୍ଲାର ୧୪ ଟି ବ୍ଲକ ମଧ୍ୟରୁ ସେମିଳିଗୁଡ଼ାରେ ସର୍ବାଧିକ ୧୪୪.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ଦଶମନ୍ତପୁରରେ ୯୫ ମିଲିମିଟର, ବୋରିଗୁମ୍ମାରେ ୮୬.୪ କୋଟପାଡ଼ରେ ୭୭ ଜୟପୁରରେ ୭୬.୮ କୋରାପୁଟରେ ୭୧.୮ ଏବଂ ଲକ୍ଷ୍ମୀପୁରରେ ୬୭.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଜିଲ୍ଲାରେ ସମୁଦାୟ ୯୬୮.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ହାରାହାରି ବର୍ଷା ପରିମାଣ ୬୯.୧୬ ମିଲିମିଟର ରହିଛି। ଲଗାଣ ବର୍ଷା ଚାଷୀଙ୍କ ପାଇଁ ଗୋଟେ ପଟେ ଆଶ୍ୱସ୍ତି ଆଣିଥିବା ବେଳେ ଅନ୍ୟପଟେ ଦିନ ମଜୁରିଆ ଓ ରାସ୍ତାକଡ଼ରେ ଉଠା ଦୋକାନ କରି ଜୀବିକା ନିର୍ବାହ କରୁଥିବା ବ୍ୟବସାୟୀଙ୍କ ସମସ୍ୟା ବଢ଼ିଛି। ବର୍ଷା ଯୋଗୁଁ ଦୋକାନ ବଜାରରେ ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଛି।ଆଗକୁ ମଧ୍ୟ ବର୍ଷା ଜାରି ରହିଲେ ସାଧାରଣ ଜନଜୀବନ ଆହୁରି ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

# ଶ୍ରାବଣ ମାସର ଶେଷ ସୋମବାର ପାଇଁ କାଉଡି ଯାତ୍ରା, ଘୁ.ଉଦୟଗିରି ରୁ ବାହାରିଲେ ଚକାପାଦ



ଘୁ.ଉଦୟଗିରି,୨୩।୮(ଆନିସ): ଘୁ.ଉଦୟଗିରି ରୁ ମନ୍ଦିର କଳାକୃତି ମେଢ଼ ଧରି ଶୋଭାଯାତ୍ରା ବାହାର କରି ଚକାପାଦ ବାହାରିଛନ୍ତି କାଉଡିଆ ଦଳ। ଚକାପାଦ ବିରୁପାକ୍ଷଙ୍କ ଠାରେ କରିବେ ଜଳଲାଗି। ଚକାପାଦ ବିରୁପାକ୍ଷ ମନ୍ଦିର କଳାକୃତି କରିବା ସହିତ ମହାଦେବ ଶିବ ବେଶରେ ବାହାରି ସହର କରିକ୍ରମା କରିଥିଲେ। ବୋଲବମ ହର ହର ବମ ନାରା ଦେଇ ସହର ପରିକ୍ରମା କରି ଶନିବାର ଚକାପାଦ ଅଭିମୁଖେ ବାହାରି ଥିବା ଦେଖିବାକୁ ମିଳିଛି। ସୋମବାର ଦିନ ବିରୁପାକ୍ଷଙ୍କ ନିକଟରେ କରିବେ ଜଳ ଲାଗି।

# କୋଠଘରେ ଚୋରା ମଦ ଓ ଦେଶୀ ବନ୍ଧୁକ ଜବତ ଘଟଣାକୁ ନେଇ ବିଜେଡିର ନିନ୍ଦା

ପାତ୍ରପୁର,୨୩।୮(ଆନିସ): ଚିକିଟୀ ଅଞ୍ଚଳରେ ବେଆଇନ ମଦ ଓ ଅସ୍ତ୍ର କାରବାର ଅଭିଯୋଗକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ଜରଡା ଥାନା ଅନ୍ତର୍ଗତ ବୁରାତାଲ ପଞ୍ଚାୟତର ଗୁରୁଡ଼ା (କୁମ୍ଭାରଢିଅ) ଗାଁରେ ଚଢ଼ାଉ ବେଳେ ଏକ ସରକାରୀ ଅନୁଦାନ ପ୍ରାପ୍ତ କୋଠଘର ଓ ଜଙ୍ଗଲ ଭିତରେ ଆନ୍ଧ୍ର , ଓଡ଼ିଶା ପୋଲିସ ଓ ଅବକାରୀ ବିଭାଗ ଦ୍ୱାରା ୧୩,୭୦୦ ଲିଟର ପୋଚ, ୧,୪୦୦ ଲିଟର ଚୋରା ଦେଶୀ ରନ୍ଧା ମଦ ନଷ୍ଟ କରାଯାଇଥିବା ବେଳେ ଘଟଣାସ୍ଥଳରୁ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିବା ଘଟଣାକୁ ନେଇ ଚିକିଟୀ ବିଜେଡି ପକ୍ଷରୁ ରବିବାର ଜରଡା ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ଅନୁଷ୍ଠିତ ସମ୍ମିଳନୀରେ ଚିକିଟୀ ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୀମାନ୍ତ ଅଞ୍ଚଳରୁ ବ୍ୟାପକ ଚୋରା ମଦ ପଡୋଶୀ ରାଜ୍ୟ ଆନ୍ଧ୍ର ଯାଉଥିବା ବେଳେ ଆନ୍ଧ୍ର ପୋଲିସ ଚାପରେ ଏହି ମଦ ଧରପଗଡ କରାଯାଇଥିବା ନେଇ ଶ୍ରୀରୁପ ଅଭିଯୋଗ କରିଛନ୍ତି। ତମ୍ଭା ଫାଣ୍ଡିରୁ ତିନି କିମି ଦୂର ଓ ଜରଡା ଥାନାରୁ ୧୩ କିମି ଦୂରରେ ଥିବା କୁମ୍ଭାରଢିଅ ଗ୍ରାମର ରାସ୍ତା ପାର୍ଶ୍ୱରେ ଥିବା ଏକ ସରକାରୀ ଅନୁଦାନ ପ୍ରାପ୍ତ କୋଠଘରେ ଏତେ ପରିମାଣର ପୋଚ ଓ ମଦ ରହିଥିବା ପୋଲିସ କିପରି ଜାଣିପାରୁ ନଥିଲା ବୋଲି ପ୍ରଶ୍ନ କରିଛନ୍ତି। ଦେଶି ବନ୍ଧୁକ ଜବତ ଘଟଣାରେ ଗତକାଲି ପୋଲିସ ବୁରାତାଲ ପଞ୍ଚାୟତ ସରପଞ୍ଚଙ୍କ ପରିବାରର ମୁଖ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ହଜାର ହଜାର ଲିଟର ମଦ ପ୍ରସ୍ତୁତି କେବଳ ଜଣେ କରିଛନ୍ତି କି ? ଏପରି ବେଆଇନ ମଦଁ ପ୍ରସ୍ତୁତି ଓ ପାଣି ବୋତଲରେ ମଦ ଚୋରା ଚଲାଣ କେବଳ ଚଢ଼ାଉ ଦିନ ହୋଇଥିଲା ନାଁ ଆଗରୁ ଏହି କାରବାର ଚାଲିଥିଲା। ପୋଲିସ କିପରି ଜାଣିପାରୁ ନଥିଲା। ଏହି ଘଟଣା ପଛରେ ଥିବା ସମସ୍ତ ଅଭିଯୁକ୍ତ ଓ ମୁଖ୍ୟ ଆସାମୀ ମାନଙ୍କୁ ଆଇନ ଅନୁଯାୟୀ ଚିହ୍ନଟ କରି ଗିରଫ କରିବାକୁ ଦଳ ଦାବି କରିଛି। ଅନ୍ୟପକ୍ଷରେ ଘଟଣାରେ କୌଣସି ରାଜନୈତିକ ହସ୍ତକ୍ଷେପ ରହିଛି କି ନାହିଁ, ତାହାର ନିରପେକ୍ଷ ତଦନ୍ତ ପାଇଁ ମଧ୍ୟ ଦାବି ହୋଇଛି। ଏଥି ସହିତ ସ୍ଥାନୀୟ ବିଧାୟକ ଓ ଶାସକ ଦଳ କାହିଁକି ଚୁପ ବସିଛନ୍ତି। କେବଳ ଚିକିଟୀ ମଦ ମୃତ୍ୟୁ ଘଟଣାକୁ ଘଣ୍ଟ ଗୁଡାଇବା ପାଇଁ ଅବକାରୀ ଓ ପୋଲିସ ପକ୍ଷରୁ ବର୍ଷକୁ ଥରେ ଏପରି ଉପାନ୍ତ ଅଞ୍ଚଳରେ ଚଢ଼ାଉ କରି ବାହାବାହା ନେଉଛନ୍ତି ବୋଲି କହିଛନ୍ତି। ଏତେ ବଡ଼ ଅପରାଧୀକ ଘଟଣା ପରେ ମଧ୍ୟ ବିଧାୟକ ଚୁପ କାହିଁକି ? ଏହି କାରବାରରେ ବିଧାୟକଙ୍କ ପରୋକ୍ଷ ସଂପୃକ୍ତି କିମ୍ବା ଆଶୀର୍ବାଦ ରହିଛି କି ? କେଉଁ ଉଦ୍ଦେଶ୍ୟରେ ଅନ୍ୟ ଆସାମି ମାନଙ୍କୁ ଗିରଫ କରିବାରେ ବିଳମ୍ବ ହେଉଛି ବୋଲି ଶ୍ରୀରୁପ ଦେଓ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଜନସାଧାରଣଙ୍କ ଟିକସ ପଇସାରେ କୋଠଘର ନିର୍ମାଣ ହୋଇଥିବା ବେଳେ ଉକ୍ତ କୋଠାଘରେ ବେଆଇନ ମଦ ଓ ମାରଣାସ୍ତ୍ର କିପରି ଗଛିତ ରଖାଯାଇଥିଲା। ଏହି ବିଷୟରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଗୋଷ୍ଠି ଉନ୍ନୟନ ଅଧିକାରୀ କିପରି ଜାଣି ପାରିଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ତେଣୁ ଗଞ୍ଜାମ ଜିଲ୍ଲାପାଳ ଓ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଏହି ବିଷୟରେ ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି।ଅଞ୍ଚଳରେ ବେଆଇନ ମଦ ତିଆରି ଓ ଅନ୍ୟ ରାଜ୍ୟକୁ ଚୋରାଚାଲାଣ ଅଭିଯୋଗରେ କଡ଼ା ଯାଞ୍ଚ କରିବା ସହ ନିୟମ ଉଲ୍ଲଂଘନ କରୁଥିବା ଚୋରା ମଦ ଦୋକାନ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦଳ ଦାବି କରିଛି। ସେହିପରି ଅଞ୍ଚଳରେ ମଦ ଓ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରଶାସନ ଅଧିକ କଠୋର ପଦକ୍ଷେପ ନେବା ଆବଶ୍ୟକ ବୋଲି ଚିକିଟୀ ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ ଆଜିର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

# ଦୁଇ ବର୍ଷ ଧରି ବନ୍ଧ କୋଠରୀରେ ମାନସିକ ରୋଗୀ: ଘରେ ପହଞ୍ଚିଲା ସ୍ୱାସ୍ଥ୍ୟସେବା ଟିମ୍



ବିଷମକଟକ, ୨୩।୮ (ଆନିସ): ମାନସିକ ରୋଗକୁ ନେଇ ରହିଥିବା ଅନ୍ଧବିଶ୍ୱାସ, ଭୟ ଓ ସାମାଜିକ କଳଙ୍କ ଯୋଗୁଁ ଦୀର୍ଘଦିନ ଧରି ଏକ କୋଠରୀ ଭିତରେ ସୀମିତ ହୋଇ ରହିଥିବା ଜଣେ ମହିଳାଙ୍କ ପାଖରେ ପହଞ୍ଚିଛି ସ୍ୱାସ୍ଥ୍ୟସେବା ଟିମ୍। ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଯୁଗାପଦର ଗ୍ରାମରେ ଘଟିଛି ଏଭଳି ଘଟଣା। ସ୍ୱାମୀଙ୍କ ମୃତ୍ୟୁ ପରେ ମହିଳାଜଣକ ମାନସିକ ଅସୁସ୍ଥତାର ଶିକାର ହୋଇ ପ୍ରାୟ ଦୁଇ ବର୍ଷ ଧରି ଏକ କୋଠରୀ ମଧ୍ୟରେ ରହୁଥିବା ଜଣାପଡ଼ିଛି।

ମହିଳାଙ୍କ ସମ୍ପର୍କରେ ସୂଚନା ପାଇବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ତାଙ୍କ ଘରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଟିମ୍‌ରେ ଡିଏଚ୍‌ଏଚ୍ ରାୟଗଡ଼ାର ମନୋରୋଗ ବିଶେଷଜ୍ଞ ଡା. ରାକେଶ ରଞ୍ଜନ ପାଢ଼ୀ, ବିଷମକଟକ ସିଏଚ୍‌ସି ଇନ୍‌ଚାର୍ଜ ଡା. ଏଚ୍.ବି. ଟୁଡୁ, ମନୋରୋଗ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର କଦମ୍ବାଳା ଓ ସ୍ଥାନୀୟ ସରପଞ୍ଚ ସାମିଲ ଥିଲେ।

ସ୍ୱାସ୍ଥ୍ୟ ଟିମ୍ ମହିଳା ଓ ତାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିଥିଲେ। ମହିଳାଙ୍କୁ ଆବଶ୍ୟକୀୟ ଔଷଧ ପ୍ରଦାନ କରାଯିବା ସହ ନିୟମିତ ଚିକିତ୍ସା ଓ ଔଷଧ ସେବନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରିବାରର ସହଯୋଗ ଓ ସ୍ନେହପୂର୍ଣ୍ଣ ପରିବେଶ ମାନସିକ ରୋଗୀଙ୍କ ସୁସ୍ଥତାରେ ଗୁରୁତ୍ୱପୂର୍ଣ୍ଣ ବୋଲି ଟିମ୍ ପରିବାର ସଦସ୍ୟଙ୍କୁ ବୁଝାଇଥିଲେ।

ମହିଳାଙ୍କୁ ଅଲଗା କରି ନରଖିବା, ତାଙ୍କ ପ୍ରତି ସହାନୁଭୂତିଶୀଳ ଆଚରଣ କରିବା ଏବଂ ଚିକିତ୍ସା ଓ ପୁନର୍ବାସନରେ ସହଯୋଗ କରିବାକୁ ପରିବାରକୁ ପରାମର୍ଶ ଦିଆଯାଇଥିଲା।

ମନୋରୋଗ ବିଶେଷଜ୍ଞ ଡା. ରାକେଶ ରଞ୍ଜନ ପାଢ଼ୀ କହିଥିଲେ, ମାନସିକ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ସମାଜରୁ ଦୂରେଇ ରଖିବା ପରିବର୍ତ୍ତେ ସମୟୋପଯୋଗୀ ଚିକିତ୍ସା, ନିୟମିତ ଔଷଧ ଓ ପରିବାରର ସହଯୋଗ ଆବଶ୍ୟକ। ଉପଯୁକ୍ତ ଚିକିତ୍ସା ଓ ସାମାଜିକ ସ୍ୱୀକୃତି ମିଳିଲେ ମାନସିକ ରୋଗୀମାନେ ମଧ୍ୟ ସୁସ୍ଥ ହୋଇ ସମ୍ମାନର ସହ ଜୀବନଯାପନ କରିପାରିବେ।

ଦୁର୍ଗମ ଓ ଅବହେଳିତ ଅଞ୍ଚଳରେ ମାନସିକ ସ୍ୱାସ୍ଥ୍ୟସେବା ପହଞ୍ଚାଇବାର ଆବଶ୍ୟକତା ଏହି ଘଟଣା ପୁଣିଥରେ ସାମ୍ନାକୁ ଆଣିଛି। ମାନସିକ ରୋଗୀଙ୍କୁ ଅବହେଳା କିମ୍ବା ଏକାକୀ କରି ରଖିବା ପରିବର୍ତ୍ତେ ଚିକିତ୍ସା, ସହାନୁଭୂତି ଓ ପରିବାରର ସହଯୋଗ ଯୋଗାଇଦେବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ଟିମ୍ ପକ୍ଷରୁ କୁହାଯାଇଛି।

# ଗୋଶାଳା ନଥିବାରୁ ଜାତୀୟ ରାଜପଥରେ ଗୋରୁ

## ବର୍ଷକରେ ପଖାପାଖି ୫୦ରୁ ଅଧିକ ଗୋରୁଙ୍କ ମୃତ୍ୟୁ, ବଢୁଛି ଦୁର୍ଘଟଣା



କାଲିମେଳା,୨୩।୮(ଆନିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ କାଲିମେଳା ପଞ୍ଚାୟତରେ ଗୋଶାଳା ବା କାଞ୍ଜିଆ ହୁଦା ନଥିବାରୁ ଛାଡା ଗୋରୁଙ୍କ ଆତଙ୍କ ବଢିଯାଇଛି । ଫଳରେ କାଲିମେଳା ମୁଖ୍ୟ ଜାତୀୟ ରାଜପଥ ଏବେ ଗୋରୁଙ୍କ ଦଖଲରେ ରହିଛି ଏବଂ ଦିନକୁ ଦିନ ଦୁର୍ଘଟଣା ବଢିବାରେ ଲାଗିଛି । ସୂଚନା ଅନୁସାରେ ଗତ ଏକ ବର୍ଷ ମଧ୍ୟରେ କାଲିମେଳା ଠାରୁ ମୋଟୁ ଜାତୀୟ ରାଜପଥରେ ଗୋରୁଙ୍କୁ ଧକ୍କା ମାରି ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇସାରିଲାଣି । ସେହିପରି ଗୋରୁ ସହ ଧକ୍କା ହୋଇ ଏହି ସମୟ ମଧ୍ୟରେ ବହୁ ମଟର ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି । ରାତି ହେଲେ ରାସ୍ତାର ମଝିରେ ଗୋରୁ ବସି ରହୁଥିବାରୁ ଗାଡି ଚାଳକମାନେ ହଠାତ୍ ଦେଖି ନପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ବିଶେଷ କରି ସନ୍ଧ୍ୟା ପରେ ଏବଂ କୁହୁଡି ସମୟରେ ପରିସ୍ଥିତି ଆହୁରି ସଙ୍ଗୀନ ହେଉଛି । ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, କାଲିମେଳା ପଞ୍ଚାୟତରେ ଗୋଶାଳା ନିର୍ମାଣ ପାଇଁ ବହୁ ଥର ଦାବି ହୋଇସାରିଛି । କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ଫଳରେ ଛାଡା ଗୋରୁଙ୍କ ସମସ୍ୟା ଦିନକୁ ଦିନ ବଢିଚାଲିଛି । ଯାତ୍ରୀମାନେ କହିଛନ୍ତି, ରାସ୍ତାରେ ଗୋରୁ ଥିବାରୁ ଆମେ ଭୟରେ ଗାଡି ଚଳାଉଛୁ । ପ୍ରଶାସନ ତୁରନ୍ତ ଗୋଶାଳା କରି ଛାଡା ଗୋରୁଙ୍କୁ ସେଠାରେ ରଖିବାର ବ୍ୟବସ୍ଥା କରୁ । ନଚେତ ଆଗାମୀ ଦିନରେ ଆହୁରି ବଡ ଦୁର୍ଘଟଣା ଘଟିପାରେ । ଏ ସମ୍ପର୍କରେ କାଲିମେଳା ପଞ୍ଚାୟତ ସରପଞ୍ଚ ପୃଥ୍ୱୀରାଜ ମାଝୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗୋଶାଳା ନିର୍ମାଣ ପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା ଜାରି ରହିଛି । ଜାଗା ଚିହ୍ନଟ ହୋଇଯିବା ମାତ୍ରେ ଅତିଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ।

# ସ୍ୱର୍ଗତ ଅଭିଜିତ ପୂଜାହାରୀ ସ୍ମୃତି ଉଦ୍ଦେଶ୍ୟରେ ମାଗଣା ମହିଳା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବିନିକା/ଜାମଛାପର, ୨୩।୮ (ଆନିସ ): ବିନିକା ସହର ୫ ୱାଡ଼ ନୂଆଁବଜାର ସ୍ଥିତ ରାଜ୍ୟ ସ୍ତରିୟ ଅଭିଜିତ ପୂଜାହାରୀସ୍ମୃତି କମିଟି କାଯ୍ୟାଳୟ ପରିସରରେ ରାଜ୍ୟ ସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି ଆନୁକୁଲ୍ୟରେ ମହିଳା ମାନଙ୍କ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି ପ୍ରାରମ୍ଭରେ ଯୁବ ଅଭିନେତା ,କଳାକାର,ସଂଗୀତଜ୍ଞ ତଥା ବିନିକା ମାଟିର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ଅଭିଜିତ ପୂଜାହାରୀଙ୍କ ଫଟୋଚିତ୍ରରେ ପ୍ରଫେସର ଡ଼ା.ବେଣୁଧର ପାଣ୍ଡେ ଙ୍କ ସହ ମହିଳାମାନେ ପୁଷ୍ପ ଅର୍ପଣ କରିବା ସହ ଅମର ଆତ୍ମାର ସଦଗତି ପାଇଁ ଭଗବାନଙ୍କ ଠାରେ ପ୍ରର୍ଥନା କରିଥିଲେ ଶିବିରକୁ ବିନିକା ମାଟିର ସୁଯୋଗ୍ୟ ସନ୍ତାନ ତଥା ଭିମସାର ବୁଲ୍ଲା ପ୍ରସୂତି ଓ ସ୍ତ୍ରୀ ବିଭାଗ ପ୍ରଫେସର ଡ଼ା ବେଣୁଧର ପାଣ୍ଡେ ଯୋଗଦେଇ ବିଭିନ୍ନ ଜିଲ୍ଲାର ଆସିଥିବା ମୋଟ ୯୬ ଜଣ ମହିଳାଙ୍କୁ ଚିକିତ୍ସା କରାଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି ସଭାପତି ଇଂ ଅର୍ଚ୍ଚନା ପୂଜାହାରୀ , କାର୍ଯ୍ୟକାରୀ ସଭାପତି ବାଳଗୋପାଳ ପଣ୍ଡା ,ସମ୍ପାଦକ ପ୍ରିୟରଞ୍ଜନ ହୋତା, ଉପସଭାପତି ସୁବ୍ରତ ପତି ,ଏଲଟି ଅନନ୍ତରାମ ଷାଣ୍ଡ, କମିଟି ଲିଗାଲ ଏଡ଼ଭାଇଜର ତଥା ବିନିକା ଜେଏମଏଫସି କୋଟର ସରକାରୀ ଓକିଲ ବୃନ୍ଦାବନ ମିଶ୍ର, ଓକିଲ ବିରେନ୍ଦ୍ର ପୋଡ଼, ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ପ୍ରମୋଦ କୁମାର ପଣ୍ଡା , ସୌମିତ୍ରି ପତି,ଭୁବନେଶ୍ବର ସାହୁ ,ଭୁବନେଶ୍ବର ପଧାନ,କଳ୍ପନା ପଧାନ, ଅଶୋକ କୁମାର ପାଣ୍ଡେ,ସିତାରାମ ଦାସ ,ସରୋଜ ମିଶ୍ର ,ଶେଷଦେବ ମଣ୍ଡଳ ,ହୃଷିକେଶ ଗୁରୁ, କାଉନସିଲର ବିଜୟ ନାରାୟଣ ବରାଇ , ହରିସ ମହାପାତ୍ର ,ବାନା ଭୋଇ,ଦୁତ ହରିପାଲ ,ରାଜେନ୍ଦ୍ର ହରିପାଲ, ବୈଶାଖୁ ପାତ୍ର ରାଜ୍ୟ ସ୍ତରୀୟ ଅଭିଜିତ ପୂଜାହାରୀ ସାହିତ୍ୟ ସଂସଦ ସଭାପତି ଗୀତାଞ୍ଜଳି ପୂଜାହାରୀ , ଙ୍କ ସମେତ ସ୍ମୃତି କମିଟି ଓ ସାହିତ୍ୟ ସଂସଦ କର୍ମକର୍ତ୍ତା ବୃନ୍ଦ ଓ ଅଞ୍ଚଳର ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

# ଲୁଟେରା ଖଣି ଆଇନ ପ୍ରତ୍ୟାହାର ପାଇଁ ଇଣ୍ଡିମେଣ୍ଟ ବୈଠକରୁ ସଂଗ୍ରାମର ଆହ୍ୱାନ

ନୟାଗଡ, ୨୩/୮(ଆନିସ): ସର୍ବଭାରତୀୟ ଇଣ୍ଡିମେଣ୍ଟ ନେତୃତ୍ୱ ଆହ୍ୱାନ କ୍ରମେ କେନ୍ଦ୍ର ସରକାରଙ୍କ ଖଣିଲୁଟିଆ ଏମଏମଡିଆର ସଂଶୋଧିତ ଆଇନ ପ୍ରତ୍ୟାହାର ଦାବିରେ ନୟାଗଡ଼ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଡିସିସି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ସେଠାରେ ସମଭାବାପନ୍ନ ଦଳ କମ୍ୟୁନିଷ୍ଟ,କଂଗ୍ରେସ, ସି.ପି.ଆଇ.(ଏମ୍), ସି.ପି.ଆଇ., ସି.ପି.ଏମ୍.ଏଲ୍., ସମାଜବାଦୀ ଦଳର ନେତୃବୃନ୍ଦ ପ୍ରତିନିଧି ହିସାବରେ ଏକତ୍ର ହୋଇ ଆନ୍ଦୋଳନର ଖସଡ଼ା ପ୍ରସ୍ତୁତ କରିଛନ୍ତି ।

କେନ୍ଦ୍ର ସରକାରଙ୍କ ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଘଂନ କରି ତଥା ରାଜ୍ୟ ମାନଙ୍କର କ୍ଷମତା ସଂକୁଚିତ କରି ଆର୍ଥିକ ଭାବରେ ଦୁର୍ବଳ କରିବା ସହିତ କେନ୍ଦ୍ରର କ୍ଷମତାକୁ କେନ୍ଦ୍ରୀକୃତ କରିବା ଉଦ୍ଦେଶ୍ୟରେ ଏମ.ଏମ.ଡି.ଆର୍ ଆଇନ ସଂଶୋଧନ କରାଇ ପାରିତ କରିଛନ୍ତି, ତାହା ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଜନବିରୋଧୀ ବୋଲି ବୈଠକରେ ନେତୃମାନେ ପ୍ରକାଶ




କରିଥିଲେ । ରାଜ୍ୟର ୨୦ ନିର୍ବାଚିତ ବିଜେପି ସାଂସଦ ସାଢେ ଚାରିକୋଟି ଓଡ଼ିଆ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଃସର୍ତ୍ତ ଆତ୍ମସମର୍ପଣ କରି ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନବାଚୀ ଶୀର୍ଷକ ବ୍ୟାପକ ଆଲୋଚନା କରାଯାଇ ବ୍ୟାପକ ପ୍ରଚାର କାର୍ଯ୍ୟକ୍ରମ ସହିତ ଆସନ୍ତା ୨୫ ଅଗଷ୍ଟ ମଙ୍ଗଳବାର ଦିନ ନୟାଗଡ଼ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଦାବିପତ୍ର ଦେବାପାଇଁ ସେଠାରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆଗାମୀ ଦିନର ଜୋରଦାର ସଂଗ୍ରାମର ପ୍ରାରମ୍ଭିକ ପଦକ୍ଷେପ ଏହି ବୈଠକରେ ଖସଡ଼ା ପ୍ରସ୍ତୁତ କରାଯାଇଛି । ଉକ୍ତ ଆଲୋଚନାରେ ସିଁ.ପି.ଆଇ.ଏମ. ର କେନ୍ଦ୍ର ବିଶ୍ୱନାଥ ମହାପାତ୍ର, ନିତ୍ୟାନନ୍ଦ ପରିଡା, ସରୋଜ ନାୟକ, ପବିତ୍ର ଇନ୍ଦ୍ରଜିତ, ସି.ପି.ଆଇ. ଭୁବନାନନ୍ଦ ହାତୀ, ସି.ପି.ଏମ.ଏଲ. ର ଗୋପିନାଥ ଜେନା, ସମାଜବାଦୀ ପାର୍ଟିର ଉଲ୍ଲାସ ବାରିକ, କଂଗ୍ରେସର ବରିଷ୍ଠ ନେତା ଡିସିସି ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ବିଭୂପ୍ରସାଦ ମିଶ୍ର, ଆଇନଜୀବୀ ପୀତବାସ ଖୁଣ୍ଟିଆ, ଫକୀର ଚରଣ ମଲ୍ଲ, ପୂର୍ଣ୍ଣଚନ୍ଦ୍ର ସାନ୍ତ, ଛାତ୍ରକଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ହାସୀମ ଖାଁ ପ୍ରମୁଖ ବିଜେପି ସରକାରଙ୍କ ଓଡ଼ିଆ ଅସ୍ମିତା ବିରୋଧୀ ନୀତିର କଟୁ ସମାଲୋଚନା କରି ଓଡ଼ିଶା ସ୍ୱାର୍ଥ ବିରୋଧି ସଂଶୋଧିତ ଖଣି ଆଇନ ପ୍ରତ୍ୟାହାର ନହେଲେ ଓଡ଼ିଶା ବନ୍ଦ କରାଯିବ ବୋଲି ଆହ୍ୱାନ ଦେଇଥିଲେ ।

## ▶ ଓଡ଼ଗାଁ ବ୍ଲକ

# ତିନି ମାସ ବିତିଲା ହିତାଧିକାରୀଙ୍କୁ ମିଳିଲାନି ଭତ୍ତା

**୧୫ଶହ ଆବେଦନକାରୀ ନୂଆ ଭତ୍ତା ପାଇଁ ଆବେଦନ କରିଛନ୍ତି**

ଓଡ଼ଗାଁ ୨୩/୦୮(ଆନିସ): : ନୟାଗଡ଼ ଜିଲ୍ଲାର ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବ୍ଲକ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଜରିଆରେ ପ୍ରାୟ ଅର୍ଦ୍ଧାଧିକ ହିତାଧିକାରୀଙ୍କୁ ୩ ମାସ ହେଲା ଭତ୍ତା ମିଳିନଥିବାରୁ କିଏ ପଞ୍ଚାୟତ କାର୍ଯ୍ୟାଳୟକୁତ ଅନ୍ୟ କେହି ଜମା ଖାତା ଧରି ବ୍ୟାଙ୍କ ଯାଉଛନ୍ତି ଭତ୍ତା ଟଙ୍କା ଆଣିବା ପାଇଁ। କିନ୍ତୁ ସେମାନଙ୍କୁ ବାରମ୍ବାର ନିରାଶ ହୋଇ ଖାଲି ହାତରେ ଫେରିବାକୁ ପଡ଼ୁଛି। ସ୍ୱାମୀ ହେଉ ବା ସ୍ତ୍ରୀ ଜଣେ ଗଲେ ଅନ୍ୟ ଜଣେ ଅପେକ୍ଷା କରୁଛନ୍ତି ଫେରିବା ବାଟକୁ। ଭତ୍ତା ଟଙ୍କା ମିଳିଲେ ଅନ୍ତତଃ ଦିନେ ଦୁଇ ଦିନ ଟିକେ ଭଲ ଆହାର ଖାଇବାକୁ ମିଳିବା।ଔଷଧ କିଣି ଆଣିଲେ ଜର ଛାଡ଼ିବା।ଯଦି ମାସିକ ୫୦ ହଜାରରୁ ଉର୍ଦ୍ଧ୍ୱ ବେତନ ଭୋଗୀକୁ ମାସ ଶେଷରେ ଦରମା ନମିଳିଲେ ସେ




ପାଗଳ ହୋଇଯାଏ, ତେବେ ଯିଏ ହଜାରେ ଟଙ୍କା ପାଇଁ ମାସ ଶେଷକୁ ଅପେକ୍ଷା କରେ ତାର ଅବସ୍ଥା କଅଣ ହେବା ସାମାଜିକ ଦାୟିତ୍ୱ ବହନ କରିବା ନିମନ୍ତେ ନାଗରିକ ମାନଙ୍କର ସୁରକ୍ଷା ଯଦି ସରକାରଙ୍କ ଦାୟିତ୍ୱ ତେବେ ବୃଦ୍ଧ, ବୃଦ୍ଧା, ବିଧବା ଭିନ୍ନକ୍ଷମ ମାନଙ୍କୁ ନିୟମିତ ଭତ୍ତା ପ୍ରଦାନ କରନ୍ତୁ। ଏବଂ ବର୍ତ୍ତମାନ ଓଡ଼ଗାଁ ବ୍ଲକର ୧୫ ଶହ ଆବେଦନକାରୀଙ୍କୁ ନୂତନ ଭତ୍ତା ପ୍ରଦାନ ନିମନ୍ତେ ବିହୀତ କାର୍ଯ୍ୟାନୁଷ୍ଠାନ କରାଯାଉ।

# ଚାଷୀଙ୍କୁ ଭସାଇ ନେଲା ବନ୍ୟାଜଳ

ଚନ୍ଦାହାଣ୍ଡି, ୨୩।୮: ଦୁଇ ଦିନ ହେବ ନବରଂଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍?ରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ଜଳ ସ୍ତର ବୃଦ୍ଧି ପାଇଛି। ଚନ୍ଦାହାଣ୍ଡି ଦେଇ ପ୍ରବାହିତ ମୁଖ୍ୟ ନଦୀ ଯଥା ଭଣ୍ଡାର ନଦୀ, ତେଲ ନଦୀ, ବୋରେହି ନଦୀ, କୁକୁର ଜୋ଼, ସୁଖା ନଦୀରେ ବନ୍ୟା ଯୋଗୁଁ ଜଳସ୍ତର ବୃଦ୍ଧି ପାଇଛି।

ବିଗତ ଦଶ ବର୍ଷ ମଧ୍ୟରେ ଏଭଳି ନଦୀ ଗୁଡ଼ିକରେ ଜଳସ୍ତର ବଢ଼ି ନ ଥିବାବେଳେ ଚଳିତ ବର୍ଷ ନଦୀଗୁଡ଼ିକ ପୂର୍ଣ୍ଣଗର୍ଭା ହୋଇ ପଡ଼ିଛି। ଆଜି ନିଜ ଚାଷଜମିକୁ ସାର ନେଇ କି ଯିବା ସମୟରେ ମାଲଗାଁ ପଞ୍ଚାୟତର ଭେଣ୍ଡିଆ ଗ୍ରାମର ରାମେଶ୍ବର ଗୌଡ଼ଙ୍କ ବାପା ବଳ ଭଦ୍ର ଗୌଡ଼ ବୋରେହୀ ନଦୀ ପାରି ହେବା ସମୟରେ ହଠାତ ବନ୍ୟା ଜଳ ମାଡି ଆସିବାରୁ ଭାସି ଯାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳି ପାରି ନାହିଁ। ଏଭଳି ପରିସ୍ଥିତିରେ ପ୍ରଶାସନ ସଜାଗ ରହିବାକୁ ଦାବି ହୋଇଛି।

# ସୋନପୁରରେ ଜିଲ୍ଲାସ୍ତରୀୟ ଏଡସ୍ କୁଇଜ୍ ପ୍ରତିଯୋଗିତା

## ରାଜ୍ୟସ୍ତରକୁ ମନୋନୀତ ହେଲେ ପ୍ରିୟାଂଶୀ ମିଶ୍ର ଓ ସଞ୍ଚିତା ସାହୁ



ସୋନପୁର/ବିନିକା, ୨୩।୮ (ଆନିସ): ଏଚ୍ଆଇଭି/ଏଡସ୍ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଓ ଜ୍ଞାନବୃଦ୍ଧି ଉଦ୍ଦେଶ୍ୟରେ ସୋନପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଏଡସ୍ କୁଇଜ୍ ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୬ଟି ବ୍ଲକ୍ରୁ ମୋଟ ୧୨ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସୋନପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଜ୍ଞା ପାରମିତା ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସୋନପୁର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଘନଶ୍ୟାମ ମେହେର ଯୋଗଦେଇ ଏଡସ୍ର ପ୍ରତିରୋଧ, ସଚେତନତା ଓ ଏଚ୍ଆଇଭି ସଂକ୍ରମିତ ବ୍ୟକ୍ତିଙ୍କ ପ୍ରତି ସମାଜର ସକାରାତ୍ମକ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜେଆରସିଓ ଶ୍ରୀ ଚନ୍ଦ୍ରମଣି ବାଘ ଏବଂ ସିନିୟର ଆର୍ପି ଶ୍ରୀ ଚନ୍ଦ୍ରଶେଖର ମହାପାତ୍ର ଉପସ୍ଥିତ ରହିଥିଲେ। ଡିଏଚ୍ଏଚ୍, ସୋନପୁରସ୍ଥିତ ଆଇସିଟିସିର ଜିଲ୍ଲା ଆଇସିଟିସି ସୁପରଭାଇଜର ଶ୍ରୀ ସୁଦାମ ପଧାନ ଏବଂ ଡିଏସ୍ଆରସି କାଉନସେଲର ଶ୍ରୀ ସନ୍ତୋଷ କୁମାର ସାହୁଙ୍କ ସମେତ ବିଭିନ୍ନ କାଉନସେଲର ଓ ଅଧିକାରୀମାନେ ଉପସ୍ଥିତ ରହି ପ୍ରତିଯୋଗିତାକୁ ସଫଳ କରିବାରେ ସହଯୋଗ କରିଥିଲେ।

ପ୍ରତିଯୋଗିତାରେ ଏଚ୍ଆଇଭି/ଏଡସ୍ର କାରଣ, ସଂକ୍ରମଣର ମାଧ୍ୟମ, ପ୍ରତିରୋଧ ବ୍ୟବସ୍ଥା, ଚିକିତ୍ସା ଓ ସଚେତନତା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉପରେ ପ୍ରତିଯୋଗୀମାନଙ୍କ ଜ୍ଞାନ ପରୀକ୍ଷା କରାଯାଇଥିଲା। ଛାତ୍ରଛାତ୍ରୀମାନେ ଉତ୍ସାହର ସହ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ।

ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ପିଏମ୍ଶ୍ରୀ ହାଇସ୍କୁଲ, ସୁବଳୟାର ଛାତ୍ରୀ ପ୍ରିୟାଂଶୀ ମିଶ୍ର ଏବଂ ସିଙ୍ଗାରୀ ହାଇସ୍କୁଲର ଛାତ୍ରୀ ସଞ୍ଚିତା ସାହୁ ରାଜ୍ୟସ୍ତରୀୟ ଏଡସ୍ କୁଇଜ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଦୁଇ ଛାତ୍ରୀଙ୍କ ସଫଳତା ପାଇଁ ଉପସ୍ଥିତ ଅତିଥି, ଶିକ୍ଷକ ଓ ଆୟୋଜକମାନେ ଶୁଭେଚ୍ଛା ଜଣାଇଥିଲେ।

ସଭାର ସଂଯୋଜନା ଓ ପରିଚାଳନା କାଉନସେଲର ଶ୍ରୀ ଜଗଦୀଶ ଦାଶ କରିଥିବାବେଳେ, ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମନରେ ଏଚ୍ଆଇଭି/ଏଡସ୍ ସମ୍ପର୍କରେ ସଠିକ୍ ଜ୍ଞାନ ଓ ସଚେତନତା ସୃଷ୍ଟି କରିବା ସହ ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଥିଲା।

# ଜାତୀୟ ଅନ୍ତରୀକ୍ଷ ଦିବସ ପାଳିତ

ସାରସକଣା, ୨୩।୮ (ଆନିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଝାରପୋଖରିଆ ସ୍ଥିତ ସ୍ଥାନୀୟ ଓଡ଼ିଶା ବ୍ରିଗେଡ ସ୍କୁଲରେ ଶିକ୍ଷକ ଶ୍ରୀଯୁକ୍ତ ରଜତ କୁମାର ବସା ଙ୍କ ତତ୍ତ୍ୱାବଧାନ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମିଳିତ ସହଯୋଗରେ ବ୍ରିଗେଡ୍ ସ୍କୁଲରେ ଜାତୀୟ ଅନ୍ତରୀକ୍ଷ ଦିବସ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ସେଠୀ, ସମ୍ପାଦକ ଶ୍ରୀଯୁକ୍ତ ସାଇକୃପା ଜେନା, ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଦୀପିକା ଦାସ , ବିଦ୍ୟାଳୟ ମ୍ୟାନେଜିଂ କମିଟି ର ସଦସ୍ୟ ଶ୍ରୀମତୀ ମିନତି ସେଠୀ , ବିଦ୍ୟାଳୟ ଉପଦେଷ୍ଟା କମିଟି ର ସଦସ୍ୟ ଶ୍ରୀଯୁକ୍ତ ପ୍ରକାଶ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ଥିଲେ।ପ୍ରାର୍ଥନା ପରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମିତାଞ୍ଜଳି ଶାସମଲ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଦ୍ୟାଳୟ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଶ୍ରୀଯୁକ୍ତ ପ୍ରକାଶ ରଞ୍ଜନ ଦାସ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଦୀପିକା ଦାସ ଜାତୀୟ ଅନ୍ତରୀକ୍ଷ ଦିବସର ମହତ୍ତ୍ୱ ବିଷୟରେ ପିଲାମାନଙ୍କୁ ଅବଗତ କରାଇ ବିଜ୍ଞାନ ପ୍ରତି ପିଲା ମାନଙ୍କ ର ଆଗ୍ରହ ସୃଷ୍ଟି ନିମନ୍ତେ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟ, ଭାଷଣ ପରିବେଷଣ କରିଥିଲେ । ଶ୍ରେଣୀ ୪ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଜାତୀୟ ଅନ୍ତରୀକ୍ଷ ଦିବସ ଉପରେ ବିଶେଷ ପ୍ରଦର୍ଶନ ଉକ୍ତ ଦିନଟିର ମୁଖ୍ୟ ଆକର୍ଷଣ ଥିଲା ।ସମ୍ପାଦକ ଶ୍ରୀଯୁକ୍ତ ସାଇକୃପା ଜେନା ଛାତ୍ରଛାତ୍ରୀଙ୍କୁ ମହାକାଶ ବିଜ୍ଞାନ ପ୍ରତି ଆଗ୍ରହୀ ହେବାକୁ ପ୍ରେରଣା ଦେଇଥିଲେ। ପଞ୍ଚମ , ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ ଉପାଧ୍ୟକ୍ଷା ଶ୍ରୀମତୀ ପ୍ରକୃତି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀଙ୍କ ମନରେ ମହାକାଶ ବିଜ୍ଞାନ ପ୍ରତି ନୂତନ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିଥିଲା।

# ଯୁବ କଂଗ୍ରେସ ପକ୍ଷରୁ ଛାତ୍ର କି ଗୁଞ୍ଜ କାର୍ଯ୍ୟକ୍ରମ

କେନ୍ଦୁଝର: ୨୩ । ୮ (ଆନିସ): ସାରା ଦେଶରେ ଯୁବ ମାନସର ପ୍ରତୀକ, ବିରୋଧ ଦଳର ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସହିତ ବର୍ତମାନ ଛାତ୍ର ଓ ଛାତ୍ରୀମାନଙ୍କ ମଧ୍ୟରେ ଭାବ ବିନିମୟ କାର୍ଯ୍ୟକ୍ରମ ଛାତ୍ର କି ଗୁଞ୍ଜ ଏହି କାର୍ଯ୍ୟକ୍ରମ ଏତେ ଲୋକପ୍ରିୟ ହୋଇପାରିଛି ଯେ ଦେଶରେ ସବୁଆଡେ ଚର୍ଚ୍ଚା ହେଉଛି ଗତକାଲି ସନ୍ଧ୍ୟାରେ ସ୍ଥାନୀୟ କଂଗ୍ରେସ ଭବନ ଠାରେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଗତକାଲି ରାହୁଲ ଗାନ୍ଧୀଙ୍କ ମହାରାଷ୍ଟ୍ରର ପୁନେରେ ଛାତ୍ର କି ଗୁଞ୍ଜ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଟିଭି ମାଧମରେ କଂଗ୍ରେସ ନେତା ମାନେ ଦେଖିଥିଲେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଏହାକୁ ପରିଚାଳନା କରିଥିଲେ ଏଥିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲ୍ଲା ଓବିସି କଂଗ୍ରେସ ସଭାପତି ଯଦୁମଣି ବାରିକ, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ରଶ୍ମିରଞ୍ଜନ ଜେନା, ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ସୁରଥ ସାହୁ, ସାଧାରଣ ସମ୍ପାଦକ ସୁଜଳ ସେଠି, ଦୀନେଶ ରାଉତ, ନିର୍ମଳ ନାଏକ, ରତ୍ନାକର ଜେନା, ସବିତା ସାହୁ, ସୋନାଲି ମାର୍ଣ୍ଡି, ରଘୁନାଥ ପାତ୍ର, ପ୍ରଦୀପ ଦାସ, ଚିତ୍ତରଞ୍ଜନ ରାଉତ, ପୂର୍ଣ୍ଣଚନ୍ଦ୍ର ଦାସ, ବ୍ଲକ ସଭାପତି ସୁବ୍ରତ ନାୟକ, ରମେଶ ବାରିକ, ସନ୍ତୋଷ ସାମଲ,ଚନ୍ଦ୍ରବୀର ମହାନ୍ତ, ଅମିତ କୁମାର ମହାନ୍ତ, ରାମଚନ୍ଦ୍ର ମହାରଣା, ଗୋବିନ୍ଦ ମହାନ୍ତ, ହାଡିବନ୍ଧୁ ଖୁଣ୍ଟିଆ, ସୁବ୍ରତ ପ୍ରଧାନ, ସୁଭାଷ ପ୍ରଧାନ ଏବଂ ଯୁବ କଂଗ୍ରେସ ନେତା ସନତ ପାଢ଼ୀ, ଅଭିନାଶ ଓଝା, ଆନନ୍ଦ ମାଝୀ, ବ୍ୟାସଦେବ ବେହେରା, ସୁନୀଲ ମୁଣ୍ଡା, ଅମିତ ରାଉତ,ସଂଗ୍ରାମ ବେହେରା ଓ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ

# ନାରୀ ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ

## ନାରୀଙ୍କ ସମ୍ମାନ ଓ ସମାନ ଅଧିକାର ନିଶ୍ଚିତ ହେଲେ ହିଁ ଏକ ସୁସ୍ଥ ଓ ସମାନତା ଭିତ୍ତିକ ସମାଜ ଗଠନ ସମ୍ଭବ

ସାରସକଣା, ୨୩।୮ (ଆନିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ପରିସରରେ ନାରୀ ସଶକ୍ତିକରଣ ଓ ମହିଳାମାନଙ୍କ ଅଧିକାର ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ନାରୀ ସଶକ୍ତିକରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରହଲ୍ଲାଦ ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଥିବା ଏହି କର୍ମଶାଳାରେ ଅଧ୍ୟକ୍ଷ ମହାବିଦ୍ୟାଳୟ ପରିସରକୁ ଏକ ମାନବିକତା ସମାନତା ଓ ନୈତିକତାର ପିଠସ୍ଥଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ କର୍ମଶାଳାରେ ନାରୀଙ୍କ ଶିକ୍ଷା, ସ୍ୱାବଲମ୍ବନ, ସମାନ ଅଧିକାର, ସୁରକ୍ଷା ଓ ସାମାଜିକ ନ୍ୟାୟ ଉପରେ ଆଲୋଚନା କରାଯାଇଥିଲା। ନାରୀମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ସହ ଶିକ୍ଷା ଓ ଦକ୍ଷତା ମାଧ୍ୟମରେ ଆତ୍ମନିର୍ଭର ହେବା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ନିଜ ସୁରକ୍ଷା, ଆତ୍ମବିଶ୍ୱାସ ଓ ଭବିଷ୍ୟତ ଗଠନ ଦିଗରେ ଆଗେଇ ଆସିବାକୁ ଆହ୍ୱାନ କରାଯାଇଥିଲା। ନାରୀଙ୍କ ସମ୍ମାନ ଓ ସମାନ ଅଧିକାର ନିଶ୍ଚିତ ହେଲେ ହିଁ ଏକ ସୁସ୍ଥ ଓ ସମାନତା ଭିତ୍ତିକ ସମାଜ ଗଠନ ସମ୍ଭବ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା।ଏହି କର୍ମଶାଳାରେ ଝାରପୋଖରିଆ ଥାନା ଅଧିକାରୀ ଶ୍ରୀଯୁକ୍ତ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନ୍ୟାୟ ସଂହିତାର ବିଭିନ୍ନ ଧାରା ବିଷୟରେ ବିଷଦ ବାଖ୍ୟା କରି ଛାତ୍ରୀ ଓ ମହିଳା କର୍ମଚାରୀ ମାନଙ୍କୁ ତାର ସଦୁପଯୋଗ କରିବା ପାଇଁ ବୁଝାଇଥିଲେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଂଯୋଯିକା ଡଃ ପ୍ରାଚୀପ୍ରଭା ପଢିଆରୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ପୋସ୍ଆକ୍ଟ ବିଷୟରେ ବାଖ୍ୟା କରିଥିଲେ ଅନ୍ୟମାନଙ୍କ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ଅନିଲ କୁମାର ଝା, ପ୍ରାଧ୍ୟାପକ ଶ୍ରୀଯୁକ୍ତ ରଞ୍ଜନ କୁମାର ମହାନ୍ତି , ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ମୁଖ୍ୟା ଡଃ ଧରିତ୍ରୀ ବେହେରା କମିଟିର କାର୍ଯ୍ୟଶୈଳୀ ସଂପର୍କରେ ଦିଗଦର୍ଶନ ଦେଇଥିଲେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ମାନେ ମହାବିଦ୍ୟାଳୟର ପରିସରକୁ ସମାନତା, ସ୍ୱାଧୀନତା, ସମାନ ସୁଯୋଗ ଓ ଭେଦଭାବ ଶୁନ୍ୟ କରିବା ପାଇଁ ଶପଥ ପାଠ କରିଥିଲେ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଯଥା ଲେଫ୍ଟନେଣ୍ଟ ନିହାର ରଞ୍ଜନ ମହାନ୍ତ, ଅଜୟ କୁମାର ପରିଡା, ସପ୍ନେସ୍ୱରୀ ମୁର୍ମୁ, ସ୍ନିଗ୍ଧା ଆଚାର୍ଯ୍ୟ, ରାମକୃଷ୍ଣ ହରିଜନ, ନିରୋଜ ରଞ୍ଜନ ମହାନ୍ତ ସହଯୋଗ କରିଥିଲେ ପରିଶେଷରେ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଂଯୋଯିକା ଡଃ ପ୍ରାଚୀପ୍ରଭା ପଢିଆରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ

ଫୁଲବାଣୀ,୨୩। ୦୮ (ଆନିସ): ଆଜି ବିଶ୍ୱ ବରିଷ୍ଠ ନାଗରିକ ଦିବସକୁ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବହୁ ଆଡମ୍ବରରେ ପାଳିତ ହୋଇଛି



। ଫୁଲବାଣୀ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ, ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସ୍ୱାଗତ ସଂଗୀତରେ ବନ୍ଦେ ଉତ୍କଳ ଜନନୀ ଗୀତକୁ ଯୁବ କଣ୍ଠଶିଳ୍ପୀ ସନ୍ତୋଷ କୁମାର ଶର୍ମା ଗାନ କରିଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ କରାଯାଉଥିବା ବିଭିନ୍ନ ଲୋକ କଲ୍ୟାଣ କାର୍ଯ୍ୟକ୍ରମ ସହିତ ଆଜି ସହରର ଚାହା ଦୋକାନୀ ମାନଙ୍କୁ କାଚ ଗ୍ଲାସ୍ ରେ ଚାହା ବିକ୍ରି କରିବା ପାଇଁ ଉତ୍ସାହିତ କରିବା ଭଳି ପଦକ୍ଷେପ କୁ ଜିଲ୍ଲାପାଳ ସ୍ୱାଗତ କରିବା ସହିତ ଜିଲ୍ଲାରେ ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ ଜିଲ୍ଲାପାଳ। ଅନ୍ୟତମ ଅତିଥିଭାବେ ଡିଏସପି ଶ୍ରୀ ବିବେକାନନ୍ଦ ସ୍ୱାଇଁ ଯୋଗ ଦେଇ ବରିଷ୍ଠ ନାଗରିକ ମାନେ ସେମାନଙ୍କର ବିଭିନ୍ନ ଆବଶ୍ୟକୀୟ ସୁବିଧା ଉପଲବ୍ଧ କରିବା ଏଥିପାଇଁ ଆଇନ ବ୍ୟବସ୍ଥା ରେ ଥିବା ବିଭିନ୍ନ ଆଇନ ବାବଦରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଶ୍ରୀ ପଦ୍ମଚରଣ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ଶ୍ରୀ ପ୍ରଣବ କୁମାର ମଣ୍ଡଳ ପ୍ରଥମେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାକୁ ସଂଗଠନ ସମ୍ପାଦକ ଶ୍ରୀ ବଂଶୀଧର ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ବରିଷ୍ଠ ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ଶ୍ରେଷ୍ଠ ରକ୍ତଦାତା ସମ୍ମାନ ୧୭୨ ଥର ରକ୍ତଦାନ କରିଥିବା ବରିଷ୍ଠ ରକ୍ତଦାତା ଶ୍ରୀ ପ୍ରଶାନ୍ତ କୁମାର ବେହେରାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ପକ୍ଷରୁ ପୂର୍ବରୁ କରାଯାଇଥିବା ବକ୍ତୃତା ପ୍ରତିଯୋଗୀତା ର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଂଗଠନର କାର୍ଯ୍ୟକାରୀ ସଭାପତି ନବକିଶୋର ରଥ,ଉପସଭାପତି ଶ୍ରୀମତୀ ମଞ୍ଜୁଳା ପାଣିଗ୍ରାହୀ ଓ ପିତାମ୍ବର ମିଶ୍ର, ଯୁଗ୍ମ ସମ୍ପାଦକ ଶ୍ରୀ ଅମୀୟ ଦାସ ଓ ପ୍ରମୋଦ କୁମାର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଶେଷରେ ଶ୍ରୀ ନବକିଶୋର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam, Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, **Ph. (0680) 3560603, 7749999711, 9337892106,**

**ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା**
**Editor: Pramod Kumar Panda**